

'ଅବତାର ୩'ରେ
'ରାମାୟଣ' ପ୍ରୋମୋ
▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-173 •FRIDAY •19 DECEMBER 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୧୭୩ •ଶୁକ୍ରବାର •୧୯ ଡିସେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦



# TETRAHEDRON GROUP OF INSTITUTIONS

TANGI, CUTTACK

## TETRAHEDRON HIGHER SECONDARY SCHOOL
## TETRAHEDRON WOMEN'S HIGHER SECONDARY SCHOOL
## TETRAHEDRON RESIDENTIAL COACHING FOR NEET, JEE & CBSE (XI)
## TETRAHEDRON KIND INTERNATIONAL SCHOOL

**TANGI, CUTTACK -754022, Mob. : 8093064522, 8093064525**

**2025 : 126 MBBS ADMISSIONS 2024 : 71 MBBS ADMISSIONS 2023 : 54 MBBS ADMISSIONS**

## OUR CHSE RESULTS - 2025

**100% RESULT**

| | |
|---|---|
| Above 95% 14 STUDENTS | Above 560 51 STUDENTS |
| Above 90% 199 STUDENTS | Above 89% 236 STUDENTS |
| Above 88% 285 STUDENTS | Above 500 536 STUDENTS |
| Above 80% 714 STUDENTS | Above 75% 902 STUDENTS |
| Above 70% 1023 STUDENTS | Above 60% 1120 STUDENTS |

581 ABINASH PANDA
R. NO. : 312CZ142
MOB. : 8926374475

580 ANANYA ANUPRITA
R.NO. : 321CZ001
M. : 6372522094

578 ANUNJAYA R.NO. : 312CZ044 M. : 9937820270
575 HARAPRASAD R.NO. : 312CZ052 M. : 9777635809
574 ANANYA R.NO. : 321CZ018 M. : 9178552089
574 PRIYADARSHINI R.NO. : 321CZ020 M. : 8456010982
574 RUTUPARNA R.NO. : 321CZ025 M. : 8908000397
573 ASHUTOSH R.NO. : 312CZ009 M. : 7008710810
573 SWARNA PRAVA R.NO. : 321CZ002 M. : 9348538749
572 SOUMYAK R.NO. : 312CZ015 M. : 6372996292
572 SANDEEP R.NO. : 312CZ021 M. : 9438775289
572 SAI ARPIT R.NO. : 312CZ118 M. : 8917543238
571 PRIYANKA R.NO. : 321CZ016 M. : 8328937059
570 SWAYAM R.NO. : 312CZ039 M. : 9583495922

569 ARPIT R.NO. : 312CZ011 M. : 7894911960
568 SUBHALAXMI R.NO. : 321CZ017 M. : 6371705857
568 BHAGYASHREE R.NO. : 321CZ509 M. : 9853578058
568 SWAYAMSHREE R.NO. : 321CZ510 M. : 9827872997
567 SATYAJIT R.NO. : 312CZ010 M. : 7978274905
567 SUBHASHREE SUBHASMITA R.NO. : 321CZ068 M. : 7978768887
567 ASHASRI R.NO. : 321CZ111 M. : 9237473625
567 PRAGYNA PARMITA R.NO. : 321CZ065 M. : 9937431840
566 RUMITA R.NO. : 321CZ024 M. : 9178152840
565 SUBHAM HARAPRIYA R.NO. : 312CZ033 M. : 9668325122
564 BABUL R.NO. : 312CZ093 M. : 7381834918

564 BINODINI R.NO. : 321CZ072 M. : 9438279824
564 TANUSHREE R.NO. : 321CZ082 M. : 8457958145
564 MOHIT R.NO. : 312CZ003 M. : 7042591220
564 SHUBHAM R.NO. : 312CZ007 M. : 9937533036
564 SUBHASMITA R.NO. : 321CZ011 M. : 8338816946
564 SUBHANKAR R.NO. : 312CZ026 M. : 7064837405
563 ANANYA R.NO. : 321CZ063 M. : 7894879290
563 CHINMAYA R.NO. : 312CZ097 M. : 7750985855
563 PRIYANKA R.NO. : 321CZ039 M. : 9883320962
563 RAJESH R.NO. : 312CZ008 M. : 9437824159
563 RASHMITA R.NO. : 321CZ122 M. : 8249824883
563 RUTENDRA R.NO. : 312CZ005 M. : 8376946436
563 RUDRA NARAYAN R.NO. : 312CZ104 M. : 7908558686
562 DIBYAJYOTI R.NO. : 312CZ086 M. : 9692268696

## 127 MBBS ADMISSIONS IN -2025

AIIMS, KALYANI — SOURAV RANJAN, JAJPUR, M. : 9337135920
AIIMS, KALYANI — AMIT ANSUMAN, JAJPUR, M : 8260552053
AIIMS, KALYANI — G.S TANISHA, BHADRAK, M : 6370203229
AIIMS, DEOGRAH — SOUMYA RANJAN, KENDRAPARA, M: 9853490176
AIIMS, BBSR — ASHUTOSH (SC), SAMBALPUR, M : 9438110102
SCB, CUTTACK — PRANAB KUMAR, CUTTACK, M : 9348405006
SCB, CUTTACK — SUBHASANKAR, BALASORE, M. : 9556941413
SCB, CUTTACK — ASHUTOSH, KENDRAPARA, M : 7735074814
SCB, CUTTACK — SOMESH PRASAD, TALCHER, ANGUL, M. : 7849035336
SCB, CUTTACK — SWARAJ, JAGATSINGHPUR, M. : 6372296215
SCB, CUTTACK — MONALISHA, KEONJHAR, M. : 9938758948
SCB, CUTTACK — ANSUMAN, CUTTACK, M. :6372343040
SCB, CUTTACK — PRASANTA KU., JAJPUR, M : 7894331492

SCB, CUTTACK — ARCHITA, CUTTACK, M. : 7978178553
SCB, CUTTACK — ASIS KUMAR, KEONJHAR, M : 9827856657
SCB, CUTTACK — SASWAT (SC), BHADRAK, M. : 7205636020
MKCG, BERHAMPUR — SUBHASHISH, JAJPUR, M. : 9040499246
MKCG, BERHAMPUR — SOVNA, JAJPUR, M : 7978917103
MKCG, BERHAMPUR — SATYARANJAN, CUTTACK, M. : 8249555100
MKCG, BERHAMPUR — KABIR, CUTTACK, M. :8917235240
MKCG, BERHAMPUR — IRA MOHANTY, JAJPUR, M. :9438174925
MKCG, BERHAMPUR — SWATI SNIGHDA, BARIPADA, M. : 9337135920
MKCG, BERHAMPUR — SURYASNATA, SALIPUR, CUTTACK, M. : 9439942163
MKCG, BERHAMPUR — SOUBHAGYA RANJAN, JAJPUR, M. : 9692767335
MKCG, BERHAMPUR — JAYASHREE, JAJPUR, M. : 7077298174
MKCG, BERHAMPUR — R.S. BHAKTI SWARUPA, CUTTACK, M. : 9777746799
MKCG, BERHAMPUR — PRADIP KUMAR, CUTTACK, M. : 8338869928

MKCG, BERHAMPUR — ROHIT RASHMI, KHURDA, M. : 9090478270
MKCG, BERHAMPUR — ASISH, KENDRAPARA, M. : 8093906398
MKCG, BERHAMPUR — RUDRA NARAYAN, JAJPUR, M. : 8908938985
MKCG, BERHAMPUR — SWADHIN(SGS), M. :7854314982
MKCG, BERHAMPUR — SUSHREE SUHANI(SC), CUTTACK, M. : 9178426437
MKCG, BERHAMPUR — SANJIB KUMAR, CUTTACK, M. : 8658284937
VIMSAR,BURLA — RAJ KUMAR, BHUBANESWAR, M. : 9937125766
VIMSAR, BURLA — RAJENDRA, KENDRAPARA, M. : 8249757722
VIMSAR, BURLA — SAIEED, JAJPUR, M. : 8984303637

VIMSAR, BURLA — RESHMA RANI (SC), M. : 9937096914
VIMSAR, BURLA — GOURAV, M. : 8895425628
VIMSAR, BURLA — RATISH (SC), KENDRAPARA, M. : 7978517118
SJMCH, PURI — GYANA RANJAN, JAJPUR, M. : 8984012686
SJMCH, PURI — AMIT KUMAR, CUTTACK, M. : 9692868645
SJMCH, PURI — RITIK NARENDRA, NAYAGARH, M. : 7855924761
SJMCH, PURI — ANUPAMA, JAJPUR, M. : 8260543757
SJMCH, PURI — JYOTIRANJAN, JAGATSINGHPUR, M. : 9090317675
SJMCH, PURI — SONALI (SC), CUTTACK, M. : 6371635236

PRM, BARIPADA — BARSHA PRIYADARSHINI(SC), M. : 9439515013
PRM, BARIPADA — RATISH (SGS), CUTTACK, M. :9827478828
PRM, BARIPADA — ABHILIPSA(ST), M. : 8260874913
PRM, BARIPADA — IPSITA, BARIPADA, M. : 7847007731
PRM, BARIPADA — AYUSHMAN, DHENKANAL, M. : 7854804182
SLN, KORAPUT — CHETAS RAJ, CUTTACK, M. : 7978884500
SLN, KORAPUT — JAGURUTIMAYEE, BOLANGIR, M. : 9777510848
SLN, KORAPUT — DIBYARANJAN, BHADRAK, M. :8658710726
SLN,KORAPUT — SUBHASHREE(SGS), M. : 9938624976
FM, BALASORE — AMIT KUMAR, JAJPUR, M. : 9348601405
FM, BALASORE — ASHUTOSH, JAJPUR, M. : 9438213231
FM, BALASORE — DEEPANKAR, JAJPUR, M. : 7750878883
FM, BALASORE — PRATIKSHYA (SGS), CUTTACK, M. : 9875669797
FM, BALASORE — ARUP, ANGUL, M. : 8260114745
FM, BALASORE — SARASWATA, CUTTACK, M. : 9827707252
PRM, BARIPADA — MOUSUMI, MAYURBHANJ, M. : 7008778013

### INTEGRATED STUDENT'S

RIMS, RANCHI — RAJESH, M : 6370895135
SJMCH, PURI — SUBHANKAR, M. : 9310679902
FM, BALASORE — PRIYANSHI, M. : 7735776269
PRM, BARIPADA — SUBHAM, M. : 9937533036
PRM,BARIPADA — LOKANATH, M. : 8084711270
PRM, BARIPADA — SWARNAPRAVA, M. : 9348538749
PMP MCH, TALCHER — ARPIT, MAYURBHANJ

### 127 MBBS ADMISSIONS IN -2025

| | |
|---|---|
| AIIMS 5 STUDENTS | SCB, CUTTACK 11 STUDENTS |
| MKCG, BERHAMPUR 17 STUDENTS | VIMSAR, BURLA 6 STUDENTS |
| PRM, BARIPADA 10 STUDENTS | FM, BALASORE 7 STUDENTS |

9040363480, 8093064522
8093064525, 7008222977

Tetrahedron Tangi · Tetrahedrongroup, www.tetrahedrontangi.com
tetrahedronjuniorcollege@gmail.com / tetrahedronwomenshss@gmail.com

■ ନବୀନଙ୍କୁ ଫେରାଦ ହେଲେ ଶେରଗଡ଼ ବିଜେଡି କର୍ମୀ

# ବିକାଶ କାମରେ ସରକାର ଉଦାସୀନ

■ ଦଳୀୟ ଭିତ୍ତିରେ କାମ କରୁଛି ଜିଲ୍ଲା ପୁଲିସ
■ ଧାନ ସଂଗ୍ରହରେ ଅବ୍ୟବସ୍ଥା କାରଣରୁ ଚାଷୀ ହେଉଛନ୍ତି ହଇରାଣ
■ ପ୍ରଶାସନ ସହ ଆଲୋଚନା କରିବାକୁ ନବୀନ ଦେଲେ ପ୍ରତିଶ୍ରୁତି



ଭୁବନେଶ୍ୱର,୧୮।୧୨(ସମିସ): ଗଞ୍ଜାମ ଜିଲ୍ଲା ହିଞ୍ଜିଳି ନିର୍ବାଚନମଣ୍ଡଳୀ ଅଧୀନ ଶେରଗଡ଼ ବ୍ଲକର ଜନସାଧାରଣ, ବିଜେଡି ନେତା ଏବଂ କର୍ମୀ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସାକ୍ଷାତ କରିଛନ୍ତି। ଶେରଗଡ଼ ବ୍ଲକରେ ବିକାଶ କାମରେ ସରକାରୀ ଉଦାସୀନତା ଓ ଆଇନଶୃଙ୍ଖଳା ଅଧିକାରୀ ଦଳୀୟ ମନୋଭାବ ନେଇ ବିଜେଡି କର୍ମୀଙ୍କୁ ହଇରାଣ ହରକତ କରୁଥିବା ନେଇ ସେମାନେ ନବୀନଙ୍କ ଆଗରେ ଫେରାଦ ହୋଇଛନ୍ତି। ଜିଲ୍ଲା ପୁଲିସ ପ୍ରଶାସନ ଦଳୀୟ ଭିତ୍ତିରେ କାମ କରୁଥିବା ଓ ବିଜେଡି କର୍ମୀମାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ହଇରାଣ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ଏଭଳି ପ୍ରଶାସନିକ ଉଦାସୀନତା ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଏ ବିଷୟରେ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ସରକାରୀ ଉଦାସୀନତା ଯୋଗୁଁ ନିର୍ବାଚନମଣ୍ଡଳୀରେ ବିକାଶ କାମ ଅଧପନ୍ତରିଆ ପଡ଼ିଥିବା ସ୍କୁଲରେ ଶିକ୍ଷକ ପଦବୀ ପୂରଣ ହେଉନାହିଁ। ଡାକ୍ତରଙ୍କ ସମେତ ବିଭିନ୍ନ ସରକାରୀ ଅଧିକାରୀଙ୍କୁ ଶେରଗଡ଼ ବାହାରକୁ ମନଇଚ୍ଛା ବଦଳି କରାଯାଉଥିବା ଓ ଖାଲି ପଦବୀ ପୂରଣ କରା ନ ଯାଉଥିବାରୁ ସ୍ୱାସ୍ଥ୍ୟ ସେବା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡିଛି। ଏପରିକି କେତେକ ସ୍କୁଲରେ ବିଦ୍ୟୁତ୍ ସଂଯୋଗ ଦିଆଯାଉ ନ ଥିବା ଯୋଗୁଁ ଶିକ୍ଷାଦାନରେ ଅବନତି ହେଉଥିବା ନେଇ ସେମାନେ ଶ୍ରୀ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଧାନ ସଂଗ୍ରହରେ ଅବ୍ୟବସ୍ଥା ଯୋଗୁଁ ଚାଷୀ କିପରି ହଇରାଣ ହେଉଛନ୍ତି ସେ ବିଷୟରେ ଶ୍ରୀ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଖାଦ୍ୟ ସୁରକ୍ଷା ଓ ସାମାଜିକ ସୁରକ୍ଷା ଭତ୍ତା ପାଇବାରେ ହିତାଧିକାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସେମାନେ ଶ୍ରୀ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଆଲୋଚନା ସମୟରେ ବିରୋଧୀ ଦଳ ନେତାଙ୍କ ହିଞ୍ଜିଳି ପ୍ରତିନିଧି ଦେବାନନ୍ଦ ମହାପାତ୍ରଙ୍କ ସମେତ ଶେରଗଡ଼ର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ନ୍ୟାସନାଲ ହେରାଲ୍ଡ ମାମଲା

# ସବୁ ଜିଲ୍ଲାରେ ଗର୍ଜିଲା କଂଗ୍ରେସ



ଭୁବନେଶ୍ୱର,୧୮।୧୨(ସମିସ): ନ୍ୟାସନାଲ ହେରାଲ୍ଡ ମାମଲାରେ କଂଗ୍ରେସର ନୈତିକ ବିଜୟ ହୋଇଥିବା ଦର୍ଶାଇ ସାରା ରାଜ୍ୟରେ ପ୍ରତିବାଦକୁ ଜୋରଦାର କରିଛି କଂଗ୍ରେସ। ରାଜ୍ୟ କଂଗ୍ରେସର ନିର୍ଦ୍ଦେଶକ୍ରମେ ଗୁରୁବାର ସମସ୍ତ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବିଜେପି ସରକାର ବିରୋଧରେ ପ୍ରତିବାଦ ରାଲି ଆୟୋଜନ କରାଯାଇଛି। ରାଜ୍ୟର ସବୁ ସାଂଗଠନିକ ଜିଲ୍ଲାରେ କଂଗ୍ରେସ କାର୍ଯ୍ୟାଳୟରୁ ପ୍ରତିବାଦ ରାଲି ବାହାରି କେନ୍ଦ୍ର ସରକାରଙ୍କ ପ୍ରତିଶୋଧ ପରାୟଣ ରାଜନୀତିକୁ ନିନ୍ଦା କରାଯିବା ସହ ନାରାବାଜି କରାଯାଇଛି। କିଛି ଜିଲ୍ଲାରେ ଜିଲ୍ଲା ବିଜେପି କାର୍ଯ୍ୟାଳୟ ଘେରାଉ ପାଇଁ କଂଗ୍ରେସ କର୍ମୀ ଉଦ୍ୟମ କରିବା ସହ କିଛି ଜିଲ୍ଲାରେ ପ୍ରତିବାଦ ସଭା ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଚନ୍ଦ୍ରଶେଖରପୁର ନାଲକୋ ଛକସ୍ଥିତ ମହାତ୍ମା ଗାନ୍ଧୀ ପାର୍କଠାରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଧାରଣା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ଜେନା କହିଥିଲେ ଯେ ଗାନ୍ଧୀ ପରିବାରକୁ ବଦ୍‌ନାମ କରିବା ପାଇଁ ବିଜେପି ଯେଉଁ ଚକ୍ରାନ୍ତ କରିଥିଲା, ସେଥିରେ କୋର୍ଟ କଂଗ୍ରେସକୁ ଦୋଷମୁକ୍ତ କରି ବିଜେପିର ଅସଲ ମୁଖାକୁ ଖୋଲି ଦେଇଛନ୍ତି। ଆଗାମୀ ଦିନରେ ଜନତା ମଧ୍ୟ ଏହାର ଜବାବ ଦେବେ ବୋଲି ଶ୍ରୀ ଜେନା କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ମନୋରଞ୍ଜନ ଦାଶ, ଆଲୋକ ମହାନ୍ତିଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

ବିଜୟ ମହାପାତ୍ରଙ୍କ ଘରେ ମହମ୍ମଦ ମୋକିମ୍

# ଦାନା ବାନ୍ଧିଲା ନୂଆ ଦଳ ଗଠନର କଳ୍ପନାଜଳ୍ପନା



ଭୁବନେଶ୍ୱର,୧୮ ।୧୨(ସମିସ): ଗତକାଲି କଂଗ୍ରେସରୁ ବହିଷ୍କୃତ ହେବା ପରେ ଗୁରୁବାର ପୂର୍ବତନ ବିଜେପି ନେତା ବିଜୟ ମହାପାତ୍ରଙ୍କୁ ଭେଟିଛନ୍ତି ପୂର୍ବତନ କଟକ ବିଧାୟକ ମହମ୍ମଦ ମୋକିମ୍। ଶ୍ରୀ ମହାପାତ୍ରଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ମୋକିମ ଉଭୟଙ୍କ ମଧ୍ୟରେ ଦୀର୍ଘ ସମୟ ଆଲୋଚନା ହୋଇଛି। ଯଦିଓ ଏହି ସାକ୍ଷାତକୁ ଉଭୟ ସୌଜନ୍ୟମୂଳକ ବୋଲି କହିଛନ୍ତି, ମାତ୍ର ସାମ୍ପ୍ରତିକ ସମୟ ଓ ରାଜନୈତିକ ପାଣିପାଗକୁ ଦେଖିଲେ ଏହାକୁ କେବଳ ସାଧାରଣ ସାକ୍ଷାତ ବା ସୌଜନ୍ୟ ଆଲୋଚନା ରୂପେ କେହି ଗ୍ରହଣ କରିପାରୁ ନାହାନ୍ତି । ଗତ କିଛିଦିନ ହେଲା ରାଜ୍ୟରେ ଏକ ନୂଆ ରାଜନୈତିକ ଦଳ ଗଠନ ଆଲୋଚନା ଚାଲିଥିବା ସମୟରେ ଉଭୟଙ୍କ ସାକ୍ଷାତ ପରେ ଏହି ଚର୍ଚ୍ଚା ଦାନା ବାନ୍ଧିଛି।

ବିଜୟଙ୍କ ସହ ସାକ୍ଷାତ ପରେ ମହମ୍ମଦ ମୋକିମ କହିଛନ୍ତି, ବିଜୟ ମହାପାତ୍ର ମୋର ବଡ଼ ଭାଇ ସଦୃଶ। ସେ ନୂଆ ଲୋକ ନୁହେଁ କି ବାହାରୁ ଆସି ନାହାନ୍ତି। ଆମେ ବାରମ୍ବାର ଭେଟୁ। ସେଥିପାଇଁ ତାଙ୍କୁ ଭେଟିବାକୁ ଆସିଥିଲି । ଆମେ ବାର୍ତ୍ତାଳାପ କଲୁ। ଏଥିରେ କିଛି ନୂତନତ୍ୱ ନାହିଁ ବୋଲି ମୋକିମ୍ କହିଛନ୍ତି। ସେହିପରି ଏହି ସାକ୍ଷାତ ପରେ ବରିଷ୍ଠ ରାଜନେତା ବିଜୟ ମହାପାତ୍ର କହିଛନ୍ତି ଯେ ଆଗାମୀ ୨୦୨୬ ଏକ ଘଟଣା ବହୁଳ ବର୍ଷ ହେବ ବୋଲି ମୁଁ ପୂର୍ବରୁ କହିଛି। ତେବେ ମୋକିମ୍ ପୂର୍ବରୁ ବହୁଥର ଆସିଛନ୍ତି। ଆମ ଭିତରେ ଆଲୋଚନା ହୁଏ। ଏହି ସାକ୍ଷାତ ସମୟରେ କିଛି ରାଜନୈତିକ ଚର୍ଚ୍ଚା ହୋଇନି। କେବଳ ବ୍ୟକ୍ତିଗତ ଆଲୋଚନା ହୋଇଛି। ତେବେ ନୂଆ ଦଳ ପ୍ରସଙ୍ଗରେ ସେ ଉତ୍ତର ଦେଇ କହିଛନ୍ତି, ଯେ ନୂଆ ଦଳ ବିଷୟରେ ମୁଁ କିଛି ଜାଣି ନାହିଁ। ହେଲେ ଏହି ବୈଠକ ସମୟରେ ବିଜେଡି କିପରି ଗଠନ ହୋଇଥିଲା ବୋଲି ଏଠାରେ ଆଲୋଚନା ହୋଇଛି ଓ ବର୍ତ୍ତମାନ ଓଡ଼ିଶା ରାଜନୀତିର ଚିତ୍ର ଅସ୍ପଷ୍ଟ ରହିଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ମହମ୍ମଦ ମୋକିମ କଂଗ୍ରେସରୁ ବହିଷ୍କୃତ ହେବା ପରେ ସେ ଏକ ନୂଆ ରାଜନୈତିକ ଦଳ ଗଠନ କରିବେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏହାସହିତ ବିଜୟ ମହାପାତ୍ର ମଧ୍ୟ ଅତୀତରେ ରାଜ୍ୟରେ ନୂଆ ଦଳ ଗଠନକୁ ନେଇ ଅସ୍ୱୀକାର କରି ନାହାନ୍ତି। ତେଣୁ ଉଭୟଙ୍କ ସାକ୍ଷାତ ପରେ ରାଜ୍ୟରେ ବିଭିନ୍ନ ଦଳରୁ ଯେଉଁ ନେତାମାନେ ଅସନ୍ତୁଷ୍ଟ ହୋଇ ରହିଛନ୍ତି, ସେମାନଙ୍କୁ ଏକାଠି କରି ଏକ ନୂଆ ରାଜନୈତିକ ସମୀକରଣ ସୃଷ୍ଟି କରିବା ନେଇ ଚେଷ୍ଟା ଆରମ୍ଭ ହୋଇଥିବା ଚର୍ଚ୍ଚା ହେଉଛି। ୨୦୨୬ରେ ଅନେକ ରାଜନୈତିକ ଘଟଣା ଘଟିବା ନେଇ ବିଜୟ ମହାପାତ୍ର ପୂର୍ବରୁ କହିଛନ୍ତି। ମହମ୍ମଦ ମୋକିମ ତାଙ୍କୁ ସାକ୍ଷାତ କରିବା ଏହି ଚର୍ଚ୍ଚାରେ ଆହୁରି ଖୋରାକ୍ ଯୋଗାଇଛି।

## ସମ୍ପର୍କ ସାଜିଲା ବଇରୀ

### ଜମିବାଡ଼ି ପାଇଁ ମା'କୁ ଗାଡ଼ି ମଡ଼ାଇ ହତ୍ୟା

ଯାଜପୁର/ପାଣିକୋଇଲି,୧୮ ।୧୨(ସମିସ): ଜମିବାଡ଼ି ପାଇଁ ବୁଢ଼ୀ ମା'କୁ ଗାଡ଼ି ମଡ଼ାଇ ହତ୍ୟା। ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ଖାନ୍ଦରାପୁର ସିଙ୍ଗଡ଼ା ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମୃତକ ହେଲେ, ସ୍ୱର୍ଗତ ଫୋଇନ ସାହୁଙ୍କ ପତ୍ନୀ କୁଲି ସାହୁ। ଏହି ଘଟଣାରେ ପୁଲିସ କୁଲିଙ୍କ ପୁଅ ନାରାୟଣ ସାହୁ ଓ ସାନ ନାତି ଗଣେଶକୁ ଅଟକ ରଖି ପଚରାଉଚରା କରୁଛି। ନାରାୟଣଙ୍କ ବଡ଼ପୁଅ କାର୍ତ୍ତିକ ଫେରାର୍ ହୋଇଯାଇଛି। ତାକୁ ଧରିବା ପାଇଁ ପୁଲିସ ତନାଘନା ଚଳାଇଛି।

ସୂଚନା ମୁତାବକ, କୁଲି ଓ ପୁଅ ନାରାୟଣ ମଧ୍ୟରେ ଜମିବାଡ଼ିକୁ କେନ୍ଦ୍ର କରି ବିବାଦ ଲାଗି ରହିଥିଲା। ନାରାୟଣ ତାଙ୍କ ବାପା ଓ ମାଆଙ୍କୁ ଖାଇବାକୁ ନ ଦେଇ ନାନାଦି ଅତ୍ୟାଚାର କରୁଥିଲେ। ଫଳରେ ସ୍ୱାମୀ ଓ ସ୍ତ୍ରୀ ମିଶି କିଛି ଜମି ତାଙ୍କ ବିବାହିତ ଝିଅ ଅନୀତାଙ୍କ ନାମରେ କରିଦେଇଥିଲେ। ବାପାଙ୍କ ମୃତ୍ୟୁ ପରେ କୁଲିଙ୍କ ଉପରେ ନିର୍ଯାତନା ବଢ଼ିବାରୁ ସେ ଝିଅ ଘରେ ରହି ଆସୁଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଥାନାରେ ମାମଲା ମଧ୍ୟ ହୋଇଥିଲା। ଏଥିପାଇଁ ମା', ଝିଅ ଆଜି ଥାନାକୁ ଯାଉଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥର ସିଙ୍ଗଡା ଗଳିପୋଲ ତଳ ସଂଯୋଗୀକରଣ ରାସ୍ତାରେ ନାରାୟଣଙ୍କ ବଡ଼ ପୁଅ କାର୍ତ୍ତିକ ଏକ ପିକ୍-ଅପ୍ (ଓଡି ୦୪ଇ୮ ୫୪୭) ଗାଡ଼ି ସେମାନଙ୍କ ଉପରେ ଚଢ଼ାଇ ଦେଇଥିଲା। ଏଥିରେ ଅନୀତା ଅଳ୍ପକେ ରକ୍ଷା ପାଇ ଯାଇଥିବା ବେଳେ ଘଟଣାସ୍ଥଳରେ କୁଲିଙ୍କ ମୃତ୍ୟୁ ଘଟିଥିଲା।

**ପୁଅ, ନାତି ଅଟକ**

ଖବର ପାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ ପହଞ୍ଚି ମୃତ ଶରୀରକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଅପରପକ୍ଷେ ପୁଲିସ ଘଟଣାସ୍ଥଳକୁ ଯାଇ ଦୁର୍ଘଟଣାର କାରଣ ଖୋଜିବା ସହ ଘଟଣାସ୍ଥଳର ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ବାପ-ପୁଅ ମିଶି ସମ୍ପତ୍ତି ଲୋଭରେ ମାଆକୁ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି ଅନୀତା। ଅଭିଯୁକ୍ତ ନାରାୟଣଙ୍କ ବଡ଼ପୁଅ ଫେରାର୍ ହୋଇଯାଇଥିବା ବେଳେ ନାରାୟଣ ଓ ସାନପୁଅ ଗଣେଶକୁ ପୁଲିସ ଥାନାକୁ ଆଣି ତଦନ୍ତ ଚଳାଇଛି।

### ସାନଭାଇର କାଠଫାଳିଆ ମାଡ଼ରେ ବଡ଼ ମୃତ

ଚକାପାଦ,୧୮।୧୨(ସମିସ): ସାନ ଭାଇର କାଠଫାଳିଆ ମାଡ଼ରେ ବଡ଼ ମୃତ। କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତର ସୁନାପାଙ୍ଗା ଗ୍ରାମରେ ଗୁରୁବାର ରାତିରେ ଏହି ଘଟଣା ଘଟିଛି। ମୃତକ ହେଲେ, ସନ୍ତୋଷ ପ୍ରଧାନ। ପୁଲିସ ଆଜି ସନ୍ତୋଷଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ସନ୍ତୋଷଙ୍କ ଭାଇ ନରେଶକୁ ଅଟକ ରଖି ପଚରାଉଚରା କରୁଛି। ସୂଚନାନୁଯାୟୀ, ଦୁଇ ଭାଇଙ୍କ ମଧ୍ୟରେ ପାରିବାରିକ ବିବାଦ ରହିଥିଲା। କୌଣସି କାରଣକୁ ନେଇ ଗତ ରାତିରେ ଦୁଇ ଭାଇଙ୍କ ମଧ୍ୟରେ ବଚସା, ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ନରେଶ ପାଖରେ ପଡ଼ିଥିବା ଏକ କାଠଫାଳିଆରେ ସନ୍ତୋଷଙ୍କୁ ଆକ୍ରମଣ କରିଥିଲା। ଗୁରୁତର ସନ୍ତୋଷଙ୍କୁ ୧୦୮ ଆମ୍ବୁଲାନ୍ସରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟିକାବାଲି ପୁଲିସ ଏଏସ୍ଆଇ ଅବନୀ କୁମାର ପ୍ରଧାନ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

### ସାମାନ୍ୟ କଥାରୁ ଭାଇକୁ ପିଟି ମାରିଦେଲା

ଭୋଗରାଇ, ୧୮।୧୨(ସମିସ): ଘରକୁ ଯିବା ଆସିବା ରାସ୍ତାରେ ବାଇକ୍ ରଖିବାକୁ କେନ୍ଦ୍ର କରି ସାନଭାଇର ମାଡ଼ରେ ବଡ଼ ଭାଇର ମୃତ୍ୟୁ ଘଟିଥିବା ନେଇ ଭୋଗରାଇ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ, ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଅଧୀନ ମାନକୁଣ୍ଡା ଗ୍ରାମର ବଡ଼ ଭାଇ ସୁଦାମ ମାଝୀ ଓରଫ୍ ସନିଆ। ଏହି ଘଟଣାରେ ପୁଲିସ ସାନଭାଇ ସୁଧାକର ମାଝୀ ଓରଫ୍ ପବନକୁ ଗିରଫ କରିଛି। ରାସ୍ତା ଉପରେ ବାଇକ୍ ରଖିବାକୁ କେନ୍ଦ୍ର କରି ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଉପୁଜିଥିଲା। ଏହା ଉଗ୍ରରୂପ ନେଇ ଦୁଇଭାଇଙ୍କ ମଧ୍ୟରେ କଥା ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ରାଗିଯାଇ ସୁଦାମଙ୍କୁ ଠେଲି ରାସ୍ତାରେ ପକାଇ ଦେଇଥିଲେ ସୁଧାକର। ସୁଦାମଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ତାଙ୍କୁ ପ୍ରଥମେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସୁଦାମଙ୍କ ସ୍ତ୍ରୀ ଅଞ୍ଜଳି ଏନେଇ ଭୋଗରାଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସୁଧାକରକୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି।

### ପଥରରେ ଛେଚି ଶାଶୂକୁ ହତ୍ୟା!



ଅନୁଗୋଳ, ୧୮ ।୧୨(ସମିସ): ଅନୁଗୋଳ ସଦର ଥାନା ଅନ୍ତର୍ଗତ ଖଲାରୀ ଜାମୁବନ୍ଧ ଛକ ନିକଟରେ ଏକ ଘରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତ ମହିଳା ହେଲେ, କୁନି ନାୟକ। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ହତ୍ୟାକାଣ୍ଡ ବୋଲି ପୁଲିସ ସନ୍ଦେହ କରୁଛି। କେହି ଦୁର୍ବୃତ୍ତ ମହିଳାଙ୍କୁ ପଥରରେ ଛେଚି ହତ୍ୟା କରିଥିବା ଅନୁମାନ କରାଯାଉଛି। ସାଇଣ୍ଟିଫିକ ଟିମ୍ ଏବଂ ସନ୍ଧାନୀ କୁକୁର ସହ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ କୁନିଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

**ବୋହୂ, ସମୁଦ୍ରୁଣୀ ଅଟକ**

ଏହି ଘଟଣାରେ ପୁଲିସ କୁନିଙ୍କ ବୋହୂ ଓ ସମୁଦ୍ରୁଣୀଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁଯାୟୀ, କୁନି ଏଠାରେ ଏକ ଭଡ଼ାଘରେ ରହୁଥିଲେ। ବୁଧବାର ରାତି ପ୍ରାୟ ୧୦ଟାରେ କୁନିଙ୍କ ପୁଅ କାହ୍ନୁ ନାୟକ ତାଙ୍କୁ ଖାଇବା ପାଇଁ ଡାକିବାକୁ ଯାଇଥିବା ବେଳେ ଘର କବାଟ ବନ୍ଦ ଥିଲା। କବାଟ ଖୋଲି ଦେଖିଲା ବେଳକୁ କୁନି ତଳେ ରକ୍ତଜୁଡୁବୁଡୁ ଅବସ୍ଥାରେ ପଡ଼ିଥିଲେ। ଏ ସଂପର୍କରେ କାହ୍ନୁ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗତରାତିରେ କୁନିଙ୍କ ସହ ବୋହୂଙ୍କର ଝଗଡ଼ା ହୋଇଥିଲା। ଘରେ କୁନିଙ୍କ ସମୁଦ୍ରୁଣୀ ମଧ୍ୟ ଥିଲେ। ଝଗଡ଼ାକୁ କେନ୍ଦ୍ର କରି ଦୁହେଁ ମିଶି କୁନିଙ୍କୁ ହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି। ଦୁହିଁଙ୍କୁ ଅଟକ ରଖି ପୁଲିସ ପଚରାଉଚରା କରୁଛି।

ଧଉଳି ଗଣଦୁଷ୍କର୍ମ ଘଟଣାରେ ବର୍ଷିଲା ମହିଳା କଂଗ୍ରେସ

# ଡବଲ ଇଞ୍ଜିନ ସରକାରରେ ଡବଲ ମାତ୍ରାରେ ମହିଳା ଅସୁରକ୍ଷିତ

ଭୁବନେଶ୍ୱର,୧୮ ।୧୨(ସମିସ): ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ, ଯୌନ ଉତ୍ପୀଡ଼ନ, ଛାତ୍ରୀନିବାସରେ ନାବାଳିକା ଗର୍ଭଧାରଣ ଭଳି ବିଭିନ୍ନ ପ୍ରକାର ମହିଳା ଅତ୍ୟାଚାର ମାମଲା ହୁ ହୁ ହୋଇ ବଢୁଛି। ଏହି ପରିସ୍ଥିତି ଅଣାୟତ୍ତ ଅବସ୍ଥାକୁ ଆସିଗଲାଣି। ସରକାର, ପୁଲିସ ଓ ପ୍ରଶାସନ ଏହି ପ୍ରସଙ୍ଗକୁ ନେଇ ଆଦୌ ଚିନ୍ତିତ ନ ଥିବା ଜଣାପଡୁଛି ବୋଲି ରାଜ୍ୟ ମହିଳା କଂଗ୍ରେସ ଅଭିଯୋଗ କରିଛି। ଗୁରୁବାର ଦଳ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ



ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି କହିଛନ୍ତି, ଗତ ୧୦ ତାରିଖ ସନ୍ଧ୍ୟାରେ ରାଜଧାନୀ ଉପକଣ୍ଠ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଧଉଳି ଶାନ୍ତିସ୍ତୂପ ନିକଟରେ ଜଣେ ନାବାଳିକାକୁ ଗଣଦୁଷ୍କର୍ମ ଘଟଣା ସାରା ରାଜ୍ୟକୁ ଲଜ୍ଜିତ କରିଛି। ଓଡ଼ିଶା ବିଜେପି ସରକାରର ୧୮ ମାସରେ ମହିଳା ଓ ନାବାଳିକାଙ୍କ ଉପରେ ଅତ୍ୟାଚାର, ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ହିଂସା ଦୃଷ୍ଟାନ୍ତମୂଳକ ଭାବେ ବଢ଼ିଛି। ସରକାର ଓ ପ୍ରଶାସନ ପୂରାପୂରି ନିର୍ବାକ ଓ ନିଷ୍କ୍ରିୟ ରହିଛି। ଏଭଳି ସ୍ଥିତିରେ ସରକାର ନିଦାବିଷ୍ଟ ସାଜି ମହିଳା ସୁରକ୍ଷା ପ୍ରସଙ୍ଗକୁ ଆଖି ବୁଜି ଦେଇଛନ୍ତି ବୋଲି ଶ୍ରୀମତୀ ବାହିନୀପତି କହିଛନ୍ତି।

ଦିନକୁ ଦିନ ମହିଳା ନିର୍ଯ୍ୟାତନା ବୃଦ୍ଧି ପାଉଥିବାର ଉଦାହରଣ ଦେଇ ସେ କହିଥିଲେ, ଖୋର୍ଦ୍ଧା ବାଘମାରୀରେ ନାବାଳିକାଙ୍କୁ ନିର୍ମମ ଗଣବଳାତ୍କାର ଘଟଣା, ମାଲକାନଗିରିରେ ଜଣୈକ ୪୫ ବର୍ଷର ବ୍ୟକ୍ତି ଦ୍ୱାରା ୫୭ ବର୍ଷର ତିନି ନାବାଳିକା ଉପରେ ଅମାନବୀୟ ବଳାତ୍କାର ତଦନ୍ତର ମନ୍ଥରଗତି, ଏବଂ ହୃଦୟ ଥରେଇଦେବା ଭଳି କଟକ ଏସ୍‌ସିବି ମେଡିକାଲର ଆଇସିୟୁରେ ଜଣେ ମହିଳାଙ୍କୁ ଅଟେଣ୍ଡାଣ୍ଟଙ୍କ ଅସଦାଚରଣ ଘଟଣା ସରକାରଙ୍କ ଅକ୍ଷମତା, ଅବହେଳା ଓ ରାଜ୍ୟ ଆଇନ ବ୍ୟବସ୍ଥା ଧ୍ୱସ୍ତ ହେଉଥିବାକୁ ସ୍ପଷ୍ଟ କରୁଛି। ପୁରୀ, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର, ଗୋପାଳପୁର ଓ ରାୟଗଡ଼ାରେ ପ୍ରତି

**୧୮ ମାସରେ ୪୦ ହଜାରରୁ ଉର୍ଦ୍ଧ୍ୱ ମହିଳା ଅସଦାଚରଣ ମାମଲା**

ସପ୍ତାହରେ ପ୍ରାୟ ମହିଳା ନର୍ଯ୍ୟାତନା ଘଟଣା ଘଟୁଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁନାହିଁ। ଡବଲ ଇଞ୍ଜିନ ସରକାରରେ ମହିଳା ଡବଲ ମାତ୍ରାରେ ଅସୁରକ୍ଷିତ ବୋଲି କଂଗ୍ରେସ କଡ଼ା ସମାଲୋଚନା କରି କହିଛି।

ବିଜେପି ସରକାର ଆସିବା ପରଠାରୁ ରାଜ୍ୟରେ ୪୦ ହଜାରରୁ ଉର୍ଦ୍ଧ୍ୱ ମହିଳାଙ୍କୁ ଅସଦାଚରଣ, ଗଣଦୁଷ୍କର୍ମ, ଦୁଷ୍କର୍ମ ଆଦି ବିଭିନ୍ନ ନିର୍ଯାତନା, ମହିଳା ଅପହରଣ ଓ ହତ୍ୟା ଭଳି ଘଟଣା ଘଟିଛି। ରାଜ୍ୟର ମହିଳା ଉପମୁଖ୍ୟମନ୍ତ୍ରୀ ଓ ମହିଳା ବାଚସ୍ପତି ଥାଇ ମଧ୍ୟ ମହିଳା ନିର୍ଯ୍ୟାତନା ବଢ଼ିଚାଲିଛି। ତେଣୁ ଏସବୁ ମାମଲାର ଫାଷ୍ଟ-ଟ୍ରାକ୍ କୋର୍ଟରେ ତତ୍କାଳ ବିଚାର, ବିଶେଷ ମହିଳା ତଦନ୍ତ ଦଳ ଗଠନ, ଦାୟୀ ପୁଲିସ୍ ଅଧିକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଓ ପୀଡ଼ିତାଙ୍କୁ ସୁରକ୍ଷା ପରାମର୍ଶ ଓ ଆଇନ ସହାୟତା ଯୋଗାଇଦେବାକୁ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ଦୃଢ଼ ଦାବି କରିଛି।

# ଅତିରିକ୍ତ ସୁରକ୍ଷା ଜମା ବୈଧାନିକ ଆବଶ୍ୟକତା: ଟାଟା ପାୱାର

## ସୁରକ୍ଷା ଜମା ଉପରେ ଗତବର୍ଷ ଉପଭୋକ୍ତାଙ୍କୁ ମିଳିଛି ୨୧୭ କୋଟି



ଭୁବନେଶ୍ୱର,୧୮।୧୨(ସମିସ): ଟିପିସିଓଡିଏଲର ଅତିରିକ୍ତ ସୁରକ୍ଷା ଜମା ନୋଟିସକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷ ଦେଖାଦେଇଥିବା ବେଳେ ଏହା ଉପରେ ଗୁରୁବାର ସ୍ପଷ୍ଟୀକରଣ ରଖିଛି ଟାଟା ପାୱାରର ୪ଟି ଯାକ ବିତରକ କମ୍ପାନୀ। କଂପାନୀ ପକ୍ଷରୁ କୁହାଯାଇଛି, ବିଦ୍ୟୁତ୍ ବିଲ୍ ଉପରେ ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ୍ (ଏଏସ୍‌ଡି) ଆଦାୟ ଏକ ବୈଧାନିକ ଆବଶ୍ୟକତା। ଏହା ବିଦ୍ୟୁତ୍ ଅଧିନିୟମ, ୨୦୦୩ ଅନୁଯାୟୀ ବାଧ୍ୟତାମୂଳକ ଏବଂ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ନିୟମାବଳୀକୁ ଅନୁପାଳନ କରୁଛି। ସୁରକ୍ଷା ଜମା ଟଙ୍କାକୁ ବିଲ୍‌ରେ ଭରଣା କରିବା ସହ ଅତିରିକ୍ତ ସୁରକ୍ଷା ଜମା ଗ୍ରାହକଙ୍କ ବିଦ୍ୟୁତ୍ ବ୍ୟବହାର ଢାଞ୍ଚା ଏବଂ ରାଜ୍ୟରେ ଲାଗୁ ହୋଇଥିବା ବିଦ୍ୟୁତ୍ ଟାରିଫ ସହ ସଂଶ୍ଳିଷ୍ଟ। ଅତିରିକ୍ତ ସୁରକ୍ଷା ଜମା କେବଳ ଓଡ଼ିଶାରେ ଆଦାୟ କରାଯାଉ ନାହିଁ; ଏହା ଦେଶବ୍ୟାପୀ ବିଭିନ୍ନ ରାଜ୍ୟରେ ବିତରକ କମ୍ପାନୀମାନେ ପ୍ରତିବର୍ଷ ଆଦାୟ କରୁଛନ୍ତି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ଟିପିସିଓଡିଏଲର ଯୁକ୍ତି ଅନୁଯାୟୀ ବିଦ୍ୟୁତ୍ ଆଇନ, ୨୦୦୩ର ଧାରା ୪୭ ଅନୁଯାୟୀ ସୁରକ୍ଷା ଜମା ସଂଗ୍ରହ କରିବା ବାଧ୍ୟତାମୂଳକ। ତେବେ ଯେଉଁ ଗ୍ରାହକଙ୍କ ବିଦ୍ୟୁତ୍ ବ୍ୟବହାର ଗତ ଆର୍ଥିକ ବର୍ଷରେ ହ୍ରାସ ପାଇଛି, ସେମାନେ ସେମାନଙ୍କ ବିଦ୍ୟୁତ୍ ବିଲରେ ଅତିରିକ୍ତ ସୁରକ୍ଷା ଜମା ଆଡଜଷ୍ଟମେଣ୍ଟ ପାଇଁ ଯୋଗ୍ୟ ଅଟନ୍ତି। ଅପରପକ୍ଷରେ ଯେଉଁ ଗ୍ରାହକଙ୍କ ବିଦ୍ୟୁତ୍ ବ୍ୟବହାର ବୃଦ୍ଧି ପାଇଛି, ସେମାନଙ୍କୁ ଅତିରିକ୍ତ ସୁରକ୍ଷା ଜମା କରିବାକୁ ପଡ଼ିବ ବୋଲି ଟାଟା ପାୱାର ସ୍ପଷ୍ଟ କରିଛି। କମ୍ପାନୀ ଆହୁରି ମଧ୍ୟ କହିଛି ଯେ ବର୍ତ୍ତମାନର ବ୍ୟବସ୍ଥା ଅନୁଯାୟୀ ବିଦ୍ୟୁତ୍ ଉପଭୋକ୍ତାମାନେ ପ୍ରତିବର୍ଷ ସେମାନଙ୍କ ଅତିରିକ୍ତ ଜମାରାଶି ଉପରେ ସୁଧ ଉପାର୍ଜନ ମଧ୍ୟ କରୁଛନ୍ତି, ଯାହା ସେମାନଙ୍କୁ ପ୍ରତିବର୍ଷ ସେମାନଙ୍କୁ ବିଦ୍ୟୁତ୍ ବିଲ୍‌ରେ ପ୍ରଦାନ କରାଯାଉଛି। ୨୦୨୪-୨୫ରେ ରାଜ୍ୟର ୪ଟି ଯାକ ବିତରକ କମ୍ପାନୀ ସିକ୍ୟୁରିଟି ଜମା ଉପରେ ୬.୫୦ ପ୍ରତିଶତ ସୁଧ ହାରରେ ୨୧୭.୨୯ କୋଟି ଟଙ୍କାର ସୁଧ ରାଶି ପ୍ରଦାନ କରିଥିବା କମ୍ପାନୀ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏଥିରେ ଟିପିଡବ୍ଲ୍ୟୁଡିଏଲ୍ ସର୍ବାଧିକ ୭୯.୯୧ କୋଟି ଟଙ୍କା ପ୍ରଦାନ କରିଛି।

ସେହିପରି ଟାଟା ପାୱାର ଯୁକ୍ତି ବାଢ଼ିଛି ଯେ ସୁରକ୍ଷା ଜମା ଏବଂ ଅତିରିକ୍ତ ସୁରକ୍ଷା ଜମା ଢାଞ୍ଚା ନୂଆ କିମ୍ବା ସ୍ୱେଚ୍ଛାକୃତ ନୁହେଁ। ଏହି ବ୍ୟବସ୍ଥା ପୂର୍ବରୁ ଅର୍ଥାତ୍ ସେସୁ, ନେସ୍କୋ, ସାଉଥ୍‌କୋ ଏବଂ ୱେସ୍କୋ ସମୟରେ ମଧ୍ୟ ଲାଗୁ ହେଉଥିଲା। ଅତିରିକ୍ତ ସୁରକ୍ଷା ଜମା ପାଇଁ ବିଜ୍ଞପ୍ତି ପାଇଥିବା ଗ୍ରାହକମାନଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦେୟ ଦେବାକୁ ପଡିବ। ଏଥିରେ ବିଫଳ ହେଲେ ଆଇନ ଅନୁଯାୟୀ ଧାର୍ଯ୍ୟ ତାରିଖ ପରେ କୌଣସି ଅନାଦେୟ ରାଶି ଉପରେ ବାର୍ଷିକ ୧୫ ପ୍ରତିଶତ ସରଚାର୍ଜ ଲାଗୁ ହେବ ବୋଲି କମ୍ପାନୀ ସ୍ପଷ୍ଟ କରିଛି। ଭୁବନେଶ୍ୱରସ୍ଥିତ ଟିପିସିଓଡିଏଲ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟାଟା ପାୱାରର ୪ଟି ଯାକ ବିତରକ କମ୍ପାନୀର ସିଇଓ(ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ) ଉପସ୍ଥିତ ଥିଲେ।

■ ପୂର୍ବରୁ ମଧ୍ୟ ଓଡ଼ିଶାରେ ଆଦାୟ ହୋଇଛି ଅତିରିକ୍ତ ସୁରକ୍ଷା ରାଶି
■ ଅନ୍ୟ ରାଜ୍ୟରେ ବିତରକ କମ୍ପାନୀ ଅନୁସରଣ କରୁଛନ୍ତି ସମାନ ନିୟମ




ଫିଫା ବିଶ୍ୱକପ୍ ପୁରସ୍କାର ରାଶି ବୃଦ୍ଧି

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-173 •FRIDAY •19 DECEMBER 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୧୭୩ •ଶୁକ୍ରବାର •୧୯ ଡିସେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


## ମନ୍ତ୍ରୀ-ବିଧାୟକଙ୍କ ଦରମା ବୃଦ୍ଧି

# ଅକଳରେ ସରକାର

## ପୁନର୍ବିଚାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିଜେପି ବିଧାୟକଙ୍କ ଅନୁରୋଧ

■ ଭୁବନେଶ୍ୱର, ୧୮ ।୧୨ (ସମିସ): ବିଧାୟକଙ୍କ ଦରମା, ଭତ୍ତା ବୃଦ୍ଧି ନେଇ ବିଧାନସଭାରେ ବିଲ୍ ପାରିତ ହେବା ପରେ ଏହାକୁ ନେଇ ସାରା ରାଜ୍ୟରେ ସୃଷ୍ଟି ହୋଇଛି ତୀବ୍ର ପ୍ରତିକ୍ରିୟା । ଗରିବ ଲୋକମାନଙ୍କ ଭତ୍ତା ୩୦୦୦ ଟଙ୍କା ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇ ନ ଥିବା, ସୁଭଦ୍ରାରେ ଦିନକୁ ୨୭ ଟଙ୍କା ସହାୟତା ଦିଆଯାଉଥିବା ସମୟରେ ମନ୍ତ୍ରୀ ଓ ବିଧାୟକଙ୍କ ଦରମା ୩ ଗୁଣ ବୃଦ୍ଧିକୁ ନେଇ ସବୁଆଡ଼ୁ ସରକାର ସମାଲୋଚନାର ଶରବ୍ୟ ହୋଇଥିଲେ। ପୁଣି ଯେଉଁ ସମୟରେ ଶିକ୍ଷକ, ପାଚିକାମାନେ ଦରମା ପାଇଁ ରାଜରାସ୍ତାରେ ଧାରଣା ଦେଉଥିଲେ; ସେହି ସମୟରେ ମନ୍ତ୍ରୀ ଓ ବିଧାୟକଙ୍କ ଦରମା ୩ ଗୁଣ ବୃଦ୍ଧି କରି ଦେଶରେ ସର୍ବାଧିକ କରି ଦିଆଗଲା ତାହାକୁ ନେଇ ମଧ୍ୟ ଜାତୀୟସ୍ତରରେ ଓଡ଼ିଶା ସରକାରଙ୍କୁ ସମାଲୋଚନା ଶାସକ ଦଳ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ରାଜ୍ୟରେ ବିଜେପି ସରକାର ଆସିବା ପରେ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟ ସରକାର ପ୍ରାୟ ୩୦ ହଜାର କୋଟି ଟଙ୍କା ଋଣ କରିଥିବା ଓ ରାଜ୍ୟରେ ଲୋକମାନଙ୍କ ମୁଣ୍ଡପିଛା ଋଣଭାର ୨୮ ହଜାର ଟଙ୍କା ଅତିକ୍ରମ କରିଥିବାସ୍ଥଳେ ବିଧାୟକ ଓ ମନ୍ତ୍ରୀଙ୍କୁ ଦିନକୁ ହାରାହାରି ୧୨ ହଜାର ଟଙ୍କା ଦରମା ଭତ୍ତା ପ୍ରଦାନ ମଧ୍ୟ ସାଧାରଣ ଲୋକଙ୍କୁ ହଜମ ହୋଇ ନ ଥିଲା। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି



ସାମାଜିକ ସଂଗଠନ, ବୁଦ୍ଧିଜୀବି ମହଲ ଏପରି ନିଷ୍ପତ୍ତିକୁ ନିନ୍ଦା କରିଥିଲେ । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବର୍ଦ୍ଧିତ ବେତନ ଓ ଭତ୍ତା ନେବାକୁ ଅସ୍ୱୀକାର କରି ଏହାକୁ ରାଜ୍ୟବାସୀଙ୍କ ପାଇଁ ବ୍ୟୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠି ମଧ୍ୟ ସରକାରଙ୍କୁ ଅକଳରେ ପକାଇ ଦେଇଥିଲା।

ସାରା ରାଜ୍ୟରେ ସୃଷ୍ଟି ହୋଇଥିବା ପ୍ରତିକ୍ରିୟା ଓ ସରକାରଙ୍କ ଭାବମୂର୍ତ୍ତି ଖରାପ ହେଉଥିବା ଅନୁଭବ କରି ଏବେ ଶାସକ ଦଳ ପକ୍ଷରୁ ଲୋକଙ୍କ ରୋଷକୁ ପ୍ରଶମିତ ପାଇଁ ଆରମ୍ଭ ହୋଇଛି ପଦକ୍ଷେପ। ଦରମା ବୃଦ୍ଧି ପୁନର୍ବିଚାର ଅନୁରୋଧ କରିଛନ୍ତି ଶାସକ ଦଳର ବିଧାୟକ। ଲୋକମତକୁ ସମ୍ମାନ ଜଣାଇ ବିଧାୟକମାନଙ୍କ ଦରମା, ଭତ୍ତା ବୃଦ୍ଧିର ପୁନର୍ବିଚାର କରିବାକୁ ବିଧାୟକମାନେ ଲିଖିତଭାବେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏନେଇ ଗୁରବାର ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ଗୁରବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବର୍ଦ୍ଧିତ ଦରମା, ଭତ୍ତା ବୃଦ୍ଧି ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା। ଆଲୋଚନା ପରେ ବିଧାୟକମାନେ ବେତନ, ଭତ୍ତା, ପେନସନ ବୃଦ୍ଧିର ପୁନର୍ବିଚାର ନିମନ୍ତେ ଏକ ପ୍ରସ୍ତାବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରିଥିଲେ। ଏହି ବୈଠକରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ରାଜ୍ୟ ସାଧାରଣ ସମ୍ପାଦକ(ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ଦଳର ସମସ୍ତ ମନ୍ତ୍ରୀ ଓ ବିଧାୟକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ପ୍ରସଙ୍ଗରେ ସଦ୍ୟ ସମାପ୍ତ ଶୀତ ଅଧିବେଶନର ଶେଷ ଦିନ ଅର୍ଥାତ୍ ୯ ତାରିଖ ଦିନ ଏକ ବିଧେୟକ ଗୃହୀତ ହୋଇଥିଲା। ଏହାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ବହୁ ଲୋକେ ଦରମା ବୃଦ୍ଧି ନିଷ୍ପତ୍ତିକୁ ନାପସନ୍ଦ କରିଥିଲେ।

# ଜି-ରାମ-ଜି ବିଲ୍‌କୁ ଲୋକସଭାର ମଞ୍ଜୁରୀ

## ବିରୋଧୀଙ୍କ ହଙ୍ଗାମା, ଗୃହ ମୁଲତବୀ



■ ନୂଆଦିଲ୍ଲୀ, ୧୮ ।୧୨ (ଏଜେନ୍ସି): ଦେଶରେ ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମନରେଗା (ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା) ବଦଳରେ ଆସିଲା ବିକଶିତ ଭାରତ ରୋଜଗାର ଗ୍ୟାରେଣ୍ଟି ମିସନ (ଭିବି ଜି-ରାମ-ଜି) । ଆଜି ଏସଂକ୍ରାନ୍ତ ବିଲକୁ ଲୋକସଭାରେ ଅନୁମୋଦନ ମିଳିଛି। ଏହି ଯୋଜନାରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମ ହଟାଯାଇଥିବାରୁ ବିରୋଧୀ ଦଳ ଏହାର ତୀବ୍ର ବିରୋଧ କରିବା ସହିତ ଗୃହରେ ପ୍ରବଳ ହଙ୍ଗାମା କରିଛନ୍ତି । ତେବେ ସରକାର ଏହାର ନାମ ପରିବର୍ତ୍ତନ ସପକ୍ଷରେ ଯୁକ୍ତି କରିବା ସହିତ ମୋଦୀ ସରକାର ହିଁ ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନ ସାକାର କରୁଛନ୍ତି ବୋଲି କହିଛନ୍ତି କେନ୍ଦ୍ର କୃଷି ମନ୍ତ୍ରୀ ।

ଏହି ବିଲ ଉପରେ ଆଜି ୮ ଘଣ୍ଟା ଧରି ହୋଇଥିବା ଆଲୋଚନାର ଉତ୍ତର ଦେଇ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଯୋଜନାର ନାମ ପରିବର୍ତ୍ତନ ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ସେ କହିଲେ ଯେ ୨୦୦୫ରେ ଏହି ଯୋଜନାର ନାମ ନରେଗା ଥିଲା। ତେବେ ୨୦୦୯ ନିର୍ବାଚନକୁ ଆଖି ଆଗରେ ରଖି ୟୁପିଏ ସରକାର ଏଥିରେ ମହାତ୍ମା ଗାନ୍ଧୀଙ୍କ ନାମ ଯୋଡ଼ିଥିଲେ। ତେବେ ମୋଦୀ ସରକାର ହିଁ ମନରେଗା ଯୋଜନାର ସଠିକ କାର୍ଯ୍ୟକାରୀ କରିଥିଲେ। ବାପୁଙ୍କ ଆଦର୍ଶକୁ କଂଗ୍ରେସ ଧ୍ୱଂସ କରିଦେଇଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ଆୱାସ ଯୋଜନା, ଉଜ୍ଜ୍ୱଳା ଯୋଜନା, ସ୍ୱଚ୍ଛ ଭାରତ ମିସନ ଏବଂ ଆୟୁଷ୍ମାନ ଭାରତ ଭଳି ଯୋଜନା ଜରିଆରେ ଏନଡିଏ ସରକାର ▶ପୃଷ୍ଠା-୭

### ବିଲ୍ କପି ଚିରିଲେ; ବାଚସ୍ପତିଙ୍କ ଆଡ଼କୁ ଫିଙ୍ଗିଲେ

# ଜଷ୍ଟିସ ସଂଗମ ସାହୁ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି



■ କଟକ, ୧୮ ।୧୨ (ସମିସ): ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ ସଂଗମ କୁମାର ସାହୁ ପାଟନା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ହେବେ। ଏନେଇ ସୁପ୍ରିମକୋର୍ଟଙ୍କ କଲେଜିୟମ ଜଷ୍ଟିସ ସାହୁଙ୍କ ନାମ ସୁପାରିସ କରିଛି। ୧୯୬୪ ମସିହା ଜୁନ୍ ୫ ତାରିଖରେ କଟକରେ ଜନ୍ମିତ ଜଷ୍ଟିସ ସାହୁ କଟକ ନୂଆବଜାର ହାଇସ୍କୁଲରୁ ମାଟ୍ରିକ୍ ଶିକ୍ଷା ଶେଷ ପରେ ଷ୍ଟିୱାର୍ଟ ସାଇନ୍ସ କଲେଜରୁ ସ୍ନାତକ ବିଜ୍ଞାନ ଶିକ୍ଷା ସମାପ୍ତ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଓ ଇଂରାଜୀରେ ସ୍ନାତକୋତ୍ତର କରିଥିଲେ। ସେହିଭଳି କଟକର ଦି ଲ' କଲେଜରୁ ଏଲଏଲବି ଶିକ୍ଷା ଶେଷ କରିବା ପରେ ୧୯୮୯ ନଭେମ୍ବର ୨୭ରେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦରେ ଓକିଲ ଭାବେ ପଞ୍ଜୀକରଣ କରିଥିଲେ। ତାଙ୍କ ପିତା ସ୍ୱର୍ଗତ ଶରତ ଚନ୍ଦ୍ର ସାହୁଙ୍କ ସମେତ ଡ. ମନୋରଂଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଓକିଲାତି ପ୍ରାକ୍ଟିସ କରିଥିଲେ। ଫୌଜଦାରୀ ଆଇନ ଓ ଚାକିରି ସମ୍ପର୍କିତ ମାମଲାଗୁଡ଼ିକୁ ସେ ଜିଲ୍ଲା କୋର୍ଟ, ହାଇକୋର୍ଟ, ଖାଉଟି ଫୋରମ୍, ସ୍ୟାଟ, କ୍ୟାଟ୍‌ରେ ଦକ୍ଷତାର ସହ ପରିଚାଳନା କରିଥିଲେ। ଗତ ୨୦୧୪ ଜୁଲାଇ ୨ରେ ଓଡ଼ିଶା ▶ପୃଷ୍ଠା-୭

## ଜଗତସିଂହପୁର ଜିଲ୍ଲାରେ ବେଧଡ଼କ ବାଲି ଲୁଟ୍

# ବାଲିର ଦୋଷ ନା ଗାଡ଼ିର ଦୋଷ !

■ ଭୁବନେଶ୍ୱର, ୧୮ ।୧୨ (ସମିସ): ସାରା ରାଜ୍ୟରେ ଏବେ ବାଲିଚୋରି ସବୁଠାରୁ ବଡ଼ କେଳେଙ୍କାରୀ ପାଲଟିଛି। ବର୍ଷକୁ ରାଜ୍ୟରେ ହଜାର ହଜାର କୋଟିର ବାଲି ଚୋରି ହେଉଛି ଓ ରାଜ୍ୟ ସରକାର ଏ ବାବଦରେ ସିଧାସଳଖ ହଜାରେ କୋଟିର ରୟାଲଟି ହରାଉଛନ୍ତି। ମାତ୍ର ଚୋର ଓ ମାଫିଆମାନେ ରାଜନୈତିକ ଛତ୍ରଛାୟା ତଳେ ସୁରକ୍ଷିତ ରହି ବାଲି ଚୋରି ଚଳାଇଛନ୍ତି। ଗତ ନଭେମ୍ବର ୨୫ ତାରିଖ ବିଳମ୍ବିତ ରାତିରେ ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ତହସିଲ ଅନ୍ତର୍ଗତ ଏକ ବାଲିଘାଟରୁ ଚୋରା ବାଲି ଚାଲାଣ ବେଳେ ହୋଇଥିଲା ଚଢ଼ଉ। କେନ୍ଦ୍ରାଞ୍ଚଳ ଡ଼ିଆଇଜି, ଜଗତସିଂହପୁର ଜିଲ୍ଲାପାଳ, ଏସ୍‌ପିଙ୍କ ସହ ଖଣି ଅଧିକାରୀମାନେ ଏଠାରେ ଚଢ଼ଉ କରିଥିଲେ । ଘଟଣାସ୍ଥଳରୁ ୪୩ଟି ହାଇୱା, ୩ଟି ପୋକଲିନ୍ ମେସିନ ଜବତ ବି ହୋଇଥିଲା। ଏହାପରେ ଡ଼ିସେମ୍ବର ୧୧ ତାରିଖ ରାତିରେ ଜଇପୁର ବାଲିଘାଟରୁ



୨୨ଟି ହାଇୱା ଓ ୨ଟି ପ୍ରୋକଲିନ୍ ମେସିନକୁ ବି ଜବତ କରାଯାଇଥିଲା। ମାତ୍ର ଏହାପରେ ଅନ୍ୟ କୌଣସିଠାରେ ଚଢ଼ଉ ହୋଇ ନାହିଁ । ସାରା ଜିଲ୍ଲାର ବିଭିନ୍ନ ବାଲିଘାଟରୁ ଚୋରାବାଲି ଚାଲାଣ ହେଉଥିବାବେଳେ କେବଳ ଦୁଇଟି ଘାଟରେ ଚଢ଼ଉ ପରେ ପ୍ରଶାସନର ରହସ୍ୟମୟ ନିରବତାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି ।

ଅପରପକ୍ଷରେ ଜବତ ହୋଇଥିବା ଗାଡ଼ିଗୁଡ଼ିକ ସବୁ ଚୋରା ବାଲି ଚାଲାଣରେ ନିୟୋଜିତ ଥିଲେ କି ନାହିଁ ତାହା ମଧ୍ୟ ଆଉଏକ ପ୍ରଶ୍ନକୁ ଜନ୍ମ ଦେଇଛି। କୁହାଯାଉଛି ଯେଉଁ ଗାଡ଼ିଗୁଡ଼ିକ ଜବତ ହୋଇଥିଲା, ସେଥିରୁ କିଛି ଗାଡ଼ି ନିକଟରେ ବାଲି ଚାଲାଣ ନିମନ୍ତେ ବୈଧ ଟ୍ରାନ୍‌ଜିଟ୍ ପାସ ରହିଥିଲା । ସେହିପରି ଆଉ କିଛି ଗାଡ଼ି ବାଲି ଚାଲାଣ ସହ ଜଡ଼ିତ ନ ଥିଲେ ମଧ୍ୟ ତାହାକୁ ଜବତ କରାଯାଇଥିଲା। ଯଦି ବୈଧ ଟ୍ରାନଜିଟ୍ ପାସ ଥିଲା, ତେବେ ସେହିଗାଡ଼ି ଓ ଯେଉଁ ଗାଡ଼ିଗୁଡ଼ିକ ବାଲି ଚାଲଣରେ ନିୟୋଜିତ ନ ଥିଲା ତାହାକୁ କାହିଁକି ଜବତ କରାଗଲା ତାହା ମଧ୍ୟ ଆଉ ଏକ ପ୍ରଶ୍ନ। ତେବେ ସବୁଠାରୁ ▶ପୃଷ୍ଠା-୭






## ଧଉଳି ଲଜ୍ଜା

# ବନ୍ଧା ହେଲା ଜୋକର ହାପି

■ ଭୁବନେଶ୍ୱର, ୧୮ ।୧୨ (ସମିସ): ଧଉଳି ଗଣଦୁଷ୍କର୍ମ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଜୋକର ହାପି ଓରଫ୍ ସତ୍ୟପ୍ରକାଶ ହାତୀକୁ ଗୁରୁବାର କମିଶନରେଟ୍ ପୁଲିସ ବ୍ରହ୍ମପୁରରୁ ଗିରଫ କରିଛି। ଗିରଫ କରିବା ପରେ ପୁଲିସ ତାଙ୍କୁ ନେଇ କ୍ରାଇମ୍ ସିନ୍ ରିକ୍ରିସନ୍ କରିଥିଲେ। ସେ ଓ ତା'ର ସହଯୋଗୀ କିଭଳି ଭାବେ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିଲେ, ସେସବୁ ଗୋଟି ଗୋଟି କରି ବଖାଣିଥଲା। ପୂର୍ବରୁ ୨୦ରୁ ଅଧିକ ଅପରାଧ ସହ ଜଡ଼ିତ ହାପିକୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି। ତେବେ ଏହି ଘଟଣାରେ ଅନ୍ୟ ଦୁଇ ଅଭିଯୁକ୍ତଙ୍କ ପାଖରେ ପୁଲିସ ଏପର୍ଯ୍ୟନ୍ତ ପହଁଞ୍ଚିପାରି ନାହିଁ। ଜୋକର ହାପି ନାମରେ ଲୋକଙ୍କ ବେକ କାଟିବାଠାରୁ ଆରମ୍ଭ କରି ପୁଲିସକୁ ଆକ୍ରମଣ, ଲୁଟ୍‌ପାଟ୍, ନିଶା ସେବନ କରି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇବ ଭଳି ▶ପୃଷ୍ଠା-୭



### ସିନ୍ ରିକ୍ରିଏସନ୍ କଲା ପୁଲିସ

### ଏବେ ବି ୨ ଅଭିଯୁକ୍ତ ଫେରାର୍

# ଦୁର୍ଘଟଣାରେ ଦାଦା-ପୁତୁରା ମୃତ

■ ଭଦ୍ରକ, ୧୮ ।୧୨ (ସମିସ):ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଧାମରା-ବାଂଶଡ଼ା ମୁଖ୍ୟ ରାସ୍ତାର ଗୁଆଁଳ ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦାଦା-ପୁତୁରାଙ୍କ ମୃତ୍ୟୁ ଭଳି ଏକ ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ସ୍ଥାନୀୟ ଦୋସିଙ୍ଗା ଅଞ୍ଚଳର ରାକେଶ ଜେନା ଓ ମାନସ ଜେନା ବୋଲି ଜଣାପଡ଼ିଛି। ଗତ ରାତିରେ ଦୁହେଁ ଏକ ବାଇକ୍‌ରେ ଯାଉଥିବା ବେଳେ ଗୁଆଁଳ ଛକ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଦୁହେଁ ତଳେ ପଡ଼ି ଛଟପଟ ହେଉଥିବା ବେଳେ ସାମୁଦ୍ରିକ ଥାନା ଅଧିକାରିଣୀ ପ୍ରିୟଦର୍ଶିନୀ ଖଟୁଆ ସେମାନଙ୍କୁ ଉଦ୍ଧାର କରିଥିଲେ। ଧାମରା ଥାନା ଗାଡ଼ିକୁ ଡକାଇ ଦୁହିଁଙ୍କୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।

# ଦୁର୍ଘଟଣାରେ ଦିନକୁ ଯାଉଛି ୪୭୪ ଜୀବନ

## ବର୍ଷକୁ ୫ ଲକ୍ଷ ସଡ଼କ ଦୁର୍ଘଟଣା: ୧.୮ ଲକ୍ଷ ମୃତ୍ୟୁ

■ ନୂଆଦିଲ୍ଲୀ, ୧୮ ।୧୨ (ଏଜେନ୍ସି): ଦେଶରେ ପ୍ରତିବର୍ଷ ୫ ଲକ୍ଷ ସଡ଼କ ଦୁର୍ଘଟଣା ଘଟୁଛଇ। ଏଥିରେ ହାରହାରି ୧ ଲକ୍ଷ ୮୦ ହଜାର ଲୋକ ପ୍ରାଣ ହରାଉଛନ୍ତି। ତେବେ ସବୁଠାରୁ ଉଦବେଗର ବିଷୟ ହେଲା ଯେ ମୃତ୍ୟୁସଂଖ୍ୟା ମଧ୍ୟରେ ୬୬ ପ୍ରତିଶତ ହେଉଛନ୍ତି ଯୁବକ/ଯୁବତୀ। ୧୮ ରୁ ୩୪ ବର୍ଷ ବୟସ୍କ ଲୋକ ଏଭଳି ଦୁର୍ଘଟଣାର ଶିକାର ହେଉଛନ୍ତି। ସଚେତନତା ସତ୍ତ୍ୱେ ଦୁର୍ଘଟଣା ସଂଖ୍ୟା ବଢ଼ିବା ସହିତ ମୃତ୍ୟୁ ସଂଖ୍ୟାରେ ମଧ୍ୟ ବ୍ରେକ ଲାଗୁନି।

କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଗତକାଲି ରାଜ୍ୟସଭାରେ ଏଭଳି ଚିନ୍ତାଜନକ ତଥ୍ୟ ପ୍ରଦାନ କରିଛନ୍ତି। କଂଗ୍ରେସ ସାଂସଦ ପ୍ରମୋଦ ତିୱାରୀଙ୍କ ପ୍ରଶ୍ନ ଉତ୍ତର ଦେଇ ଗଡ଼କରୀ ସ୍ୱୀକାର କରିଛନ୍ତି ଯେ



### ୧୮ ରୁ ୩୪ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଅଧିକ

### ୧୦ ମିନିଟ୍‌ରେ ଆମ୍ବୁଲାନ୍ସ ସେବାର ବ୍ୟବସ୍ଥା କରିବେ ସରକାର

ଭିତ୍ତିଭୂମି ନିର୍ମାଣରେ ଉନ୍ନତିଏବଂ ଆଇନ୍ କଡ଼ା କରିବା ସତ୍ତ୍ୱେ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା କମ୍ ହୋଇପାରିନାହିଁ। ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ଅତ୍ୟାଧୁନିକ ଆମ୍ବୁଲାନ୍ସ ଦେବାକୁ ଯୋଜନା କରୁଛନ୍ତି। ଏହାଦ୍ୱାରା ଆମ୍ବୁଲାନ୍ସ ଦୁର୍ଘଟଣାସ୍ଥଳରେ ମାତ୍ର ୧୦ ମିନିଟ୍‌ରେ ପହଞ୍ଚିପାରିବ। ଯଦି ଆହତ ବ୍ୟକ୍ତିଙ୍କୁ ଠିକ୍ ସମୟରେ ଚିକିତ୍ସା ମିଳିବ ତାହାଲେ ୫୦ ହଜାର ଜୀବନ ରକ୍ଷା କରାଯାଇପାରିବ ବୋଲି ସେ କହିଛନ୍ତି। ଆଇଆଇଏମ୍‌ର ଏକ ସର୍ଭେର ଉଲ୍ଲେଖ କରି ସେ ଏହା କହିଛନ୍ତି। ମନ୍ତ୍ରୀ ଆହୁରି ସ୍ୱୀକାର କରିଛନ୍ତି ଯେ ଗତ ୫ ବର୍ଷରେ ସ୍ୱୀକୃତ ୫୭୪ ଜାତୀୟ ରାଜପଥ ଯୋଜନାଗୁଡ଼ିକ ନିର୍ଦ୍ଧାରିତ ସମୟଅନୁସାରେ ପଛୁଆ ରହିଛି।

ସରକାରୀ ତଥ୍ୟ ଅନୁସାରେ ୨୦୧୮ରେ ଏକ ଲକ୍ଷ ୫୮ ହଜାର ବ୍ୟକ୍ତି ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ୨୦୧୯ରେ ୧,୫୭୦୦୦, ୨୦୨୦ରେ ୧,୩୮୦୦୦, ୨୦୨୧ରେ ୧,୫୪୦୦୦ ଏବଂ ୨୦୨୨ରେ ୧,୬୮୦୦୦ ଲୋକ ପ୍ରାଣ ହରାଇଥିଲେ। ୨୦୨୩ର ସରକାରୀ ତଥ୍ୟ ମିଳିନାହିଁ। ତେବେ ବେସରକାରୀ ତଥ୍ୟ ଅନୁଯାୟୀ ୨୦୨୩ରେ ସର୍ବାଧିକ ▶ପୃଷ୍ଠା-୭




ସକାଳ THE SAKALA



## ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନରେ ବ୍ୟାପକ ପରିବର୍ତ୍ତନକୁ ବିରୋଧ

# କଂଗ୍ରେସ ପକ୍ଷରୁ ଗଣଧାରଣା

କରଞ୍ଜିଆ, ୧୮।୧୨(ସମିସ): କରଞ୍ଜିଆ ନିର୍ବାଚନମଣ୍ଡଳୀ କଂଗ୍ରେସ କମିଟି ତରଫରୁ ସ୍ଥାନୀୟ ପାଞ୍ଚପିଢ଼ି, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହେଇଥିଲା। ଏଥିରେ କେନ୍ଦ୍ର ସରକାରଙ୍କ ତରଫରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନରେ ବ୍ୟାପକ



ପରିବର୍ତ୍ତନ କରି ସଂସଦରେ ଆଗତ କରିଥିବା ବିକଶିତ ଭାରତ ଗ୍ରାମୀଣ ରୋଜଗାର ଏବଂ ଆଜୀବିକା ମିଶନ ବିଲ୍‌କୁ ବିରୋଧ କରାଯାଇଥିଲା। ମହାତ୍ମା ଗାନ୍ଧୀଙ୍କ ଗ୍ରାମ ସ୍ୱରାଜର ସ୍ୱପ୍ନକୁ ସଫଳ କରିବା ପାଇଁ ଦୀର୍ଘ ୨୦ ବର୍ଷ ଧରି କଂଗ୍ରେସ ସରକାରଙ୍କ ସମୟରେ ତିଆରି ହେଇଥିବା ବିଶ୍ୱର ଏହି ସର୍ବବୃହତ୍ ଏବଂ ସଫଳ ଯୋଜନା ପରିବର୍ତ୍ତିତ ପ୍ରସ୍ତାବିତ ବିଲ୍‌ରେ ଗ୍ରାମୀଣ ବେକାରମାନଙ୍କୁ ଗୁରୁତ୍ୱ ଦିଆଯାଇନାହିଁ। ରାଜ୍ୟମାନଙ୍କ ଉପରେ ଅଯଥା ଆର୍ଥିକ ବୋଝ ଲଦି ଦିଆଯାଇଛି। ସେହିଭଳି ନ୍ୟାସ୍‌ନାଲ ହେରାଲ୍ଡ କେସ୍‌ରେ ଉଦ୍ଦେଶ୍ୟମୂଳକ ଭାବରେ ଗାନ୍ଧୀ ପରିବାରକୁ କେନ୍ଦ୍ରର ବିଜେପି ସରକାର ଫସାଇବା ପାଇଁ ଇଡି ଲଗାଇ ବାରମ୍ବାର ହଇରାଣ କରି ଆସୁଥିଲେ। ନିକଟରେ ଅଦାଳତ ଇଡିର ଚାର୍ଜସିଟ୍ ଅଗ୍ରାହ୍ୟ କରିଦେଇଥିବାରୁ ଗାନ୍ଧୀ ପରିବାର ନିର୍ଦ୍ଦୋଷ ବୋଲି ପ୍ରମାଣିତ ହେଇଛି। ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ୍ ଶାହା ଇସ୍ତଫା ଦେବା ସହ ଦେଶବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରାଯାଇଛି। ଏହି ଗଣଧାରଣାରେ ପ୍ରଦେଶ କଂଗ୍ରେସ ସମ୍ପାଦକ ଲକ୍ଷ୍ମୀଧର ସିଂ, ଧରଣୀଧର ମହାନ୍ତ, ହରେକୃଷ୍ଣ ମହାନ୍ତ, ଶେଖ୍ ଜାକିର ହୁସେନ, ସୁଭାଷ ସଂଖୀଆଳ, ଦେବାଶିଷ ସେଠୀ, ଶେଖ୍ ହମିଦ ରାଜା, କେଦାର ସେଠୀ, ପ୍ରତାପ ମହାନ୍ତ, ମନୋଜ ନାଏକ, ନିର୍ମଳ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

**ବାରିପଦା**: ନ୍ୟାସ୍‌ନାଲ ହେରାଲ୍ଡ ମିଛ ମାମଲାରେ ଦିଲ୍ଲୀ ନ୍ୟାୟାଳୟ କ୍ଲିନ୍ ଚିଟ୍ ଦେବା ଦ୍ୱାରା କଂଗ୍ରେସର ନୈତିକ ବିଜୟ ହୋଇଛି। ବିଜେପିର ଷଡ଼ଯନ୍ତ୍ର ଧରାପଡ଼ିଛି। ଏନେଇ ଗୁରୁବାର ପିସିସି ସଭାପତି ଭକ୍ତ ଦାସଙ୍କ ଆହ୍ୱାନ କ୍ରମେ ମୟୂରଭଞ୍ଜ ଜିଲ୍ଲା(ପୂର୍ବ) କଂଗ୍ରେସ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଦଳ ପକ୍ଷରୁ ବାରିପଦାର ତକତପୁରଠାରେ ଥିବା ବିଜେପି ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲ୍ଲା କଂଗ୍ରେସର ଶତାଧିକ କଂଗ୍ରେସ କର୍ମୀ ବିଶ୍ୱବିଦ୍ୟାଳୟ ପାଖରୁ ଏକ ବିଶାଳ ରାଲିରେ ବାହାରି ବିଜେପି କାର୍ଯ୍ୟାଳୟ ସମ୍ମୁଖରେ ସରକାର ବିରୋଧୀ ସ୍ଲୋଗାନ ଦେବା ସହିତ ଗଣବିକ୍ଷୋଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ଟି ସେଲ ରାଜ୍ୟ ଉପାଧ୍ୟକ୍ଷ ଚୈତନ୍ୟ ହାଁସଦା, ଆଡ୍‌ଭୋକେଟ ଜ୍ୟୋତି ପ୍ରକାଶ ରଥ, କୃଷକ ସେଲ ସଭାପତି ଦୀପକ ଦାସ, ପିସିସି ସଭ୍ୟ ନାରାୟଣ ପଟ୍ଟନାୟକ, ଏସ୍‌ସି ସେଲ ଜିଲ୍ଲା ସଭାନେତ୍ରୀ ସସ୍ମିତା ବେହେରା, ଉତ୍ତମ ବେହେରା, ନଳିନୀ ପଟ୍ଟନାୟକ, ରବୀନ୍ଦ୍ର ପରିଡ଼ା, ମୀନକେତନ ବେହେରା, ସମର ଦାସ, ଅସିତ୍ ଦାସ, ବିପ୍ଳବ ବାରିକ, ରକିମ ଭାଇ, ପ୍ରଦୀପ ମିଶ୍ର, ଭବାନୀ ଶଙ୍କର ସାହୁ, ସତ୍ୟକାମ୍ ସେନାପତି, ଅଂଶୁମାନ ଦାସ, ରତନ ଶର୍ମା, ମନୋରଞ୍ଜନ ହେମ୍ବ୍ରମ, ଅଭିଷେକ ଯାଦବ, ଅକ୍ରାମ୍ ଖାଁ, ମହମ୍ମଦ ଆକିଲ୍, ରବୀନ୍ଦ୍ର ଗିରି, ରବୀନ୍ଦ୍ର ସେଠୀ, ବିକାଶ ମୋହଭୋଇ, ମହିଳା କଂଗ୍ରେସ ନେତ୍ରୀ ମାଧବୀ ସେନାପତି, ଭୁବନେଶ୍ୱରୀ




ପରିଡ଼ା, ସୁନିତା ନାୟକ, ସବିତା ସୋରେନଙ୍କ ସହିତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ୍ ଶାହାଙ୍କୁ କଡ଼ା ସମାଲୋଚନା କରିଥିଲେ।

● ଚାନ୍ଦୁଆ ପ୍ରିମିୟର ଲିଗ୍ ଉଦ୍‌ଯାପିତ

## ଜୟ ମା' ମଙ୍ଗଳା ଟିମ୍ ଚାମ୍ପିଅନ




କୁଳିଅଣା, ୧୮।୧୨(ସମିସ): କୁଳିଅଣା ବ୍ଲକ ଅନ୍ତର୍ଗତ ଚାନ୍ଦୁଆ ଗ୍ରାମରେ ପଞ୍ଚମ ଚାନ୍ଦୁଆ ପ୍ରିମିୟର ଲିଗ୍ (ସିପିଏଲ୍) ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ୍ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ମହାବୀର ୧୧ ସହ ଜୟ ମା' ମଙ୍ଗଳା ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ ମା' ମଙ୍ଗଳା ଟିମ୍ ଚାମ୍ପିଅନ ହୋଇଛି। ପ୍ରଥମେ ଟସ୍ ଜିତି ମା' ମଙ୍ଗଳା ଟିମ୍ ବ୍ୟାଟିଂ କରି ୧୦ ଓଭରରେ ୮ଟି ୱିକେଟ ଗରାଇ ୧୩୨ ରନ୍ ସଂଗ୍ରହ କରିଥିଲା। ମହାବୀର ୧୧କୁ ୧୧୫ ରନ୍ କରିବାରେ ସକ୍ଷମ ହୋଇଥିଲା। ଉକ୍ତ କ୍ରୀଡ଼ାରେ ମୁଖ୍ୟ ଅତିଥି ଭାବେ ୮ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ଦୁର୍ଗା ଚରଣ ମାର୍ଣ୍ଡି, ଚାନ୍ଦୁଆ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋଜ ପତି, ସମାଜସେବୀ ସୁଶାନ୍ତ ଦେଓ, 'ସକାଳ' କୁଳିଅଣା ପ୍ରତିନିଧି ମନୋରଞ୍ଜନ ପରିଡ଼ା ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ସିପିଏଲ୍ ଚାନ୍ଦୁଆ ସଭାପତି ସମୀର ପାତ୍ର, ସୁବ୍ରତ ଦାଶ, କୃଷ୍ଣ ନାଏକ, ଧୀରେନ ସିଂ, ବିକାଶ ପାତ୍ର, ଗଣେଶ ସିଂ, ସମ୍ପାଦକ ବୁଦ୍ଧୁ ସିଂ, ଅମ୍ରିତ୍ ପାତ୍ର, ଗୁଲୁ, ରିଙ୍କୁଲ୍ ଉପସ୍ଥିତ ଥିଲେ। ଅମ୍ପାୟାର ଭାବେ ମନୋଜ ବିନ୍ଧାଣୀ ଓ ଦିନେଶ ପ୍ରସାଦ ବାରିକ ଖେଳକୁ ପରିଚାଳନା କରିଥିଲେ।

## ଧାନଘେରା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ



ଖୁଣ୍ଟା, ୧୮।୧୨ (ସମିସ): ଖୁଣ୍ଟା ବ୍ଲକ ଅଧୀନ ଧାନଘେରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୪ତମ ପ୍ରତିଷ୍ଠା ଦିବସ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କୁଆମରା ସାରସ୍ୱତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଗୋପିନାଥ ପଣ୍ଡା, ମୁଖ୍ୟବକ୍ତା ଭାବେ ନୀଳଗିରି ମହାବିଦ୍ୟାଳୟ ଓଡ଼ିଆ ବିଭାଗର ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର, ସମ୍ମାନିତ ଅତିଥି ରୂପେ ପରିଚାଳନା କମିଟିର ପୂର୍ବତନ ସଦସ୍ୟ ତଥା ସାମ୍ବାଦିକ ଚୁନୁବାବୁ, ସାରସ୍ୱତ ମହାବିଦ୍ୟାଳୟ, କୁଆମରାର ଅଧ୍ୟକ୍ଷ ବିଜୟ କୁମାର ବାରିକ, ପରିଚାଳନା କମିଟିର ପୂର୍ବତନ ଉପସଭାପତି ସୁରେଶ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ସମାଜରେ ଶିକ୍ଷାର ଭୂମିକା ଓ ବିଦ୍ୟାର୍ଥୀମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ସୂଚାଇଥିଲେ। ଶିକ୍ଷା ଗ୍ରହଣ ହିଁ ଜଣେ ବିଦ୍ୟାର୍ଥୀର ମୂଳ କର୍ତ୍ତବ୍ୟ ହେବା ଆବଶ୍ୟକ ବୋଲି ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ ଅତିଥିଗଣ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ରାଜନୀତି ବିଭାଗର ଅଧ୍ୟାପକ ସୁବାସ ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପକ ରଜତ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଖିଳ ଭାରତ ସାନ୍ତାଳୀ ଭାଷା ଓ ଲିପି ବିକାଶ ମୋର୍ଚ୍ଚାର କେନ୍ଦ୍ରୀୟ ସଭାପତି ଅର୍ଜୁନ ମୁର୍ମୁ

ବାରିପଦା, ୧୮।୧୨(ସମିସ): ଅଲଚିକି ଆନ୍ଦୋଳନର ମଙ୍ଗ ଧରିଥିବା ମୟୂରଭଞ୍ଜ ଜିଲ୍ଲାର ଅଗ୍ନିବର୍ଷୀ ଆଦିବାସୀ ଯୁବ ନେତା ତଥା ମାସ୍ ଆଦିବାସୀ ରିଭୋଲ୍ୟୁସ୍‌ନାରୀ ୟୁଥ୍ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ(ମାରିସା)ର ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କୁ ଗୁରୁବାର ଅସନଯୋଡ଼ାଠାରେ ଅଲଚିକି ବିଦ୍ୟାର୍ଥୀମାନେ 'ଅଖିଳ ଭାରତ ସାନ୍ତାଳୀ ଭାଷା ଓ ଲିପି ବିକାଶ ମୋର୍ଚ୍ଚା'ର କେନ୍ଦ୍ରୀୟ ସଭାପତି ଭାବେ ଚୟନ କରିଛନ୍ତି। ପ୍ରକାଶ ଥାଉକି, ପୂର୍ବରୁ ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ଅଲଚିକି ଲିପିରେ ଶିକ୍ଷାଦାନକୁ ସୁନିଶ୍ଚିତ କରିବା ଦାବିରେ ତିରିଂରୁ ଭୁବନେଶ୍ୱରରେ ସାଇକଲ ଯାତ୍ରା ଏବଂ ବାରିପଦାରୁ




ଭୁବନେଶ୍ୱର ପଦଯାତ୍ରା କରି ସରକାରଙ୍କ ପାଖରେ ଦୃଢ଼ ଦାବି କରି ଆସିଛନ୍ତି। ରାଜ୍ୟରେ ସାନ୍ତାଳ, ମୁଣ୍ଡା, ହୋ ଭଳି ଅନେକ ପ୍ରମୁଖ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ବସବାସ କରନ୍ତି। ଏମାନଙ୍କ ମଧ୍ୟରୁ ସାନ୍ତାଳୀ ହେଉଛନ୍ତି ମୁଖ୍ୟ ଆଦିବାସୀ ଗୋଷ୍ଠୀ, ତାଙ୍କର ଭାଷା ଭାରତୀୟ ସମ୍ବିଧାନ ସ୍ୱୀକୃତିପ୍ରାପ୍ତ ଭାଷା ଅଟେ ଏବଂ ଏହାର ସ୍ୱତନ୍ତ୍ର ଲିପି 'ଅଲଚିକି' ରହିଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ସାନ୍ତାଳୀ ଭାଷା ପାଇଁ ଅଲଚିକି ଲିପିକୁ ହିଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ତେବେ ଶିକ୍ଷା ବ୍ୟବସ୍ଥାରେ ଏବେ ବି ପଛୁଆ ହୋଇ ରହିଛନ୍ତି ଆଦିବାସୀ ଲୋକେ। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ସୃଷ୍ଟି ଅଲଚିକି ଲିପି ପ୍ରତି ରାଜ୍ୟ ସରକାର କ୍ରମାଗତ ଅବହେଳା କରିଚାଲିଛନ୍ତି। ତେଣୁ ମାତୃଭାଷା, ଲିପି ଓ ଶିକ୍ଷାର ସାମଗ୍ରିକ ଭାବେ ବିକାଶ କରିବା ଲକ୍ଷରେ 'ଅଖିଳ ଭାରତ ସାନ୍ତାଳୀ ଭାଷା ଓ ଲିପି ବିକାଶ ମୋର୍ଚ୍ଚା' ଗଠିତ କରାଯାଇଛି। ବାରମ୍ବାର ଆନ୍ଦୋଳନ ପରେ ଏଥିପ୍ରତି ଧ୍ୟାନ ଦେଉ ନ ଥିବାରୁ ପ୍ରତିବାଦରେ ଆସନ୍ତା ଜାନୁଆରୀ ମାସରୁ ବିରାଟ ଅଲଚିକି ଆନ୍ଦୋଳନ ସୃଷ୍ଟି କରାଯିବ ବୋଲି ନବନିର୍ବାଚିତ ସଭାପତି ଅର୍ଜୁନ ମୁର୍ମୁ ପ୍ରକାଶ କରିଛନ୍ତି।

## ଅଜଣା ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାରିପଦା, ୧୮।୧୨(ସମିସ): ସ୍ଥାନୀୟ ଭଞ୍ଜପୁର ଥାନା ଅନ୍ତର୍ଗତ ୨୭ ନମ୍ବର ୱାର୍ଡ ତକତପୁରସ୍ଥିତ ବିଜେପି ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରୁ ଗୁରୁବାର ଜଣେ ଅଜଣା ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ସକାଳେ ନିମ୍ବ ଗଛରେ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଖବର ପାଇ ଭଞ୍ଜପୁର ପୁଲିସ ପହଞ୍ଚି ଅଗ୍ନିଶମ ବିଭାଗ ସହାୟତାରେ ଗଛରୁ ମୃତଦେହ ଉଦ୍ଧାର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ ପୂର୍ବକ ଘଟଣାର ତଦନ୍ତ ଆରମ୍ଭ କରିଛି।

## ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା କୋଚିଂ

ବାରିପଦା, ୧୮।୧୨(ସମିସ): ମୟୂରଭଞ୍ଜ ଜିଲ୍ଲାର ଶିକ୍ଷିତ ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଏକ ଅଭିନବ ପ୍ରୟାସ ଆସ୍ୱାୟର ଯୋଜନା ମାଧ୍ୟମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ବାରିପଦା ପକ୍ଷରୁ ମାଗଣା କୋଚିଂ ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଏଠାରେ ପଞ୍ଜିକୃତ ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରଶାସନିକ ସେବା ପରୀକ୍ଷା, ବ୍ୟାଙ୍କ, ଏସ୍‌ଏସ୍‌ସି, ଓଏସ୍‌ଏସ୍‌ସି ଓ ଅନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଶିକ୍ଷାଦାନ କରାଯିବ। ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଡିଗ୍ରୀ ହାସଲ କରିଥିବା ଆଶାୟୀ ଛାତ୍ରଛାତ୍ରୀ ଏଥିରେ ଭାଗ ନେଇପାରିବେ। ସମସ୍ତ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ତରଫରୁ ଉତ୍ତମ ରୂପେ ପ୍ରଶିକ୍ଷଣ ଦିଆଯାଇ ଆବଶ୍ୟକ ପାଠ୍ୟପୁସ୍ତକ ମଧ୍ୟ ପ୍ରଦାନ କରାଯିବ। ଏଥିପାଇଁ ଇଚ୍ଛୁକ ଛାତ୍ରଛାତ୍ରୀଙ୍କୁ ଆଇଟିଡିଏ ବାରିପଦା କାର୍ଯ୍ୟାଳୟକୁ ଆସି ଫର୍ମ ଦାଖଲ କରିପାରିବେ। ଆଗ୍ରହୀ ପ୍ରାର୍ଥୀମାନେ ବାରିପଦାସ୍ଥିତ ଆଇଟିଡିଏ କାର୍ଯ୍ୟାଳୟକୁ ଆସି ଆବେଦନ କରିପାରିବେ। ଅବିଳମ୍ବେ ଆବେଦନ କରିବା ପାଇଁ ଆଶାୟୀ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି। ପ୍ରଥମେ ଏସ୍‌ଟି ଓ ଏସ୍‌ସି ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଏହି ସୁଯୋଗ ପ୍ରଶାସନ ପକ୍ଷରୁ ଥିବାବେଳେ ଆପତ୍ତି ପାଇଁ ସମସ୍ତ ମେଧାବୀ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିପାରିବେ ବୋଲି କୁହାଯାଇଛି।

## ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ




ରାଇରଙ୍ଗପୁର, ୧୮।୧୨(ସମିସ): ରାଇରଙ୍ଗପୁରର ମହୁଲଡିହାସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଅଗ୍ନି ନିରାପତ୍ତା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଗ୍ନିଶମ ବାହିନୀ କର୍ମଚାରୀମାନେ ଛାତ୍ରଛାତ୍ରୀମାନଙ୍କୁ ଅଗ୍ନି ନିରାପତ୍ତା ନେଇ ସଚେତନ କରାଯାଇଛି। ଅଗ୍ନିକାଣ୍ଡ ଘଟଣା ଘଟିଲେ କିପରି ସମସ୍ତଙ୍କୁ ସୁରକ୍ଷିତ ସହ ଉଦ୍ଧାର କରିହେବ ସେନେଇ ସଚେତନ କରାଯାଇଛି। ବ୍ରଜପାତ ଓ ବିପର୍ଯ୍ୟୟ ସମୟରେ ସୁରକ୍ଷା ନିମନ୍ତେ ପଦକ୍ଷେପ ଗ୍ରହଣ ବାବଦରେ ମକ୍‌ଡ୍ରିଲ୍ ଜରିଆରେ ଜଣାଯାଇଥିଲା। ଅଗ୍ନି ନିରାପତ୍ତା ବ୍ୟବସ୍ଥା ବାବଦ ଅଗ୍ନିଶମ ଅଧିକାରୀ ଉପସ୍ଥିତିରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ସମେତ ଶିକ୍ଷକଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଗୁଲି ଆଶ୍ରମ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



ବଡ଼ସାହି, ୧୮।୧୧(ସମିସ): ଏହି ବ୍ଲକ ଅଧୀନ କୋଚିଳାଖୁଣ୍ଟା ପଞ୍ଚାୟତ ବାଗୁଲି ଆଶ୍ରମ ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଓସେପା ଭୁବନେଶ୍ୱରର ଯୁଗ୍ମ ନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ସମଗ୍ର ଶିକ୍ଷା ମୟୂରଭଞ୍ଜର ବୈଷୟିକ ସଂଯୋଜକ ପଦ୍ମଲୋଚନ ପ୍ରଧାନ, କୋଚିଳାଖୁଣ୍ଟା ଗ୍ରାମ ପଞ୍ଚାୟତର ସରପଞ୍ଚ ତଅପୋଇ ସିଂ, ସିଆର୍‌ସିସି ମୀନତି ପଣ୍ଡା, ଶିକ୍ଷା କମିଟିର ଚେୟାରମ୍ୟାନ୍ ଜାନକୀ କୁଅଁର, ସମାଜସେବୀ ନରେନ୍ଦ୍ର ସିଂ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ମିଳିତ ପରେଡ୍ ମାଧ୍ୟମରେ ମଞ୍ଚାସିନ ଅତିଥିମାନଙ୍କୁ ଅଭିବାଦନ ଜଣାଇବା ପରେ ମୁଖ୍ୟ ଅତିଥି କ୍ରୀଡ଼ା ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଶୁଭ ଉଦ୍‌ଘାଟନ କରିଥିଲେ। ଏଥିରେ ଦୌଡ଼, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ମ୍ୟୁଜିକ୍ ଚେୟାର, ସଟ୍‌ପୁଟ୍ ଆଦି କ୍ରୀଡ଼ାରେ ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଓସେପାର ଯୁଗ୍ମନିର୍ଦ୍ଦେଶକ ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟର ମାନଦଣ୍ଡ ସବୁ ଯାଞ୍ଚ କରିଥିଲେ। ଛାତ୍ରଛାତ୍ରୀଙ୍କର ଶୃଙ୍ଖଳା ଏବଂ ଶିକ୍ଷକଶିକ୍ଷୟିତ୍ରୀଙ୍କ ଟିମ୍ ୱାର୍କ ପାଇଁ ବେଶ୍ ପ୍ରଶଂସା କରିଥିଲେ। ଶିକ୍ଷକ ମୃତ୍ୟୁଞ୍ଜୟ ଦାସ ମଞ୍ଚ ପରିଚାଳନା କରିଥିବାବେଳେ ଲୁଗୁ ସିଂ, ଲିଲିମା ମଣ୍ଡଳ, ସସ୍ମିତା ସେଠୀ ଏବଂ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ନାରାୟଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କୃଷିବିଭାଗ ତରଫରୁ ଗଡ଼ିଲା ସଚେତନତା ରଥ

# ଜମିକୁ ଯାଇ ଚାଷୀଙ୍କୁ ସଚେତନ କଲେ ଅଧିକାରୀ




'ସକାଳ' ପ୍ରଭାବ

ମୋରଡ଼ା, ୧୮।୧୨(ସମିସ): ଗତ ୧୬ ତାରିଖ ଦିନ ଦୈନିକ ଖବର କାଗଜ 'ସକାଳ'ରେ ଧାନ ଅମଳ ପରେ କ୍ଷେତ ପୋଡ଼ିବା ନେଇ ପ୍ରକାଶିତ ହୋଇଥିବା 'ପ୍ରଦୂଷିତ ହେଉଛି ବାୟୁମଣ୍ଡଳ, କୃଷିବିଭାଗ ପକ୍ଷରୁ ସଚେତନତା ଅଭାବ' ଶୀର୍ଷକ ଖବର ପ୍ରକାଶ ହେବାପରେ ବିଭାଗ ତରଫରୁ ତତ୍ପରତା ଦେଖାଦେଇଛି। ବ୍ଲକ କୃଷି ଅଧିକାରୀ ସ୍ନେହାଶିଷ ସାହୁଙ୍କ ନିର୍ଦ୍ଦେଶ କ୍ରମେ କୃଷିବିଭାଗର ବିଭିନ୍ନ ଅଧିକାରୀ ଓ କର୍ମଚାରୀମାନେ ଧାନ କ୍ଷେତକୁ ଯାଇ ଚାଷୀଙ୍କୁ ସଚେତନ କରାଇବା ସହ ମାଇକ୍ ଯୋଗେ ଏକ ସଚେତନତା ରଥ ମୋରଡ଼ା ବ୍ଲକର ୨୦ଟି ପଞ୍ଚାୟତରେ ଭ୍ରମଣ କରାଇଛନ୍ତି। ଚାଷ ଜମିରେ ନିଆଁ ଲଗାନ୍ତୁ ନାହିଁ, ନିଆଁ ଲଗାଇବା ଦ୍ୱାରା ଜମିର ଥିବା ଜୈବିକ ଉର୍ବରତା ନଷ୍ଟ ହୋଇଯାଇଥାଏ। ଏଥିସହ ମାଟିରେ ଥିବା ଉପକାରୀ କୀଟଗୁଡ଼ିକର ବଂଶ ମଧ୍ୟ ଲୋପ୍ ପାଇଯିବ। ଫଳରେ ମାଟିର ଉର୍ବରତା ନଷ୍ଟ ହୋଇଯିବା କାରଣରୁ ଆଗକୁ ଭଲ ଫସଲ ହେବ ନାହିଁ। ତେଣୁ ନଡ଼ା, କୁଟାଗୁଡ଼ିକୁ ଜମିରେ ପକାଇ ତା' ଉପରେ ୟୁରିଆ ସିଞ୍ଚନ କରି ପଚାଇବାକୁ କୃଷିବିଭାଗ ତରଫରୁ ଅନୁରୋଧ କରାଯାଇଛି। ଯାହାଫଳରେ ଚାଷ ଭଲ ହେବା ସହିତ ଅମଳ ବୃଦ୍ଧି ପାଇବ।

## ଶ୍ରୀରାମଚନ୍ଦ୍ର ଭଞ୍ଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବେତନଟୀ, ୧୮।୧୨(ସମିସ): ବେତନଟୀ ଥାନା ଅନ୍ତର୍ଗତ ରାଗ୍‌ଧାସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହେବା ସହ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିନିମନ୍ତେ ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ ବାରିପଦାର ଉପଜିଲ୍ଲାପାଳ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡ. ଦୟାସିନ୍ଧୁ ପରିଡ଼ା। ସଭା ମଞ୍ଚକୁ ସଞ୍ଚାଳନ କରିଥିଲେ ଅଧ୍ୟକ୍ଷ ଅନନ୍ତ ନାରାୟଣ ମିଶ୍ର। ମୁଖ୍ୟ ଅତିଥି ରୂପେ ବାରିପଦା ବିଧାୟକ ପ୍ରକାଶ ସୋରେନ୍, ମୁଖ୍ୟବକ୍ତା ଭାବେ ବେତନଟୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରମାକାନ୍ତ ସିଂହ, ସମ୍ମାନିତ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉତ୍ତର ଓଡ଼ିଶା ଶାଖାର ଉପସଚିବ ରାଜେଶ କୁମାର ପ୍ରଧାନ, ଶ୍ରୀରାମଚନ୍ଦ୍ର ଭଞ୍ଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ସମ୍ପାଦକ ସୁକାନ୍ତ କୁମାର ମହାନ୍ତ ଓ ରାଗ୍‌ଧା ଡିଗ୍ରୀ କଲେଜର ପ୍ରତିଷ୍ଠାତା ସମ୍ପାଦକ ଆକୁଳ ଚନ୍ଦ୍ର ମହାନ୍ତ ଯୋଗଦେଇଥିଲେ। ଅଧ୍ୟାପକ ଡ. ହାଡ଼ିବନ୍ଧୁ ବେହେରା ସ୍ୱାଗତ ଭାଷଣ ଦେଇଥିଲେ ଓ ଅଧ୍ୟାପିକା ରେଣୁବାଳା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ୧୦୨ ଜଣ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଅଧ୍ୟାପକ ଶତ୍ରୁଘ୍ନ ମହାନ୍ତଙ୍କ ତତ୍ତ୍ୱାବଧାନରେ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିବାରେ ସହଯୋଗ କରିଥିଲେ ଅଧ୍ୟାପକ ମୁରଲୀଧର ମହାନ୍ତ, ନବ କିଶୋର ବେହେରା, ଅଧ୍ୟାପିକା ଲିଲିରାଣୀ ନାୟକ, ସିପ୍ରା ମହୁଆଳ, ତନୁଶ୍ରୀ ସେନାପତି, ମୋନାଲିସା ବିନ୍ଧାଣୀ, ରୁଦ୍ରାଣୀ ଗିରି, କ୍ରୀଡ଼ା ଶିକ୍ଷକ ରାମ ଚନ୍ଦ୍ର ବେଶ୍ରା ଓ ଡେମୋନ୍‌ଷ୍ଟ୍ରେଟର ବିକ୍ରମାଦିତ୍ୟ ଦାସ, ଗୌର ମହାନ୍ତ, କୈଳାଶ ମହାନ୍ତ ଓ ଗୋରାଚାନ୍ଦ୍ ମହାନ୍ତ।

## ଅବକାରୀ ବିଭାଗର ଚଢ଼ଉ; ୩ ଗିରଫ

ମୋରଡ଼ା, ୧୮।୧୨(ସମିସ): ମୋରଡ଼ା ଅବକାରୀ ଅଧିକାରୀ ଦୀପକ ରାଉତଙ୍କ ନେତୃତ୍ୱରେ ଗୁରୁବାର ମୋରଡ଼ା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦୁଇଜଣ ପୁରୁଷ ଓ ଜଣେ ମହିଳାଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୫୭ ଲିଟର ଦେଶୀମଦ ଜବତ କରାଯାଇଛି। ଗିରଫମାନେ ହେଲେ ମୋରଡ଼ା ଥାନା ପଟ୍ଟାକୁଣ୍ଡିଆ ଗ୍ରାମର ଲକ୍ଷ୍ମଣ ହାଁସଦା(୫୦), ବଳଦିଆ ଗ୍ରାମର ମଲ୍ଲି ହେମ୍ବ୍ରମ(୪୫) ଏବଂ ଛୋଟରାଇପୁର ଗ୍ରାମର କମଳାକାନ୍ତ ମହାନ୍ତ(୫୧)। ସେମାନଙ୍କ ନିକଟରୁ ୧୨ ଲିଟର, ୧୫ଲିଟର ଏବଂ ୩୦ ଲିଟର ଲେଖାଏଁ ଦେଶୀମଦ ଜବତ କରାଯାଇଥିବା ବେଳେ ପୃଥକ୍ ପୃଥକ୍ ୩ଟି ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି।

## ବେତନଟୀ ବ୍ଲକ୍‌ସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

# ଅସମାନ୍ତରାଳ ରାସ୍ତା ଓ ପାନୀୟ ଜଳ ପାଇଁ ଅସନ୍ତୋଷ

ବେତନଟୀ, ୧୮।୧୨(ସମିସ): ମଙ୍ଗଳବାର ବେତନଟୀ ବ୍ଲକରେ ବ୍ଲକସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ବେତନଟୀ ପିଏମ୍‌ଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବେତନଟୀ ବ୍ଲକ ପ୍ରଶାସନ ଆୟୋଜନ କରିଥିବାବେଳେ ମୋଟ୍ ପଞ୍ଜୀକରଣ ୭୬୩ ଜଣଙ୍କୁ କରାଯାଇଥିଲା। ସେଥିମଧ୍ୟରୁ ୪୩୩ ଭିନ୍ନକ୍ଷମ ଚିହ୍ନଟ କରାଯାଇଛି। ସହାୟକ ଉପକରଣ ପାଇଁ ୧୬୬ ଜଣଙ୍କୁ ଚିହ୍ନଟ କରାଯାଇଥିବା ବେଳେ ବସ୍ ପାସ୍ ପାଇଁ ୩୨୪ଜଣ ଓ ସରକାରୀ ଆବାସ ପାଇଁ ୨୪ ଜଣଙ୍କ ନାମ ଅନୁମୋଦନ କରାଯାଇଥିଲା। ଦକ୍ଷତା ଥିବା ଦୁଇ ଜଣଙ୍କୁ ନିଯୁକ୍ତି ପାଇଁ ଚିହ୍ନଟ କରାଯାଇଥିବା ମଧ୍ୟ ଜଣାଯାଇଛି। ୨୦୨୫-୨୬ର ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ କାର୍ଯ୍ୟକ୍ରମରେ କେତେକ ବ୍ୟତିକ୍ରମ ମଧ୍ୟ ଦେଖିବାକୁ ମିଳିଥିଲା। ଏହି ବର୍ଷ ପଞ୍ଜୀକରଣ ସଂଖ୍ୟା ପୂର୍ବ ବର୍ଷମାନଙ୍କ ଅପେକ୍ଷା ଯଥେଷ୍ଟ କମ୍ ଥିବାର ଦେଖିବାକୁ ମିଳିଛି। ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଆୟୋଜନ ସ୍ଥାନଟି ସମତଳ ନ ଥିବାରୁ ଭିନ୍ନକ୍ଷମମାନେ ଆସିବା ପାଇଁ ଅସ୍ଥାୟୀ ଭାବେ ରାସ୍ତା କିମ୍ବା ସମତଳ ସ୍ଥାନ କରାଯାଇ ନ ଥିଲା ଫଳରେ ଚାଲିକି ଆସିବା କିମ୍ବା ଭିନ୍ନକ୍ଷମ ବ୍ୟବହାର କରୁଥିବା ୩ ଚକିଆ ସାଇକଲ ଚଲାଇ ଆସୁଥିବା ହିତାଧିକାରୀମାନେ ଓ ହିତାଧିକାରୀଙ୍କ ପରିବାର ଲୋକ ଏହି ସାଇକଲ ଚଲେଇବାକୁ ଆୟୋଜନ ସ୍ଥାନରେ ହଟହଟା ହୋଇଥିଲେ। ଏଭଳି ତିନିଚକିଆ



### ହୁଇଲ୍ ଚେୟାରକୁ ଠେଲିଲେ ୩ ସଦସ୍ୟ

ସାଇକଲକୁ ୩ ଜଣ ଠେଲୁଥିବାର ଦେଖିବାକୁ ମିଳିଥିଲା।

ସୂଚନା ଥାଉକି, ୨୦୨୪-୨୫ ଆର୍ଥିକ ବର୍ଷରେ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏହି ସ୍ଥାନର ଉନ୍ନତୀକରଣ କରାଯାଇଥିବାର ଏକ ସୂଚନାଫଳକ ସେହି ସ୍ଥାନରେ ଦେଖିବାକୁ ମିଳିଥିଲା। ସେ ଯାହାବି ହେଉ ଏହି ବର୍ଷ ହିତାଧିକାରୀମାନେ ଜନସେବା କେନ୍ଦ୍ରରୁ ଅନ୍‌ଲାଇନ୍‌ରେ ପଞ୍ଜୀକରଣ ପରେ ସାମର୍ଥ୍ୟ ଅଭିଯାନରେ ନିଜର ନାମକୁ ପଞ୍ଜୀକରଣ କରିପାରୁଥିଲେ। ଭିଡ଼ ବୃଦ୍ଧି ପାଉଥିବାବେଳେ କାର୍ଯ୍ୟ ବିଳମ୍ବ ହେଉଥିଲା। ଏଥିପାଇଁ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ବେତନଟୀ ବ୍ଲକର ୨୪ଟି ପଞ୍ଚାୟତରୁ ହିତାଧିକାରୀମାନେ ଆସିଥିବାବେଳେ କେତେକ ଗ୍ରାମପଞ୍ଚାୟତର ପଞ୍ଚାୟତ ସମିତି ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ପାଇଁ ବ୍ଲକ ପ୍ରଶାସନ ଗୁରୁତ୍ୱ ଦେଇ ନ ଥିବାର ଅଭିଯୋଗ କରିଛନ୍ତି। ଫଳରେ ହିତାଧିକାରୀମାନେ କେତେକ ଅସୁବିଧାରେ ସମ୍ମୁଖୀନ ହେଉଥିବାର ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ମଧ୍ୟାହ୍ନଭୋଜନ ଖାଇବା ଓ ପାନୀୟଜଳର ବ୍ୟବସ୍ଥା ହୋଇଥିଲେ ମଧ୍ୟ ଏହା କାର୍ଯ୍ୟକ୍ରମଠାରୁ ଅନତି ଦୂରରେ କରାଯାଇଥିବା ବେଳେ ଗଣମାଧ୍ୟମ ହସ୍ତକ୍ଷେପ ପରେ ପାନୀୟଜଳକୁ ହିତାଧିକାରୀଙ୍କ ନିକଟରେ ପହଞ୍ଚାଯାଇଥିଲା। ଏଭଳି ଅବ୍ୟବସ୍ଥା ଥିବାବେଳେ ବେତନଟୀ ବିଡିଓ ଆୟୋଜନ ସ୍ଥାନରେ ଅଳ୍ପ ସମୟ ପାଇଁ ରହି ପଳାଇଯିବା ଓ ବଡ଼ସାହି ବିଧାୟକ ଉପସ୍ଥିତ ନ ରହିବା ଯୋଗୁଁ ଜନସାଧାରଣଙ୍କ ମଧ୍ୟରେ ଏହି ବିଷୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏ ସମ୍ପର୍କରେ ବେତନଟୀ ବ୍ଲକ ବିଏସ୍‌ଏସ୍‌ଓ ରୁଦ୍ର ନାରାୟଣ ସିଂହଙ୍କୁ ପଚାରିବାରୁ କୁହନ୍ତି, ଏବର୍ଷ କାର୍ଯ୍ୟକ୍ରମରେ ଯାହା ବି ଅବ୍ୟବସ୍ଥା ହୋଇଥିଲା। ଆସନ୍ତା ବର୍ଷ ଏଭଳି ଅସୁବିଧା ରହିବ ନାହିଁ।

## ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ଉତ୍ସବ

# ଅରୁଣ କୁମାର ରଥଙ୍କୁ 'ଭଞ୍ଜ ଗୌରବ ସମ୍ମାନ'



ବାରିପଦା, ୧୮।୧୨(ସମିସ)

ଆମେ ମୟୂରଭଞ୍ଜିଆ ଆନୁକୂଲ୍ୟରେ ସ୍ଥାନୀୟ ଶିଶୁ ଉଦ୍ୟାନ ପରିସରରେ ଥିବା ଐତିହାସିକ ବ୍ୟାଣ୍ଡ ଷ୍ଟାଣ୍ଡଠାରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲ, କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ସହିତ ଚିତ୍ରକଳା, ରଙ୍ଗୋଲି ଓ ଅନ୍ୟାନ୍ୟ ପ୍ରତିଯୋଗିତା, ମହିଳାମାନଙ୍କ ମଧ୍ୟରେ ମେହେନ୍ଦି, ଝୋଟି, ହୁଳହୁଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ସନ୍ଧ୍ୟାରେ ଉଦ୍‌ଯାପନୀ ଉତ୍ସବରେ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଗତ ୩ବର୍ଷ ଧରି ସଂସ୍କାର ଶିଶୁ ମହୋତ୍ସବ ମୟୂରୀରେ ଚାମ୍ପିଅନ ହେଉଥିବା କୃତୀ ଛାତ୍ର ସତ୍ୟ ପ୍ରକାଶ ପତିଙ୍କୁ ସୁପର ଚାମ୍ପିଅନ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତ ବର୍ଷ ପୂର୍ବତନ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ସଚିବ ତଥା ପ୍ରଖ୍ୟାତ ଲେଖକ ସେବାନିବୃତ୍ତ ଆଇଏଏସ୍ ଡ. ଅରୁଣ କୁମାର ରଥଙ୍କୁ 'ଆମେ ମୟୂରଭଞ୍ଜିଆ' ପକ୍ଷରୁ ମର୍ଯ୍ୟାଦାଜନକ 'ଭଞ୍ଜ ଗୌରବ ସମ୍ମାନ' ପ୍ରଦାନ କରାଯାଇଥିଲା। ଉତ୍ସବକୁ ଡ. ଅରୁଣ କୁମାର ରଥ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦ୍‌ଘାଟନ କରିଥିବାବେଳେ ପ୍ରଥମ ଅଧିବେଶନର ମୁଖ୍ୟଅତିଥି ଭାବେ ମହାରାଜା ଶ୍ରୀରାମ ଚନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରମୋଦ କୁମାର ଶତପଥୀ, ମୁଖ୍ୟବକ୍ତା ଭାବେ ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରା, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ତଥା ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଭୁବନେଶ୍ୱରର ରାଜନୀତି ବିଜ୍ଞାନ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଅଭିରାମ ବିଶ୍ୱାଳ, ବିଶେଷ ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ଉପଜିଲ୍ଲାପାଳ ଡ. ଦୟସିନ୍ଧୁ ପରିଡ଼ା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. କୈଳାସ ଚନ୍ଦ୍ର ମହାନ୍ତି ପ୍ରମୁଖ ମଞ୍ଚାସୀନ ହୋଇ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆମେ ମୟୂରଭଞ୍ଜିଆର ଅଧ୍ୟକ୍ଷ ସଞ୍ଜୟ କୁମାର ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଦିବସବ୍ୟାପୀ କାର୍ଯ୍ୟକ୍ରମରେ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ବନଜା ମହାନ୍ତି ଅଧ୍ୟକ୍ଷତା କରିଥିଲେ। ପ୍ରଥମ ଅଧିବେଶନରେ ବିଶିଷ୍ଟ ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିବାବେଳେ ଉଦ୍‌ଯାପନୀ ପରେ ସମାଜସେବୀ ସାଇ ପ୍ରକାଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ଖୁଣ୍ଟିଂ



ମୟୂରଭଞ୍ଜ ଭଞ୍ଜ ରାଜବଂଶର ସର୍ବଶ୍ରେଷ୍ଠ ଦାୟାଦ ତଥା ଉତ୍କଳ ଜନନୀର ଅନନ୍ୟ ବରପୁତ୍ର ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ୧୫୫ତମ ଜୟନ୍ତୀ ପୁଣ୍ୟତୀର୍ଥ ଦୋମୁହାଣୀ ବିକାଶ ପରିଷଦ, ଆଦିପୁର ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ପରିଷଦର ସଭାପତି ଡ. ବଳଭଦ୍ର ଘଡ଼ାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପରିଷଦର ମୁଖ୍ୟ ଉପଦେଷ୍ଟା ତଥା ସୁନାମଧନ୍ୟ ସାରସ୍ୱତ ସାଧକ ଉମେଶ ଚନ୍ଦ୍ର ନାୟକ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିବା ସହିତ ମହାରାଜାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସମାଜସେବୀ ଅଜୟ କୁମାର ପଟ୍ଟନାୟକ ନିଜ ବକ୍ତବ୍ୟରେ ମହାରାଜାଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, କଳା, ସଂସ୍କୃତି, ଗମନାଗମନ, ଜଳସେଚନ, ଭାଷା ଆନ୍ଦୋଳନ, ଉତ୍ତମ ଶାସନ ବ୍ୟବସ୍ଥା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ତଥା ଦେଶରେ ସର୍ବଦା ସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ।

## ରୂପାନ୍ତରିତ ପାର୍କର ଲୋକାର୍ପଣ ଉତ୍ସବ



ବାରିପଦା, ୧୮।୧୨(ସମିସ): ସ୍ଥାନୀୟ ଶ୍ରୀରାମଚନ୍ଦ୍ର ପାଠାଗାର (ଜୁବିଲୀ ଲାଇବ୍ରେରୀ) ପରିସରରେ ମୟୂରଭଞ୍ଜର ପୁଣ୍ୟଶ୍ଳୋକ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଲାଇବ୍ରେରୀ ପରିସରରେ ବହୁ ଆକାଂକ୍ଷିତ ରୂପାନ୍ତରିତ ପାର୍କକୁ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଲୋକାର୍ପଣ କରିଥିଲେ। ଏହାପରେ ଲାଇବ୍ରେରୀ ସଭାଗୃହରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମହାରାଜାଙ୍କ ପ୍ରତି ସମସ୍ତେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମହାରାଜାଙ୍କ ବିଦେଶ ଗସ୍ତ ଉପଲକ୍ଷେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ରଚିତ ଗୀତିକାକୁ ଦୀପକ ଭଞ୍ଜ ଆବୃତି କରିଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ଡ. ମହାପାତ୍ରଙ୍କ ସହିତ ସ୍ୱତନ୍ତ୍ର ଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଦେବୀ, ବାରିପଦା ବିଧାୟକ ପ୍ରକାଶ ସୋରେନ, ମୁଖ୍ୟବକ୍ତା ଭାବେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ଶିଶିର ବେହେରା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସିନେ ସମୀକ୍ଷକ ସୂର୍ଯ୍ୟ ଦେଓ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ ଚିରନମସ୍ୟ ପ୍ରଜାବତ୍ସଳ ମହାରାଜା ଶ୍ରୀରାମ ଚନ୍ଦ୍ରଙ୍କ ସ୍ମୃତିଚାରଣ ସହିତ ତାଙ୍କର ଅକ୍ଷୟ କୀର୍ତ୍ତି, ମହାନୁଭବତାର ଆଦର୍ଶକୁ ଆଗକୁ ବଢ଼ାଇବାକୁ ଆହ୍ୱାନ ଦେଇଥିଲେ। ଲାଇବ୍ରେରୀର ସମ୍ପାଦକ ସଭାର ପରିଚାଳନା କରିଥିଲେ। ମହାରାଜା ଓ ମୟୂରଭଞ୍ଜ ବିଷୟରେ ଯୁବପୀଢ଼ିଙ୍କୁ ଜାଗରୁକ ଓ ସଚେତନ କରାଇବା ନିମନ୍ତେ ଲାଇବ୍ରେରୀ ଆୟୋଜିତ ଓ ସ୍ଥପତି ମନୋଜ କୁଅଁରଙ୍କ ଦ୍ୱାରା ପ୍ରାୟୋଜିତ ଆନ୍ତଃମହାବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତାର କୃତି ଛାତ୍ରମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ଏହି ଅବସରରେ ବାରିପଦା ବର୍ଷିଆନ ଶିକ୍ଷାବିତ୍, ପ୍ରାବନ୍ଧିକ ଏବଂ ସର୍ବୋପରି ଲାଇବ୍ରେରୀର ଶୁଭକାଂକ୍ଷୀ ଡ. ମୋହିତ ଷଡ଼ଙ୍ଗୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ତାଙ୍କ ଜୀବନାନୁଭୂତି ଆଧାରିତ ପୁସ୍ତକ 'ସ୍ମୃତି ଅର୍ଘ୍ୟ' ମଧ୍ୟ ଉନ୍ମୋଚିତ ହୋଇଥିଲା। ପ୍ରଦୀପ କୁମାର ଲେଙ୍କାଙ୍କ ପୁରାତନ ମୁଦ୍ରା ଓ ଡାକ ଟିକଟର ଏକକ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଆକର୍ଷଣ ସାଜିଥିଲା। ପ୍ରତିଷ୍ଠିତ ମାସିକ ପତ୍ରିକା 'ସମଦୃଷ୍ଟି' ଓ 'ପଞ୍ଚକୋଷ'ର ମିଳିତ ପ୍ରୟାସରେ ସମ୍ପାଦିତ ଡିସେମ୍ବରର ବିଶେଷ ସଂଖ୍ୟା 'ସ୍ମୃତି ଓ ଅନୁଭୂତିରେ ମୟୂରଭଞ୍ଜ ରାଇଜ୍' ମଧ୍ୟ ଉନ୍ମୋଚିତ ହୋଇଥିଲା। ପାଠାଗାର ସଭାପତି ଜୟନ୍ତ କୁମାର ପାଲ୍ ଓ ସମ୍ପାଦକ ଅଶୋକ ବେହେରାଙ୍କ ସହିତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଦେବବ୍ରତ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

## 'ମହାରାଜାଙ୍କ ମହାନୁଭବତା' ଆଲୋଚନା ଚକ୍ର ଓ ଜୟନ୍ତୀ ଉତ୍ସବ




ବାରିପଦା, ୧୮।୧୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ପାଳନ ସମାରୋହ ସହିତ 'ମହାରାଜାଙ୍କ ମହାନୁଭବତା' ଶୀର୍ଷକ ଏକ ଆଲୋଚନାଚକ୍ର ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଉତ୍ତରଦାୟାଦ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ମୁଖ୍ୟଅତିଥି ରୂପେ ଯୋଗଦେଇ ଶ୍ରୀରାମଚନ୍ଦ୍ରଙ୍କ ଗୁଣଗାନ କରିଥିଲେ। ବିଶିଷ୍ଟ ସ୍ତମ୍ଭକାର ପ୍ରଫେସର ଅଭିରାମ ବିଶ୍ୱାଳ ମୁଖ୍ୟବକ୍ତା ଭାବରେ ଯୋଗଦେଇ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଜୀବନାଲେଖ୍ୟ ଉପସ୍ଥାପନା କରିବା ସହିତ ତାଙ୍କୁ ଜଣେ ଦୂରଦୃଷ୍ଟିସମ୍ପନ୍ନ ବହୁଦିଗ୍‌ଦର୍ଶୀ ସଫଳ ରାଜା ଭାବରେ ଉପସ୍ଥାପନା କରିଥିଲେ। ବିଶ୍ୱବିଦ୍ୟାଳୟ ସାଂସ୍କୃତିକ ପରିଷଦର ସଂଯୋଜିକା ଡ. ମୋନାଲି ଗୋସ୍ୱାମୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାରପ୍ରାପ୍ତ କୁଳସଚିବ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ. ସୁବ୍ରତ କୁମାର ରଣା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ପ୍ରଫେସର ଡ. ଶାନ୍ତିସ୍ୱରୂପ ବଶା ମଞ୍ଚ ପରିଚାଳନା ଓ ସଂଯୋଜନା କରିଥିଲେ।

## ବେତନଟୀ ପ୍ରିମିୟର ଲିଗ୍: ଜଗନ୍ନାଥ ୱାରିୟର୍ସ ଓ ଜୟ ଶ୍ରୀରାମ ଫାଇଟର ବିଜୟୀ

ବେତନଟୀ, ୧୮।୧୨(ସମିସ): ବେତନଟୀ କ୍ରିକେଟ କ୍ଲବ୍ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ୍ ସିଜିନ୍-୧୨ର ଦ୍ୱିତୀୟ ଦିନରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମଟି ୧୧ ଷ୍ଟାର୍ ମୋରଡ଼ା ଓ ଜଗନ୍ନାଥ ୱାରିୟର୍ସ ମଧ୍ୟରେ ହୋଇଥିବାବେଳେ ଦ୍ୱିତୀୟ ମ୍ୟାଚ୍ କାଳଭୈରବ ଓ ଜୟ ଶ୍ରୀରାମ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଦୁଇଟି ମ୍ୟାଚ୍‌ରେ ଜଗନ୍ନାଥ ୱାରିୟର୍ସ ଓ ଜୟ ଶ୍ରୀରାମ ଫାଇଟର ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ୧୧ ଷ୍ଟାର ମୋରଡ଼ା ୨୦ ଓଭରରେ ୯ ୱିକେଟ୍ ହରାଇ ୯୯ ରନ୍ ସଂଗ୍ରହ କରିଥିବାବେଳେ ଜଗନ୍ନାଥ ୱାରିୟର୍ସ ୧୦.୫ ଓଭରରେ ୨ ୱିକେଟ ହରାଇ ୧୦୦ ରନ୍ କରି ବିଜୟଲାଭ କରିଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚ୍‌ରେ କାଳଭୈରବ ୨୦ ଓଭରରେ ୭ ୱିକେଟ ହରାଇ ୧୭୩ ରନ୍ ସଂଗ୍ରହ କରିଥିବାବେଳେ ଜୟ ଶ୍ରୀରାମ ଫାଇଟର ୧୬.୫ ଓଭରରେ ୨ ୱିକେଟ ହରାଇ ୧୭୫ ରନ୍ ସଂଗ୍ରହ କରି ବିଜୟଲାଭ କରିଥିଲା। ଏଥିରେ ଜୟ ଶ୍ରୀରାମ ଫାଇଟରର ସୁଧାକର ନାଏକ ୫୬ ବଲ୍‌ରେ ୧୦୬ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳକୁ ସୁଧାକର ପଣ୍ଡା ଓ ଅନୁପ ଦଣ୍ଡପାଟ ପରିଚାଳନା କରିଥିଲେ। ସ୍କୋର୍ ଦାୟିତ୍ୱରେ ଟିକି ମହାନ୍ତ ଓ ଅନ୍‌ଲାଇନ୍ ସ୍କୋରର ଭାବରେ ଗୌରବ ନାଥ, ସୋରଜ ନାଥ ପରିଚାଳନା କରିଥିଲେ।

## ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

ମହୁଲଡିହା, ୧୮।୧୨(ସମିସ): ମହୁଲଡିହା ଥାନା ଠାକୁରମୁଣ୍ଡା-ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥର ଘୁଲୁଘୁଲିଆ ବାଙ୍କରେ ଗୁରୁବାର ଅପରାହ୍ଣରେ ବାଇକ୍ ଚାଳକ ଭାରସାମ୍ୟ ହରାଇ ପିଲାର ଖୁଣ୍ଟିକୁ ଧକ୍କା ଦେବାରୁ ଦୁଇ ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତର ଦ୍ୱୟ ହେଲେ ଠାକୁରମୁଣ୍ଡା (ମନ୍ଦିରସାହି)ର ଦୀପକ ଦେହୁରୀ (୨୫) ଓ ତାଙ୍କ ସାଙ୍ଗ ଦୀପୁନ ବାନସିଙ୍ଗ(୩୫)। ଗୁରୁବାର ସାପ୍ତାହିକ ହାଟକୁ ଦୁଇ ସାଙ୍ଗ ବାଇକ୍‌ରେ ଯାଉଥିବାବେଳେ ଦୁର୍ଘଟଣା ଘଟିଛି। ଖବର ପାଇ ମହୁଲଡିହା ଥାନା ଏଏସ୍‌ଆଇ ବିଜୟକୃଷ୍ଣ ସାନ୍ତରା ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛନ୍ତି।

## କରଞ୍ଜିଆରେ ମୁସଲ୍‌ମାନ ସମ୍ପ୍ରଦାୟର 'ଜଲ୍‌ସା'



କରଞ୍ଜିଆ, ୧୮।୧୨(ସମିସ): ଅଖିଳ ଓଡ଼ିଶା ମୁସ୍‌ଲିମ କମିଟି, କରଞ୍ଜିଆ ଶାଖା ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ମୁସଲ୍‌ମାନ ଧର୍ମାବଲମ୍ବୀମାନଙ୍କ ଏକ ଧର୍ମସଭା ବା ଜଲ୍‌ସା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁସଲ୍‌ମାନ ଧର୍ମଗୁରୁ ମୌଲାନା ନଜିବୁଲ୍ ଅମିନ (କଟକ), ମୁଫ୍‌ତି ଜାହିଦ (ବଡ଼ବିଲ), ଆବୁବାକର ଜାବିର ସାହେବ୍ ହାଇଦରାବାଦ ଓ ମହମ୍ମଦ ସାବିର(କଟକ) ଯୋଗଦେଇ କୋରାନ୍ ଧର୍ମଗ୍ରନ୍ଥ ଉପରେ ଆଲୋକପାତ କରିବା ସହ ଧାର୍ମିକ ବାକ୍ୟ ପ୍ରଦାନ କରିଥିଲେ। ଉପସ୍ଥିତ ମୁସଲ୍‌ମାନ ଧର୍ମାବଲମ୍ବୀମାନଙ୍କୁ କୋରାନରେ ଲିପିବଦ୍ଧ ଆଲ୍ଲାଙ୍କ ବିଭିନ୍ନ ବାଣୀ ପ୍ରକାଶ କରିଥିଲେ। ଜଣେ ସଚ୍ଚା ମୁସଲ୍‌ମାନ ସମସ୍ତ ଧର୍ମାବଲମ୍ବୀଙ୍କୁ ପ୍ରେମ କରିବା ସହ ଅନ୍ୟ ଧର୍ମର ଲୋକମାନଙ୍କ ପ୍ରତି ବିଦ୍ୱେଷ ଭାବପୋଷଣ କରିବା ଅନାବଶ୍ୟକ। କୋରାନ୍ ପଢ଼, କୋରାନରେ ଲେଖାଥିବା ବାକ୍ୟ ମାନ, ରୋଗାଗ୍ରସ୍ତ ଓ ଦୁଃଖିରଙ୍କୀଙ୍କ ସେବା କର, ପ୍ରତିବାସୀମାନଙ୍କୁ ପ୍ରେମ କର ବୋଲି ପରାମର୍ଶ ଦେଇଥିଲେ। ସେମାନେ ହିନ୍ଦୁ-ମୁସଲମାନ ଏକତା ଉପରେ ଗୁରୁତ୍ୱ ପ୍ରଦାନ କରି ଆମେ ସମସ୍ତେ ପ୍ରଥମେ ଭାରତୀୟ ବୋଲି କହିଥିଲେ। ଏହି ସଭାରେ କରଞ୍ଜିଆ, କେନ୍ଦୁଝର, ଚମ୍ପୁଆ, ଝୁମ୍ପୁରା, ତାଟୋ, ଝଟିଆଳି, ଠାକୁରମୁଣ୍ଡା, ଚଢ଼େଇଭୋଳ ପ୍ରଭୃତି ସ୍ଥାନରୁ ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ମୁସଲମାନ ଧର୍ମାବଲମ୍ବୀ ପୁରୁଷ, ମହିଳା ଓ ପିଲାମାନେ ଉପସ୍ଥିତ ରହି ଧାର୍ମିକ ବାକ୍ୟ ଶ୍ରବଣ କରିଥିଲେ।

## ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରୁ ଚୋରି

ରାଇରଙ୍ଗପୁର, ୧୮।୧୨(ସମିସ): ଗିଧିଘାଟିସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସବ୍ ସେଣ୍ଟରରୁ ଚୋରି ହୋଇଛି। ଏନେଇ ସିଏଚ୍‌ଓ ଫୁଲମଣି ହେମ୍ବ୍ରମ ତିରିଂ ଥାନାରେ ଅଭିଯୋଗ କରିଛନ୍ତି। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଅନେକ ସାମଗ୍ରୀ ଚୋରି କରିଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୩୫ ହଜାରରୁ ଊର୍ଦ୍ଧ୍ୱ ହେବ। ସେ ଏ ବାବଦରେ ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି।

## 'ସତ୍ୟବାଦିତା, ନିର୍ଭିକତା ଓ ଏକାଗ୍ରତା ହିଁ ସଫଳତାର ମୂଳମନ୍ତ୍ର'




ବାରିପଦା, ୧୮।୧୨(ସମିସ): ସ୍ଥାନୀୟ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ଆଧ୍ୟାତ୍ମିକ ଅନୁଷ୍ଠାନ ଗୀତାବାଣୀ ପ୍ରଚାର ସଂଘ ଆନୁକୂଲ୍ୟରେ ଏକ ଶ୍ରୀମଦ୍ ଭଗବତ ଗୀତା କୁଇଜ୍ ପ୍ରତିଯୋଗିତା ଓ ଆଲୋଚନାଚକ୍ର ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସନ୍ତୀ ଟୁଡୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକ ଭାବେ ଜଗନ୍ନାଥ ସଂସ୍କୃତିର ଗବେଷକ ତଥା ଗୀତା ପ୍ରଚାରକ ଭାଗବତ ପଣ୍ଡା ଛାତ୍ରଛାତ୍ରୀମାନଙ୍କୁ ସଫଳ ଓ ସାର୍ଥକ ମଣିଷ ହେବା ପାଇଁ ଶ୍ରୀମଦ୍ ଭଗବତ ଗୀତାର ବାଣୀକୁ ଆଧାର କରି ସତ୍ୟବାଦିତା, ନିର୍ଭିକତା ଓ ଏକାଗ୍ରତା ଭଳି ଗୁଣର ଅଧିକାରୀ ହେବାକୁ ପରାମର୍ଶ ଦେବା ସହିତ ତ୍ୟାଗ ହିଁ ଗୀତାର ସାରମର୍ମ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଆଧ୍ୟାତ୍ମିକ ପ୍ରବକ୍ତା ଡ. ପାର୍ଥସାରଥୀ ଜେନା ଜୀବନରେ ଦେଖାଯାଉଥିବା ସମସ୍ତ ସମସ୍ୟାର ସମାଧାନର ପନ୍ଥା ଶ୍ରୀମଦ୍ ଭଗବତ୍ ଗୀତାରେ ନିହିତ ବୋଲି ଉଲ୍ଲେଖ କରିବା ସହ ଜୀବନକୁ ସୁଧାରିବା ପାଇଁ ଗୀତାକୁ ଆଶ୍ରୟ କରିବା ଉଚିତ୍ ବୋଲି ମନ୍ତବ୍ୟ ଦେଇଥିଲେ। ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶିକା ଭାରତୀ ବେର୍ବା ଅନ୍ୟତମ ବକ୍ତାଭାବେ ଛାତ୍ରଛାତ୍ରୀଙ୍କ ଶୃଙ୍ଖଳିତ ଜୀବନ ପାଇଁ ଗୀତାର ବାଣୀକୁ ସମସ୍ତେ ଆଚରଣରେ ପ୍ରକାଶ କରିବା ଉଚିତ୍ ବୋଲି କହିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ନୈତିକ ଦାସ ଓ ନବଜିତ୍ ସାସମଲ ତଥା ଅଷ୍ଟମ ଶ୍ରେଣୀ ଛାତ୍ର ଅଙ୍କିତ ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ବେଦଙ୍କ ନିତ୍ୟାନନ୍ଦ ପଣ୍ଡା ସ୍ମୃତି ପୁରସ୍କାର ଲାଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ପୁଷ୍ପଲତା ସାହୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

DSPL-425



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଗୋପାଳକଙ୍କ ପାଇଁ
ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା

ଆର୍ଥିକ ସହାୟତା

- ଗୋପାଳନ ଓ ମଈଁଷିପାଳନ ପାଇଁ ୬୦ ରୁ ୭୦ ପ୍ରତିଶତ ରିହାତି
- ଗାଈମଈଁଷିଙ୍କ ବୀମାକରଣ ପାଇଁ ୮୫ ପ୍ରତିଶତ ରିହାତି
- ଘାସଚାଷ ପାଇଁ ଏକର ପ୍ରତି ୩୫,୦୦୦ ଟଙ୍କାର ସହାୟତା ଏବଂ ୨ ଲକ୍ଷ ମିନିକିଟ୍ ବିନା ଦେୟରେ ବଣ୍ଟନ
- ମାଈ ବାଛୁରୀ ପାଳନ ପାଇଁ ୫୦ ପ୍ରତିଶତ ରିହାତିରେ ଦାନା ଯୋଗାଣ
- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଗୋପାଳନ ପାଇଁ ୧୫ ପ୍ରତିଶତ ଅତିରିକ୍ତ ରିହାତି

ଅଧିକ ସୂଚନା ପାଇଁ 8280910944 କିମ୍ବା
ଦେୟମୁକ୍ତ ନମ୍ବର 155333 ରେ ଯୋଗାଯୋଗ କରନ୍ତୁ।

ସହାୟତା ପାଇବାକୁ sugam.odisha.gov.in ରେ ଆବେଦନ କରନ୍ତୁ

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର
fard.odisha.gov.in
Follow us: farddepartment farddepartment farddepartment @farddepartment

OIPR-06014/13/0076/2526

ସକାଳ
THE SAKALA

# ସମ୍ପାଦକୀୟ



ଯେତେବେଳେ କୃତ୍ରିମ ବୁଦ୍ଧିମତ୍ତା ସମ୍ପୂର୍ଣ୍ଣ ବିକଶିତ ହୋଇଯିବ ସେତେବେଳେ ମଣିଷମାନଙ୍କ ମଧ୍ୟରେ ପ୍ରତିଯୋଗିତାର ଆସ୍ପର୍ଦ୍ଧା ସମାପ୍ତ ହୋଇଯିବ।

-ଷ୍ଟିଫେନ୍ ହକିଂ

## ପାକିସ୍ତାନ ରାସ୍ତାରେ ବାଂଲାଦେଶ

କିଛିଦିନର ନିରବତା ପରେ ଏବେ ପୁଣି ବାଂଲାଦେଶରେ ହିନ୍ଦୁ-ବିରୋଧୀ ଆନ୍ଦୋଳନ ତେଜିଛି। ହିନ୍ଦୁ-ଭାରତ ବିଦ୍ୱେଷକୁ ରାଜନୈତିକ ପ୍ରସଙ୍ଗ କଲେ ରାଷ୍ଟ୍ର ଓ ରାଷ୍ଟ୍ରବାସୀଙ୍କ ଭବିଷ୍ୟତ କ'ଣ ହୋଇପାରେ ତାହାର ଜ୍ୱଳନ୍ତ ଉଦାହରଣ ହେଉଛି ପାକିସ୍ତାନ। ଏଥିରୁ କିଛି ଶିଖିବା ବଦଳରେ ବାଂଲାଦେଶ ପାକିସ୍ତାନର ପଦାଙ୍କ ଅନୁସରଣ କରୁଛି।

ବାଂଲାଦେଶରେ ଗଣତାନ୍ତ୍ରିକ ଶାସନ ଏବଂ ବର୍ତ୍ତମାନର କାମଚଳା ଧର୍ମାନ୍ଧ ଅବଦମିତ ସରକାରର ଶାସନରେ ଅର୍ଥନୀତିର ଏକ ତୁଳନାତ୍ମକ ଚିତ୍ର ଦେଖିଲେ ବାଂଲାଦେଶର ଗତି ଓ ଭବିଷ୍ୟତ ସମ୍ପର୍କରେ ଏକ ସ୍ଥୂଳ ଧାରଣା ସୃଷ୍ଟି ହେବ। ଶେଖ୍ ହସିନାଙ୍କ ଶାସନ କାଳରେ ଭାରତ-ବାଂଲା ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୬୦୦% ବୃଦ୍ଧି ଘଟିଥିବା ବେଳେ ୨୦୨୩ରେ ଅର୍ଥନୈତିକ ଅଭିବୃଦ୍ଧି ହାର ଥିଲା ୬.୧%। ଅର୍ଥନୀତିରେ ନୋବେଲ୍ ପୁରସ୍କାର ପ୍ରାପ୍ତ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଏବେ ସେଠାରେ ଚାଲିଥିବା କାମଚଳା ସରକାରରେ ୨୦୨୫ ସୁଦ୍ଧା ଏହି ହାର ପାଖାପାଖି ୩% କୁ ହ୍ରାସ ପାଇଛି। ମୁଦ୍ରାସ୍ଫୀତି ହାର ପୂର୍ବର ୫. ୬% ରୁ ଏବେ ୧୦.୮୭ %ବୃଦ୍ଧି ପାଇଛି। ଗତ ବର୍ଷକ ମଧ୍ୟରେ ୨୧ ଲକ୍ଷ ଛଟେଇ ହୋଇଛି, ୩ କୋଟି ୨୦ ଲକ୍ଷ ଯୁବକ ବେରୋଜଗାର ହୋଇପଡ଼ିଛନ୍ତି। ଚଳିତ ବର୍ଷ ଶେଷ ସୁଦ୍ଧା ଆଉ ୩୦ ଲକ୍ଷ ବାଂଲାଦେଶୀ ଦାରିଦ୍ର୍ୟ ସୀମାରେଖା ତଳକୁ ଚାଲିଯିବେ ବୋଲି ବିଶ୍ୱ ବ୍ୟାଙ୍କ ଆକଳନ କରିଛି।

୧୯୭୧ରେ ଭାରତର ପ୍ରତ୍ୟକ୍ଷ ସାମରିକ ସମର୍ଥନ ଓ ଭାରତୀୟ ଯବାନ୍‌ଙ୍କ ବଳିଦାନରେ ପାକିସ୍ତାନଠାରୁ ବିଚ୍ଛିନ୍ନ ହୋଇ ଜନ୍ମ ନେଇଥିବା ବାଂଲାଦେଶ ଏବେ ଭାରତ ବିରୋଧରେ ହିଁ ଷଡ଼ଯନ୍ତ୍ର ରଚନା କରୁଛି। ଗତବର୍ଷ ଅଗଷ୍ଟ ମାସରେ ସେଠାକାର କାମଚଳା ସରକାର ମୌଳବାଦୀ ସଂଗଠନ 'ଜମାତ୍ ଏ ଇସ୍‌ଲାମ୍' ଏବଂ ଏହାର ଛାତ୍ରସଂଗଠନ 'ଇସ୍‌ଲାମୀ ଛାତ୍ର ଶିବିର' ଉପରେ ଥିବା କଟକଣା ହଟାଇ ଦେବା ପରେ ଭାରତ ଓ ହିନ୍ଦୁ ବିରୋଧୀ ବିଦ୍ୱେଷ ଅଧିକ ହୋଇଛି ଏବଂ ବିକାଶର ଗତି ବାଧାପ୍ରାପ୍ତ ହୋଇଛି। ୨୦୨୪ ଅଗଷ୍ଟ ୪ ରୁ ୨୦ ତାରିଖ ମଧ୍ୟରେ ୨, ୦୧୦ଟି ହିନ୍ଦୁ ଓ ସଂଖ୍ୟାଲଘୁ ବିରୋଧୀ ହିଂସା ସଂଘଟିତ ହୋଇଥିଲା। କାମଚଳା ସରକାର ଏହାକୁ ନିୟନ୍ତ୍ରଣ କରିବା ବଦଳରେ ନିରବ ପ୍ରୋତ୍ସାହନ ଦେଉଥିବାରୁ ଧର୍ମାନ୍ଧ ମୌଳବାଦୀଙ୍କ ଭାରତ ବିଦ୍ୱେଷ ବଢ଼ିବାରେ ଲାଗିଛି। ମନେ ହେଉଛି ବାଂଲାଦେଶ(ତତ୍କାଳୀନ ପୂର୍ବ ପାକିସ୍ତାନ) ତତ୍କାଳୀନ ପଶ୍ଚିମ ପାକିସ୍ତାନୀ ସେନାର ବର୍ବରତା, ନୃଶଂସତା ଓ ଅତ୍ୟାଚାର ଖୁବ୍ ଶୀଘ୍ର ପାସୋରି ପକାଇଛି।

ପାକିସ୍ତାନ ରାସ୍ତାରେ ଯାଉଥିବା ବାଂଲାଦେଶର ଭବିଷ୍ୟତ ଉଜ୍ଜ୍ୱଳ ନୁହେଁ, ଏହା ନିଶ୍ଚିତ। ଯଦି ନିଜ ଗୋଡ଼ କୁରାଢ଼ିରେ ମାରିବା ଭଳି ମାନସିକତା କେହି ଜଣେ ପୋଷଣ କରେ ତେବେ ତା'କୁ ନିବୃତ କିଏ ଓ କାହିଁକି କରିବ? କିନ୍ତୁ ଏହାସହିତ ଭାରତର ଶାନ୍ତି ଓ ସାର୍ବଭୌମତ୍ୱ ଭଳି ସମ୍ବେଦନଶୀଳ ପ୍ରସଙ୍ଗ ଯୋଡ଼ି ହୋଇଥିବାରୁ ଭାରତ ପାଇଁ ଆହ୍ୱାନ ସୃଷ୍ଟି କରିଛି। ବାଂଲାଦେଶରେ ସଂଖ୍ୟାଲଘୁ ବିଦ୍ୱେଷ ଅଧିକ ଉଗ୍ର ହେଲେ ଭାରତ ପୁଣି ଥରେ ୧୯୭୨ ଭଳି ଅନୁପ୍ରବେଶ ସ୍ଥିତିର ସାମ୍ନା କରିପାରେ। ଏବେ ଭାରତରେ ବାଂଲାଦେଶୀ ହଟାଅ ଅଭିଯାନ ଆରମ୍ଭ ହୋଇଥିବାରୁ ତାହାର ପ୍ରତିଫଳନ ବାଂଲାଦେଶରେ ହିନ୍ଦୁ ବିଦ୍ୱେଷୀ ହିଂସାରେ ରୂପାନ୍ତରିତ ହୋଇଥିବା ଅଭିଯୋଗ ହେଉଛି। ଏଣୁ କେନ୍ଦ୍ର ସରକାରଙ୍କ ଆଗରେ ଏବେ ବହୁମୁଖୀ ଆହ୍ୱାନ ସୃଷ୍ଟି ହୋଇଛି।

ବାଂଲାଦେଶ ଭାରତର ସର୍ବବୃହତ୍ ଭୂସଂଲଗ୍ନ ପଡ଼ୋଶୀ। ସେଠାରେ ବୁଣା ଯାଇସାରିଥିବା ଭାରତ-ବିରୋଧୀ ଆଭିମୁଖ୍ୟର ମଞ୍ଜି ଦ୍ରୁମ ରୂପ ନେବା ପୂର୍ବରୁ ଭାରତ ପକ୍ଷରୁ କୂଟନୈତିକ-କୀଟନାଶକର ପ୍ରୟୋଗ ଜରୁରୀ। ତା' ନ ହେଲେ ପଶ୍ଚିମରେ ଆମେରିକା ସମର୍ଥିତ ପାକିସ୍ତାନ ଏବଂ ପୂର୍ବରେ ଚୀନ୍ ସମର୍ଥିତ ବାଂଲାଦେଶର ଷଣ୍ଢୁଆସୀ ଆକ୍ରମଣର ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ। ●

## ପ୍ଲାଷ୍ଟିକ୍‌ମୁକ୍ତ ବେଳାଭୂମି

ବେଳାଭୂମିରେ ପ୍ଲାଷ୍ଟିକ୍ ପ୍ରଦୂଷଣ କେବଳ ଏକ ପାରିବେଶିକ ସମସ୍ୟା ନୁହେଁ, ଏଥିରେ ଅର୍ଥନୀତି ମଧ୍ୟ ଯୋଡ଼ି ହୋଇ ରହିଛି। ସମ୍ପ୍ରତି ବିଶ୍ୱରେ ସମୁଦ୍ର ଓ ବେଳାଭୂମିରେ ୧୯ କୋଟି ୯୦ ଲକ୍ଷ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ପଡ଼ି ରହିଛି ଏବଂ ବର୍ଷକୁ ପ୍ରାୟ ଅଢ଼େଇ କୋଟି ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ସମୁଦ୍ର ଭିତରକୁ ଯାଉଛି। ଏହାଦ୍ୱାରା ବାର୍ଷିକ ୧୩୦୦ କୋଟି ଡଲାର କ୍ଷତି ହେଉଛି। ୨୦୪୦ ସୁଦ୍ଧା ଏହା ତିନିଗୁଣା ହାରରେ ବୃଦ୍ଧି ଘଟିବ ବୋଲି ଜାତିସଂଘର ପରିବେଶ ବିଭାଗ ଆକଳନ କରିଛି। ଏ ବିଷୟରେ ସମସ୍ତେ ଜ୍ଞାତ ଥିଲେ ହିଁ ସୁଧାରରେ ଆନ୍ତରିକତା ଅଭାବରୁ ସମସ୍ୟା ବଢ଼ି ଚାଲିଛି।

ନରୱେର ଏକ ଉପଦ୍ୱୀପ ଏ ଦିଗରେ ସକାରାତ୍ମକ ଉଦ୍ୟମ କରି ବେଳାଭୂମିରେ ପ୍ଲାଷ୍ଟିକ୍ ଓ ମାଇକ୍ରୋପ୍ଲାଷ୍ଟିକ୍ ପ୍ରଦୂଷଣକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିପାରିଛି। ଭାରତ ମଧ୍ୟ ବେଳାଭୂମି ପ୍ଲାଷ୍ଟିକ୍ ପ୍ରଦୂଷଣରେ ବିଶ୍ୱରେ ଏକ ଅଲୋଡ଼ା ରେକର୍ଡର ଅଧିକାରୀ। ସୁଖର ବିଷୟ ଭାରତ ଏ ଦିଗରେ ନରୱେ ସହଯୋଗରେ ବେଳାଭୂମିକୁ ପ୍ଲାଷ୍ଟିକ୍ ପ୍ରଦୂଷଣ ମୁକ୍ତ କରିବାକୁ ଯୋଜନା ପ୍ରସ୍ତୁତ କରୁଛି। ନିକଟରେ ମୁମ୍ବାଇଠାରେ ଅନୁଷ୍ଠିତ 'ଭାରତ-ନରୱେ ପ୍ରଦୂଷଣ ଓ ପ୍ଲାଷ୍ଟିକ୍ ବର୍ଜ୍ୟ ମଞ୍ଚ ୨୦୨୫'ରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି। ୨୦୧୯ ରୁ ଏହି ସହଯୋଗ ବୁଝାମଣା ହୋଇଥିଲେ ମଧ୍ୟ କୋଭିଡ୍ ମହାମାରୀ କାରଣରୁ ତାହା ତ୍ୱରାନ୍ୱିତ ହୋଇପାରି ନ ଥିଲା।

ଏଠାରେ ସ୍ୱତଃ ପ୍ରଶ୍ନ ଉଠୁଛି ଯଦି ପ୍ଲାଷ୍ଟିକ୍ ଉତ୍ପାଦନ ସ୍ତରରେ କଟକଣା ଲଗାଯାଇପାରନ୍ତା ତେବେ ପ୍ରଦୂଷଣ ସମସ୍ୟା ଅନେକାଂଶରେ ଦୂର ହୋଇଯାଆନ୍ତା। କିନ୍ତୁ ଜେନେଭାଠାରେ ନିକଟରେ ଅନୁଷ୍ଠିତ 'ବିଶ୍ୱ ପ୍ଲାଷ୍ଟିକ୍ ନିୟନ୍ତ୍ରଣ ଚୁକ୍ତି'ରେ ଭାରତ ପ୍ଲାଷ୍ଟିକ୍ ସପକ୍ଷରେ ନିଜ ପକ୍ଷ ରଖିଥିଲା। ଅର୍ଥନୈତିକ ଦୃଷ୍ଟିକୋଣରୁ ପ୍ଲାଷ୍ଟିକ୍ ଉତ୍ପାଦନକୁ ସମର୍ଥନ କରିଥିବା ସ୍ପଷ୍ଟୀକରଣରେ କୁହାଯାଇଥିବା ବେଳେ ପ୍ଲାଷ୍ଟିକ୍ ବର୍ଜ୍ୟ ଯୋଗୁଁ ହେଉଥିବା ଅର୍ଥନୈତିକ କ୍ଷତି ପରିମାଣ ମଧ୍ୟ କମ୍ ନୁହେଁ, ଏ କଥା ମଧ୍ୟ ଚିନ୍ତା କରିବାର ଥିଲା। ତେଣୁ ଏଭଳି ଦୋମୁଖୀ ଆଭିମୁଖ୍ୟରେ ଦୀର୍ଘମିଆଦୀ କାଳରେ ଭାରତ ହିଁ କ୍ଷତି ସହିବା ସାର ହେବ। ପ୍ରଥମେ ପ୍ଲାଷ୍ଟିକ୍ ବିମୁଖ ସଚେତନତା ସୃଷ୍ଟି କରିବା ଉପରେ ସରକାର ପ୍ରାଥମିକତା ନ ଦେବା ପର୍ଯ୍ୟନ୍ତ ପ୍ଲାଷ୍ଟିକ୍ ପ୍ରଦୂଷଣରୁ ମୁକ୍ତି ପାଇବା ସମ୍ଭବ ନୁହେଁ। ନାଗରିକମାନେ ମଧ୍ୟ ନିଜ ସୁଖ ସୁବିଧା ବଦଳରେ ଉତ୍ତର ପିଢ଼ିର ଭବିଷ୍ୟତ ବିଷୟରେ ଚିନ୍ତା କରିବାକୁ ପଡ଼ିବ। ନଚେତ୍ ଏହି ପ୍ଲାଷ୍ଟିକ୍ ରାକ୍ଷସ ମାନବ ସଭ୍ୟତାକୁ ବିନିଷ୍ଟ କରିଦେବ। ●

# ଅଭିଯୋଗ, ଅବହେଳା ଓ ଅସନ୍ତୋଷ

ଅନନ୍ତ ଚରଣ ସ୍ୱାଇଁ

ସମସ୍ୟା ଘେରରେ ମନୁଷ୍ୟ। ମୁଖ୍ୟ ସମସ୍ୟାଗୁଡ଼ିକ ମଧ୍ୟରେ ଆର୍ଥିକ ସମସ୍ୟା, ସ୍ୱାସ୍ଥ୍ୟ ସମସ୍ୟା, ପାରିବାରିକ ଓ ପାରିପାର୍ଶ୍ୱିକ ସମସ୍ୟା ଅନ୍ୟତମ। ବିଭିନ୍ନ ସମସ୍ୟାର ନ୍ୟାୟୋଚିତ ସମାଧାନ ପାଇଁ ସରକାରୀ ବେସରକାରୀ ସ୍ତରରେ ବ୍ୟବସ୍ଥା କରାଯାଉଛି। ଏହାସତ୍ତ୍ୱେ ଅଭିଯୋଗ ଶୁଣିବାରେ ଅବହେଳା, ଅଣଦେଖା ବା ଅଭିଯୋଗକୁ ଅବିଶ୍ୱାସ କରିବା ପରି ଅନେକ ଘଟଣା ଲୋକଲୋଚନକୁ ଆସୁଛି। ହତ୍ୟା, ଆତ୍ମହତ୍ୟା, ଲୁଣ୍ଠନ, ଚୋରି, ଡକାୟତି, ଭ୍ରଷ୍ଟାଚାର, ବିଦ୍ରୋହ, ଠକାମୀ ପରି ଘଟଣା ସାମାଜିକ ଗଣମାଧ୍ୟମ ଓ ସମାଚାରପତ୍ରଗୁଡ଼ିକର ପାଲଟିଛି ମୁଖ୍ୟ ବିଷୟବସ୍ତୁ। ଅସମୟରେ ଅନେକ ନିରୀହ ପ୍ରାଣ ଚାଲିଯାଉଛି। ଏଥିପାଇଁ ବଢ଼ୁଛି ଜନଅସନ୍ତୋଷ। ସାଧାରଣ ଲୋକର ଅଭିଯୋଗକୁ ପୁଲିସ ଗ୍ରହଣ ନକରିବା, ଅବହେଳା ଓ ଅଣଦେଖା କରିବା ଫଳରେ ଏହାର ପରିଣାମ ଭୟାବହ ହେଉଛି ଏବଂ ଧନଜୀବନର କ୍ଷତି ହେବା ପରେ ସରକାର କିଛିଟା ପଦକ୍ଷେପ ନେଉଛନ୍ତି।

ଘଟଣା ଘଟିବା ପୂର୍ବରୁ ସାବଧାନତା ଅବଲମ୍ବନ କରିଥିଲେ ହୁଏତ ଏପରି ଅପ୍ରୀତିକର ସ୍ଥିତି ଉପୁଜୁ ନ ଥା'ନ୍ତା। ପ୍ରଶାସନିକ ସ୍ୱେଚ୍ଛାଚାରିତା, ଅହଂକାର ଓ ମନମୁଖି କାର୍ଯ୍ୟ ଫଳରେ ସାଧାରଣ ଲୋକଟି ସେବା ପାଇପାରୁନାହିଁ। ସରକାର ଏପରି ଭ୍ରଷ୍ଟ ଅଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଘୋର ଅନ୍ୟାୟ। ଅବସର ନେବାର କିଛି ମାସ ପୂର୍ବରୁ ଭ୍ରଷ୍ଟ ଅଧିକାରୀଙ୍କ କାରନାମା ଲୋକଲୋଚନକୁ ଆସୁଛି। ରାତାରାତି ଏତେ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ସମ୍ଭବ ନୁହେଁ। ଅନୈତିକ କାର୍ଯ୍ୟରେ ସେମାନେ ଅନେକ ଦିନରୁ ନିଶ୍ଚୟ ଲିପ୍ତ ଥିବେ। ଭ୍ରଷ୍ଟ କାରନାମା ପ୍ରଥମରୁ ଧରା ପଡ଼ିଥିଲେ ହୁଏତ ଏତେ ପର୍ଯ୍ୟନ୍ତ କଥା ଯାଇ ନ ଥା'ନ୍ତା।

କେତେକ ସ୍ଥାନରେ କାର୍ଯ୍ୟରତ ସରକାରୀ ଅଧିକାରୀମାନଙ୍କୁ ଗାଳିଗୁଲଜ କରିବା, ମାଡ଼ ମାରିବା ଘଟଣା ସାମନାକୁ ଆସୁଛି। ଏହା ଅତ୍ୟନ୍ତ ନିନ୍ଦନୀୟ। ଏପରି ସ୍ଥଳେ ଦୋଷୀ ବିରୋଧରେ ଦୃଷ୍ଟାନ୍ତମୂଳକ କଠୋର ଦଣ୍ଡବିଧାନ କରାଗଲେ ଭବିଷ୍ୟତରେ ଏପରି କାର୍ଯ୍ୟର ପୁନରାବୃତ୍ତି ହେବ ନାହିଁ। ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସରକାର ବଦ୍ଧପରିକର। ସ୍ୱାସ୍ଥ୍ୟ ସେବା କେନ୍ଦ୍ରଗୁଡ଼ିକରେ ଅଧିକ ଡାକ୍ତର ନିଯୁକ୍ତି ସହ ସ୍ୱାସ୍ଥ୍ୟ କେନ୍ଦ୍ରର କାର୍ଯ୍ୟକାରିତା ଓ ପରିବେଶର ସ୍ୱଚ୍ଛତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଏତେସବୁ ସୁବିଧା ସତ୍ତ୍ୱେ କେତେକ ଜାଗାରେ ରୋଗୀ ସେବାରେ ଚରମ ଅବହେଳା, ଭୁଲ ଔଷଧ ଜନିତ ରୋଗୀମୃତ୍ୟୁ, ଡାକ୍ତରଙ୍କ ଭୁଲ ଚିକିତ୍ସା ଭଳି ଖବର ସମାଚାରପତ୍ର ଓ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଉଛି। ସବୁଠୁ ଦୁଃଖର ବିଷୟ ହେଉଛି କାର୍ଯ୍ୟରତ ଡାକ୍ତରଙ୍କ ଉପରେ ହେଉଥିବା ଅମାନୁଷିକ ଆକ୍ରମଣ। ରୋଗୀର ଆତ୍ମୀୟମାନଙ୍କ ଦୁର୍ବ୍ୟବହାର ଡାକ୍ତରମାନଙ୍କ ପ୍ରତି ବୃଦ୍ଧି ପାଉଛି। ଫଳରେ କାର୍ଯ୍ୟରତ ଡାକ୍ତର ନିଜକୁ ଅସୁରକ୍ଷିତ ମନେକରୁଛନ୍ତି। ଏକପ୍ରକାର ଭୟର ବାତାବରଣ ମଧ୍ୟରେ କରୁଛନ୍ତି ରୋଗୀ ସେବା। ଅନେକ ସ୍ୱାସ୍ଥ୍ୟ କେନ୍ଦ୍ରରେ, ଗାଳିଗୁଲଜ କରିବା, ଡାକ୍ତରଙ୍କୁ ଦୁର୍ବ୍ୟବହାର ଏକ ନିତିଦିନିଆ ଅଭ୍ୟାସରେ ପଡ଼ିଗଲାଣି। ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ବୃଦ୍ଧି ପାଉଥିବା ଅପ୍ରୀତିକର ସ୍ଥିତିର ପୁଙ୍ଖାନୁପୁଙ୍ଖ ସମୀକ୍ଷା ଦରକାର। ଚିକିତ୍ସାରେ ଅବହେଳା ଥିଲେ ସମ୍ପୃକ୍ତ ଡାକ୍ତରଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ସେବାରେ ଅବହେଳାର ଅଭିଯୋଗ ଆସିଲେ ସ୍ୱାସ୍ଥ୍ୟକେନ୍ଦ୍ରର ଉଚ୍ଚାଧିକାରୀ କିମ୍ବା ଜିଲ୍ଲାସ୍ତରୀୟ ଅଧିକାରୀ ବିଧିବଦ୍ଧ ଅନୁସନ୍ଧାନ କରି ସେମାନଙ୍କ ମନ୍ତବ୍ୟ ଅନୁସାରେ ଭୁଲ୍ କରିଥିବା ଡାକ୍ତରଙ୍କୁ ତାଗିଦ କିମ୍ବା ସେମାନଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ଭୁଲ ଔଷଧ ପାଇଁ ରୋଗୀର ମୃତ୍ୟୁ ହେବା ଭଳି ଅଭିଯୋଗ ଥିଲେ ଏପରି ଅଭିଯୋଗର ସତ୍ୟତା ପ୍ରମାଣ ପାଇଁ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ଦରକାର।

କୌଣସି ଅଭିଯୋଗର ସତ୍ୟାସତ୍ୟ ନ ଜାଣି, ଆଇନ ଶୃଙ୍ଖଳା ନିଜ ହାତକୁ ନେବା, ସ୍ୱାସ୍ଥ୍ୟକେନ୍ଦ୍ରର ଆସବାବପତ୍ର ଭଙ୍ଗାରୁଜା କରିବା ଏବଂ କାର୍ଯ୍ୟରତ ଡାକ୍ତରଙ୍କୁ ଦୁର୍ବ୍ୟବହାର କରିବା ନିନ୍ଦନୀୟ।

ଏବେ ଅନଲାଇନରେ ଅଭିଯୋଗ ପଞ୍ଜୀକରଣର ସୁବିଧା ଉପଲବ୍ଧ ସତ୍ତ୍ୱେ ଅଭିଯୋଗ ସମାଧାନରେ ନିୟୋଜିତ ଅଧିକାରୀଙ୍କ ଅବହେଳା ଯୋଗୁଁ ମାସ ମାସ ପରେ ମଧ୍ୟ ଅଭିଯୋଗ ଅସମାଧିତ ରହୁଛି। ଅଭିଯୋଗ ଆବେଦନ ଓ ସମାଧାନର ସମୀକ୍ଷା ହେଉ ନାହିଁ। ଫଳରେ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଅଭିଯୋଗ ଯାହା ହେଉନା କାହିଁକି, ସେଥିପ୍ରତି ଧ୍ୟାନ ଦେବା ଦରକାର।

ଏକ କାର କମ୍ପାନୀର ଗ୍ରାହକ ସେବା ଟିମ୍‌କୁ ଥରେ ଏକ ଅଜବ ଅଭିଯୋଗ ମିଳିଲା। ଜଣେ ଗ୍ରାହକ ଲେଖିଥିଲେ ଯେ ସେ କିଣିଥିବା ନୂଆ କାରଟି ଅସ୍ୱାଭାବିକ ବ୍ୟବହାର କରୁଛି। ତାଙ୍କ ପରିବାରରେ ରାତ୍ରି ଖାଦ୍ୟ ପରେ ଆଇସ୍କ୍ରିମ୍ ଖାଇବାର ଏକ ନିୟମ ଥିଲା। ପରିବାର ସଦସ୍ୟମାନେ ଫ୍ଲେଭର୍ ବାଛିବା ପରେ ସେ କାରରେ ଯାଇ ଆଇସ୍କ୍ରିମ୍ ଆଣୁଥିଲେ। କିନ୍ତୁ ନୂଆ କାର ଆସିବା ପରଠାରୁ ଭାନିଲା ଆଇସ୍କ୍ରିମ୍ କିଣିବା ପରେ କାର୍ ଷ୍ଟାର୍ଟ ହୁଏନାହିଁ। ଅନ୍ୟ ଫ୍ଲେଭରର ଆଇସ୍କ୍ରିମ କିଣିବା ପରେ ଗାଡ଼ିଟି ଷ୍ଟାର୍ଟ ହୋଇଯାଏ। କମ୍ପାନୀର ଜଣେ ଉଚ୍ଚପଦସ୍ଥ ଅଧିକାରୀ ଏହି ଅଭିଯୋଗକୁ ଗମ୍ଭୀରତାର ସହ ନେଇ ଜଣେ ଦକ୍ଷ ଇଞ୍ଜିନିୟରଙ୍କୁ ତଦନ୍ତ ପାଇଁ ପଠାଇଲେ। ଇଞ୍ଜିନିୟର ସେହି ବ୍ୟକ୍ତିଙ୍କୁ ଭେଟି ରାତ୍ରି ଖାଦ୍ୟ ପରେ ଆଇସ୍କ୍ରିମ୍ ଦୋକାନକୁ ଯିବାର ଯୋଜନା କଲେ। ପ୍ରଥମ ରାତ୍ରି ସେମାନେ ଭାନିଲା ଆଇସ୍କ୍ରିମ୍ କିଣିଲେ। ଆଇସ୍କ୍ରିମ କିଣିବା ପରେ ଗାଡ଼ିଟି ଷ୍ଟାର୍ଟ ହେଲା ନାହିଁ। ଇଞ୍ଜିନିୟର ଅବହେଳା ନ କରି ଆଉ ତିନି ରାତ୍ରି ଯାଏଁ ପରୀକ୍ଷା କଲେ। ପ୍ରତ୍ୟେକ ଥର ଭାନିଲା ଆଇସ୍କ୍ରିମ୍ କିଣିବା ସମୟରେ କାର୍ ଚାଲୁ ନ ଥିବା ଦେଖିଲେ। ପଞ୍ଚମ ଦିନ ସେମାନେ ଚକଲେଟ୍ ଆଇସ୍କ୍ରିମ କିଣିଲେ। କିଣିବା ପରେ ଗାଡ଼ି ତୁରନ୍ତ ଷ୍ଟାର୍ଟ ହୋଇଗଲା। ଇଞ୍ଜିନିୟର ଆଇସ୍କ୍ରିମ୍ କିଣିବାରେ ଲାଗୁଥିବା ସମୟ, ଇନ୍ଧନ ପ୍ରକାର, ଯାତାୟାତ ସମୟ ଆଦି ଉପରେ ନୋଟ୍ ନେବା ଆରମ୍ଭ କଲେ। ତାଙ୍କୁ ଜଣାପଡ଼ିଲା ଯେ ଭାନିଲା ଆଇସ୍କ୍ରିମ୍ କିଣିବାରେ ସମୟ କମ୍ ଲାଗୁଥିଲା। କାରଣ ଏହା ସବୁଠାରୁ ଲୋକପ୍ରିୟ ଫ୍ଲେଭର୍ ହୋଇଥିବାରୁ ଦୋକାନର ସାମନାରେ ରଖାଯାଇଥାଏ। ଅନ୍ୟ ଫ୍ଲେଭର୍ ଆଇସ୍କ୍ରିମକୁ ପ୍ରସ୍ତୁତ କରି ଗ୍ରାହକକୁ ଦେବାକୁ ପଡୁଥିବାରୁ ଅପେକ୍ଷାକୃତ ଅଧିକ ସମୟ ଲାଗେ।

ଏହାପରେ ଇଞ୍ଜିନିୟର ସମସ୍ୟାର ମୂଳ କାରଣ ଖୋଜିବାକୁ ଲାଗିଲେ। ସେ ଜାଣିବାକୁ ପାଇଲେ ଯେ ଏହା 'ଭେପର୍ ଲକ୍' ଜନିତ ସମସ୍ୟା। କାର୍ ଇଞ୍ଜିନ୍ ଅତ୍ୟଧିକ ଗରମ ହୋଇ ଇଞ୍ଜିନ ଭିତରେ ସୃଷ୍ଟି ହେଉଥିଲା ଏକ ପ୍ରକାର ଗ୍ୟାସ। ଇଞ୍ଜିନରୁ ଗ୍ୟାସ ସମ୍ପୂର୍ଣ୍ଣ ନିର୍ଗତ ହେବା ପରେ ଗାଡ଼ିଟି ଷ୍ଟାର୍ଟ ହେଉଥିଲା। ଭାନିଲା ଆଇସ୍କ୍ରିମ୍ କିଣିବା ସମୟରେ ଶୀଘ୍ର ଫେରିବା ଯୋଗୁଁ ଇଞ୍ଜିନ୍‌ରୁ ଗ୍ୟାସ ସମ୍ପୂର୍ଣ୍ଣ ନିର୍ଗତ ହେଉନଥିଲା ଏବଂ ଗାଡ଼ିଟି ଷ୍ଟାର୍ଟ ହେଉ ନ ଥିଲା। ଅନ୍ୟ ଫ୍ଲେଭରର ଆଇସ୍କ୍ରିମ କିଣବାକୁ ଅପେକ୍ଷାକୃତ ଅଧିକ ସମୟ ଲାଗୁଥିଲା। ଆଇସ୍କ୍ରିମ କିଣି ଫେରିଲା ବେଳକୁ ଇଞ୍ଜିନରୁ ଗ୍ୟାସ ବାହାରିଯାଉଥିବାରୁ କାର୍‌ଟି ଷ୍ଟାର୍ଟ ହେବାରେ ସମସ୍ୟା ରହୁ ନ ଥିଲା।

ଏହି ଗଳ୍ପରୁ ଅନେକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ମିଳେ। ସମସ୍ୟାକୁ ଅବହେଳା, ଅଣଦେଖା ଓ ଅବିଶ୍ୱାସ ନକରି ଏହାକୁ ଗମ୍ଭୀରତାର ସହ ନେଲେ ସମାଧାନର ରାସ୍ତା ବାହାରି ପାରିବ। ଉଭୟ ଅଭିଯୋଗକାରୀ ଓ ଅଭିଯୋଗ ଗ୍ରହଣକାରୀ ପରସ୍ପରକୁ ସହଯୋଗ କରିବା, ଅନଲାଇନ ଅଭିଯୋଗ ପଞ୍ଜୀକରଣ ଉପରେ ଗୁରୁତ୍ୱ, ଅଭିଯୋଗ ସମାଧାନର ନିର୍ଦ୍ଦିଷ୍ଟ ସମୟ ସୀମା ଏବଂ ଅଧିକାରୀସ୍ତରରେ ଅଭିଯୋଗ ଗ୍ରହଣ କରିବାର ଇଚ୍ଛୁକତା ଆବଶ୍ୟକ। ଅଭିଯୋଗ ନାଁରେ ଆଇନଶୃଙ୍ଖଳାକୁ ହାତକୁ ନେଲେ ସମସ୍ୟା ସମାଧାନ ପରିବର୍ତ୍ତେ ଅଧିକ ସମସ୍ୟା ସୃଷ୍ଟି କରିବ। ●

ଚାନ୍ଦୋଳ(କେନ୍ଦ୍ରାପଡ଼ା) ମୋ: ୭୩୮୧୦୪୬୪୭୭

# ଈଶ୍ୱର ଦୁଃଖ ଦିଅନ୍ତି?

ପ୍ରବୀର କୁମାର ସାହୁ

ଈଶ୍ୱର କ'ଣ ସତରେ ଅଛନ୍ତି? ଯଦି ଅଛନ୍ତି ତେବେ ଏତେ ଦୁଃଖ ମଣିଷ ପାଏ କେମିତି? ଏଇମିତି ପ୍ରଶ୍ନ ଦୁନିଆର ଅନେକ ଲୋକଙ୍କ ମନରେ। ଈଶ୍ୱରଙ୍କ ସତ୍ତା ଉପରେ ବିଶ୍ୱାସ ରଖୁଥିବା ପ୍ରତ୍ୟେକ ମଣିଷର ଅକାଟ ବିଶ୍ୱାସ ଯେ ଈଶ୍ୱର ଅଛନ୍ତି। ହଁ ଈଶ୍ୱର ସତରେ ଅଛନ୍ତି। ପ୍ରତ୍ୟେକ ମଣିଷଙ୍କ ପାଖରେ ଅଛନ୍ତି। ସର୍ବୋପରି ସର୍ବତ୍ର ବିଦ୍ୟମାନ। ଦୁଃଖ ଭୋଗୁଥିବା ଲୋକର କେବଳ ଗୋଟିଏ ହିଁ ବିଶ୍ୱାସ ଯେ ଈଶ୍ୱର ଦିନେ ନା ଦିନେ ସବୁକିଛି ଠିକ୍ କରିଦେବେ। ସେଇ ଅପେକ୍ଷାରେ ହିଁ ତ ମଣିଷ ବଞ୍ଚେ।

ଈଶ୍ୱର ଏକ ବିଶ୍ୱାସ। ପୁଣି କେତେବେଳେ ଦୁର୍ବଳର ସାହସ। କେହି ଜଣେ ସବୁବେଳେ ଠିକ୍ କରିବାକୁ ଅଛି - ଏହି ବିଶ୍ୱାସ ନେଇ ତ ମଣିଷ କର୍ମ କରି ଚାଲେ। ଦୁଃଖରୁ ସୁଖ ଆଡ଼କୁ ଏବଂ ଯନ୍ତ୍ରଣାରୁ ଉପଶମ ଆଡ଼କୁ ଯିବାକୁ ହେଲେ ବାସ୍ କେବଳ ଆମକୁ ସାହସର ସହିତ ପାଦ ବଢ଼େଇବାର ଅଛି। କେହି ଜଣେ ଉପରେ ଥାଇ ନଜର ରଖୁଛି। ତାଙ୍କରି ଭରସାରେ ଧୈର୍ଯ୍ୟ ରଖିବାକୁ ପଡ଼ିବ। ଏଠି ମନକୁ ପ୍ରଶ୍ନ ଆସିପାରେ ଈଶ୍ୱର ଆମ ଭୁଲକୁ ସଂଶୋଧନ କରନ୍ତି କେମିତି? ଏହାର ଉତ୍ତର ହେଉଛି କେବେ କେବେ ଦଣ୍ଡ ସାହାଯ୍ୟରେ ପୁଣି କେବେ ପ୍ରାୟଶ୍ଚିତରେ। କୌଣସି ଭୁଲର ସଂଶୋଧନ, ପ୍ରାୟଶ୍ଚିତ ଛଡ଼ା ଆଉ କିଛି ଅଧିକ ହେଇ ପାରେନି। ଈଶ୍ୱର ଅଛନ୍ତି।

ସବୁବେଳେ ଈଶ୍ୱରଙ୍କ ଅସ୍ତିତ୍ୱକୁ ନେଇ ପ୍ରଶ୍ନ କରୁଥିବା ବ୍ୟକ୍ତିମାନଙ୍କ ମତରେ ଈଶ୍ୱର ନିରର୍ଥକ। ମଣିଷ ନିଜ ଜୀବନକୁ ଶେଷ ଯାଏଁ ବହନ କରିବାରେ କ୍ଷମତା ରଖେ। ପ୍ରକୃତରେ ଈଶ୍ୱରଙ୍କ ଉପସ୍ଥିତି ଆମ ନିକଟରେ ଶୂନ୍ୟ। ଆମ ଚେଷ୍ଟା କଲେ ବି ତାଙ୍କ



ଉପସ୍ଥିତିକୁ ପ୍ରମାଣ କରି ପାରିବା ନାହିଁ। କିନ୍ତୁ ଈଶ୍ୱର ଅଛନ୍ତି ସବୁବେଳେ ପ୍ରତ୍ୟେକ ବ୍ୟକ୍ତିର ଅତି ନିକଟରେ। ହୃଦୟର କେଉଁ ଗୋଟେ କୋଣରେ, ଅଳ୍ପ ଟିକେ ଭରସା ହୋଇ। ମଣିଷ ତାହାର ନିଜ ଜୀବନକୁ ଭୋଗିବାକୁ ହିଁ ପଡ଼ିବ। ଜୀବନ ଜିଇଁବା ବାଟରେ ଉଭୟ ଫୁଲ ଆଉ କଣ୍ଟା ଆସିବ। ଅସଂଖ୍ୟ ଭୁଲ ଆଉ ଠିକ୍ ଦେଇ ଯିବାକୁ ପଡ଼ିବ। ସେଥିପାଇଁ ଈଶ୍ୱର ହିଁ ସଦାକାଳ ମଣିଷର ଗୁରୁ। ପ୍ରତ୍ୟେକ ମଣିଷର ଭୁଲକୁ ସଂଶୋଧନ କରିବାର ଦାୟିତ୍ୱ ଈଶ୍ୱର ବହନ କରନ୍ତି।

ଈଶ୍ୱର ପ୍ରତ୍ୟେକ ମଣିଷକୁ ସାହାଯ୍ୟ କରନ୍ତି। ତଥାପି ଈଶ୍ୱରଙ୍କ ସାନ୍ନିଧ୍ୟ ପାଇବା ସହଜ ନୁହେଁ କ'ଣ ପାଇଁ? ସତରେ ସହଜ ନୁହେଁ। ଈଶ୍ୱରଙ୍କ ସାନ୍ନିଧ୍ୟ ହେଉ ଅଥବା ଈଶ୍ୱରଙ୍କ ଦର୍ଶନ, ସାଧାରଣ ବ୍ୟକ୍ତି ପାଖରେ ସହଜ ନୁହେଁ। ଈଶ୍ୱରଙ୍କୁ ପାଇବା ପାଇଁ ହେଲେ ପ୍ରତ୍ୟେକ ମଣିଷକୁ ମନୁଷ୍ୟଗତ ଦୋଷ ଦୁର୍ବଳତାକୁ ଛାଡ଼ିବା ପାଇଁ ପଡ଼ିବ। ଭୋଗିବାକୁ ପଡ଼ିବ ଏକ ଶୂନ୍ୟଜୀବନ। ଯେଉଁ ଜୀବନରେ ଥିବ ମାତ୍ର ଏକମାତ୍ର ଲକ୍ଷ୍ୟ - ଈଶ୍ୱରପ୍ରାପ୍ତି। ତେବେ ଯାଇ ଭେଟ ହେବେ ଈଶ୍ୱର। ଏକ ନୂତନ ଉର୍ଜା ଭାବରେ, ନୂଆ ଏକ ଆତ୍ମଜ୍ଞାନ ଭାବରେ। ସଂସାରରେ ଈଶ୍ୱରଙ୍କ ଭେଟ ପାଇଁ ଅନେକ ପ୍ରୟାସ। ପୂଜା, ଯଜ୍ଞ, କର୍ମ ଇତ୍ୟାଦି କେତେ କେତେ ବୈଦିକ କର୍ମ। ପୁଣି ଶହଶହ ବର୍ଷର ତପସ୍ୟା। ତଥାପି ଈଶ୍ୱର ଅପହଞ୍ଚ।

ଏବେ ଫେରିବି ମୋର ସେଇ ପ୍ରଥମ ପ୍ରଶ୍ନ ଆଡ଼କୁ। ଈଶ୍ୱର କ'ଣ ସତରେ ଦୁଃଖ ଦିଅନ୍ତି? ହଁ ଦିଅନ୍ତି। ଦୁଃଖର ଅର୍ଥ ମଣିଷକୁ ନୂଆ ଶିଖିବାକୁ ପଡ଼ିବ। ଧୈର୍ଯ୍ୟ, ସାହସ ସହ ସର୍ବୋପରି ଜୀବନ ବଞ୍ଚିବାର ରାହା ହିଁ ଦୁଃଖ ଦ୍ୱାରା ଶିଖେ ମଣିଷ। ଏ ସମୟ ବି ଦିନେ ଚାଲିଯିବ। ତେଣୁ କୌଣସି ଦୁଃଖ ସବୁଦିନ ପାଇଁ ନୁହେଁ। ଏହା କେବଳ ପ୍ରତ୍ୟେକ ମଣିଷ ପାଇଁ ଶିଖିବାର ଉପଯୁକ୍ତ ସମୟ। ଯେପରି ନୂଆକିଛି ପ୍ରଥମ ଥର ପାଇଁ ଶିଖିଲେ ଆମକୁ କଷ୍ଟ ଲାଗେ ଏବଂ ଥରେ ଶିଖିଗଲା ପରେ କଷ୍ଟ କାମ ବି ଆମକୁ ସହଜ ଲାଗେ। ଦୁଃଖ ହିଁ ସେମିତି। ଜୀବନକୁ ଶିଖିବାର ଅନ୍ୟ ଏକ ପାହାଚ। ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖୁଥିବା ପ୍ରତ୍ୟେକ ବ୍ୟକ୍ତି ପାଇଁ ଆଶ୍ୱାସନାର ବିଷୟ ହେଉଛି, ଦୁଃଖ ଖୁବ୍ ଶୀଘ୍ର ସରିବାକୁ ଯାଉଛି। ଯେମିତି ପାଠ ସରିଲେ, ନୂଆ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବାକୁ ପଡ଼େ। ଠିକ୍ ସେମିତି ସୁଖର ସମୟ ପାଖେଇ ଆସୁଛି। ଈଶ୍ୱରଙ୍କ କରୁଣା ପୃଥିବୀର ସବୁଜୀବଙ୍କ ପାଇଁ ସମାନ ରୂପରେ ଅଛି। ତେଣୁ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖି ଜୀବନର ପ୍ରତ୍ୟେକ ଯୁଦ୍ଧରେ ଆଗକୁ ବଢ଼ିବାର ଆକାଂକ୍ଷା ରଖିବା ଉଚିତ୍। ●

କଣିପାଳ(କେନ୍ଦ୍ରାପଡ଼ା), ମୋ: ୯୮୬୧୦୬୮୪୫୬

# ବୁଢ଼ିଆଣୀ ମନ୍ଦିର

## ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

*ପୂର୍ବପ୍ରକାଶିତ ଉତ୍ତାରୁ...*

ମାଲାୟାଲାମ୍ କ୍ୟାଲେଣ୍ଡର୍‌ର ବୃଶ୍ଚିକ ମାସ ଅନୁସାରେ ମନ୍ଦିରରେ ପ୍ରତିବର୍ଷ ଏକ ଭବ୍ୟ ଉତ୍ସବ ପାଳନ କରାଯାଉଛି। ଏଠାକାର ଚିକିତ୍ସା ପଦ୍ଧତି ମଧ୍ୟ ଭିନ୍ନ। ପ୍ରଥମେ ରୋଗୀମାନେ ସ୍ନାନ କରିଥା'ନ୍ତି। ଏହାପରେ ସେମାନେ ଦେବୀଙ୍କୁ ନୈବେଦ୍ୟ ଭାବେ ମୁଢ଼ି ଅର୍ପଣ କରନ୍ତି। ଏହାକୁ 'ମଲାର୍' କୁହାଯାଏ। 'ମଲାର୍'ରୁ ପ୍ରାପ୍ତ ଭସ୍ମକୁ ରୋଗୀମାନେ ନିଜ ଶରୀରରେ ମର୍ଦ୍ଦନ କରିବା ସହିତ ମନ୍ଦିର ଭିତରେ ଥିବା କୂଅର ଜଳ ପାନ କରିଥା'ନ୍ତି। ଏହି କୂଅକୁ 'ଚିଳଂଥିକିନାର' ବୋଲି କୁହାଯାଉଛି। ଲଗାତାର ତିନି ଦିନ ଏଭଳି କରିବା ଦ୍ୱାରା ବୁଢ଼ିଆଣୀ ବିଷ ଦ୍ୱାରା ହୋଇଥିବା ଚର୍ମରୋଗ ସମ୍ପୂର୍ଣ୍ଣ ଭଲ ହୋଇଯାଏ। ଅନ୍ୟ କୀଟର ବିଷ ଦ୍ୱାରା ଅଧିକ ପ୍ରଭାବିତ ହୋଇଥିବା ରୋଗୀଙ୍କୁ ଏହି ପଦ୍ଧତି ସାତ ଦିନ ପର୍ଯ୍ୟନ୍ତ ପାଳନ କରିବାକୁ ହୋଇଥାଏ।

ବୁଢ଼ିଆଣୀ ପୂଜା କରାଯାଉଥିବା ଅନ୍ୟ ଗୋଟିଏ ମନ୍ଦିର ହେଉଛି ଶ୍ରୀକାଳହସ୍ତୀ ମନ୍ଦିର, ଯାହାକି ଆନ୍ଧ୍ରପ୍ରଦେଶର ଚିତ୍ତୁର୍ ଜିଲ୍ଲାରେ ଅଛି। ଏହି ମନ୍ଦିର ଦେବଦେବ ମହାଦେବଙ୍କୁ ସମର୍ପିତ। ଏହାକୁ 'ଦକ୍ଷିଣ କୈଳାସ' ଓ 'ଦକ୍ଷିଣ କାଶୀ' ବୋଲି ମଧ୍ୟ କୁହାଯାଏ। ଏହି ମନ୍ଦିରରେ ପୂଜା ପାଉଥିବା ଶିବଲିଙ୍ଗ ବାୟୁତତ୍ତ୍ୱର କାରକ ଅଟନ୍ତି। ଏହି ମନ୍ଦିରରେ 'ଶ୍ରୀ' ନାମକ ବୁଢ଼ିଆଣୀ, 'କାଳ' ନାମକ ସର୍ପ ଓ ଏକ 'ହସ୍ତୀ' ଶିବଙ୍କର ପୂଜାର୍ଚ୍ଚନା କରି ମୋକ୍ଷ ପ୍ରାପ୍ତି କରିଥିଲେ। ତେଣୁ ଏହି ମନ୍ଦିରର ନାମକରଣ 'ଶ୍ରୀକାଳହସ୍ତୀ' ମନ୍ଦିର ହୋଇଛି। ମନ୍ଦିରରେ ଏହି ତିନିଟି ପ୍ରାଣୀଙ୍କର ମୂର୍ତ୍ତି ମଧ୍ୟ ସ୍ଥାପନା କରାଯାଇଛି। ଏଠାରେ ଭକ୍ତମାନେ ମୋକ୍ଷ କାମନା କରି ବୁଢ଼ିଆଣୀକୁ ବିଶେଷ ପୂଜାର୍ଚ୍ଚନା କରିଥା'ନ୍ତି। ଶିବ ପୁରାଣ, ଲିଙ୍ଗ ପୁରାଣ ଓ ସ୍କନ୍ଦ ପୁରାଣରେ ମଧ୍ୟ ଏହି ମନ୍ଦିରର ବର୍ଣ୍ଣନା ରହିଛି। ବିଶ୍ୱାସ କରାଯାଏ ଯେ, ଏହି ମନ୍ଦିରରେ ଭକ୍ତି ଓ ଶ୍ରଦ୍ଧାର ସହିତ ବୁଢ଼ିଆଣୀ, ସର୍ପ ଓ ହାତୀଙ୍କୁ ବିଶେଷ ପୂଜାର୍ଚ୍ଚନା କଲେ ମହାଦେବଙ୍କ କୃପାରୁ ମୋକ୍ଷ ପ୍ରାପ୍ତି ହୋଇଥାଏ।

ଉପରୋକ୍ତ ଦୁଇଟି ମନ୍ଦିରରେ ବୁଢ଼ିଆଣୀ ପୂଜା ପାଉଥିବାବେଳେ ଉତ୍ତର ପ୍ରଦେଶର ସୁଲତାନପୁରରେ 'ବୁଢ଼ିଆଣୀ କୁଣ୍ଡ' ନାମକ ଏକ ବହୁ ପୁରାତନ କୂଅ ରହିଛି। ଏହି କୁଣ୍ଡର ଜଳ ଅତ୍ୟନ୍ତ ପବିତ୍ର ଏବଂ ରୋଗ ନାଶକାରୀ ବୋଲି ବିଶ୍ୱାସ ରହିଛି। ଜନଶ୍ରୁତି ଅନୁଯାୟୀ ଭକ୍ତଶ୍ରେଷ୍ଠ ହନୁମାନ ସଞ୍ଜୀବନୀ ବୁଟି ଆଣିବାକୁ ଯିବା ସମୟରେ କିଛି ସମୟ ଏହି ସ୍ଥାନରେ ବିଶ୍ରାମ ନେଇଥିଲେ। ହନୁମାନଙ୍କ ପ୍ରାଣ ହରଣ କରିବା ପାଇଁ ରାବଣ କାଳନେମୀ ନାମକ ରାକ୍ଷସକୁ ପଠାଇଥିଲେ। କାଳନେମୀ ଛଦ୍ମବେଶରେ ହନୁମାନଙ୍କୁ ବଧ କରିବାକୁ ଆସିଥିଲେ। ଏ ସମସ୍ତ ଘଟଣା ପ୍ରତି ଅଜ୍ଞ ହନୁମାନ ବିଶ୍ରାମ ସାରି ସ୍ନାନ ପାଇଁ ନିକଟସ୍ଥ କୂଅରୁ ପାଣି ବାହାର କରିବାକୁ ଯିବା ସମୟରେ କୂଅ ଭିତରୁ ଗୋଟିଏ ବୁଢ଼ିଆଣୀ ବାହାରି ଆସି ହନୁମାନଙ୍କ କାନରେ ଦୁଷ୍ଟ ଦାନବ କାଳନେମୀ ସମ୍ପର୍କରେ ସୂଚନା ଦେଇଥିଲା। ଏହାପରେ ହନୁମାନ କାଳନେମୀକୁ ବଧ କରିଥିଲେ। ଏହାପରେ ହନୁମାନ ଉକ୍ତ କୂଅର ଜଳରେ ସ୍ନାନ ସାରି ଲକ୍ଷ୍ୟପଥରେ ଅଗ୍ରସର ହୋଇଥିଲେ।

ସେହିଦିନଠାରୁ ଉକ୍ତ କୂଅକୁ 'ବୁଢ଼ିଆଣୀ କୁଣ୍ଡ' ବୋଲି କୁହାଗଲା। ସେହିସ୍ଥାନରେ ହନୁମାନଙ୍କର ଏକ ବିଶାଳ ପ୍ରତିମା ପୂଜା ପାଉଛନ୍ତି। ହନୁମାନଙ୍କ ମନ୍ଦିରକୁ ଯିବା ପୂର୍ବରୁ ଶ୍ରଦ୍ଧାଳୁମାନେ କୂଅର ପାଣିରେ ଗୋଡ଼ହାତ ଧୋଇଥା'ନ୍ତି ଏବଂ ମୁଣ୍ଡରେ ସିଞ୍ଚନ କରିଥା'ନ୍ତି। ବିଶ୍ୱାସ ରହିଛି ଏଭଳି କରିବା ଦ୍ୱାରା ହନୁମାନଙ୍କର ବିଶେଷ କୃପା ପ୍ରାପ୍ତ ହୋଇଥାଏ। ଏହି ମନ୍ଦିରରେ ପୂଜା ପାଉଥିବା ହନୁମାନଙ୍କ ଗୋଟିଏ ଗୋଡ଼ ପାତାଳପୁର ପର୍ଯ୍ୟନ୍ତ ରହିଛି ବୋଲି ବିଶ୍ୱାସ କରାଯାଏ। କାରଣ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ୧୦୦ ଫୁଟ ତଳକୁ ଖୋଳିବା ପରେ ମଧ୍ୟ ହନୁମାନଙ୍କ ପାଦ ଦେଖିବାକୁ ମିଳିନଥିଲା। ତେଣୁ ଖନନ କାର୍ଯ୍ୟ ବନ୍ଦନ କରାଯାଇଛି ଏବଂ ପ୍ରତ୍ୟକ୍ଷ ଦେବତା ଭାବେ ଏହି ମନ୍ଦିରର ଖ୍ୟାତି ରହିଛି। (ସମାପ୍ତ) ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଭୋଗ ବିକ୍ରିକୁ ନେଇ ମନ୍ଦିରରେ ଉତ୍ତେଜନା



ବାଲେଶ୍ୱର, ୧୮ ।୧୨(ସମିସ): ବାଲେଶ୍ୱର ଜିଲ୍ଲା ରେମୁଣାସ୍ଥିତ ପ୍ରସିଦ୍ଧ କ୍ଷୀରଚୋରା ଗୋପୀନାଥ ମନ୍ଦିରରେ ଭୋଗ ବିକ୍ରିକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦୋକାନରେ ଥିବା ଭୋଗକୁ ଫିଙ୍ଗାଫୋପାଡ଼ା ହୋଇଥିବା ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ଦୀର୍ଘ ୩ ଘଣ୍ଟା ଧରି ବ୍ୟବସାୟୀମାନେ ମନ୍ଦିର ମୁଖ୍ୟଦ୍ୱାରକୁ ଅବରୋଧ କରିଥିଲେ। ଏପରିକି, ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନରେ ଅସୁବିଧାରେ ପଡ଼ିଥିଲେ। ମନ୍ଦିର ସମ୍ମୁଖରେ ଥିବା ଦୁଇ ଦୋକାନୀଙ୍କ ମଧ୍ୟରେ ବସିବା ସ୍ଥାନକୁ ନେଇ ଏହି ଘଟଣା ଘଟିଥିଲା। ରେମୁଣା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅବରୋଧ ହଟାଇଥିଲା। ଅନ୍ୟପଟେ ଉଭୟ ବ୍ୟବସାୟୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ପୁଲିସ ଓ ମନ୍ଦିର ପ୍ରଶାସନର ହସ୍ତକ୍ଷେପ ପରେ ଉତ୍ତେଜନା ହ୍ରାସ ପାଇଥିଲା।

# ଆହାର କେନ୍ଦ୍ରରେ ବନ୍ଧୁକ



ସୋର, ୧୮।୧୨ (ସମିସ): ବାଲେଶ୍ୱର ଜିଲ୍ଲା ସୋର ପୌରପାଳିକା ଅନ୍ତର୍ଗତ ଡାକ୍ତରଖାନା ପରିସରରେ ଥିବା ଆହାର କେନ୍ଦ୍ରରେ ଜଣେ ଯୁବକଙ୍କ ନିକଟରେ ବନ୍ଧୁକ ଥିବା ଦେଖି ଲୋକେ ଭୟଭୀତ ହେବା ସହ ସମ୍ପୃକ୍ତ ଯୁବକକୁ ଧରି ସୋର ପୁଲିସକୁ ସ୍ଥାନୀୟ ଲୋକେ ଜିମା ଦେଇଛନ୍ତି। ଗୁରୁବାର ମଧ୍ୟାହ୍ନରେ ସୋର ଥାନା ରଷୋ ଗ୍ରାମର ହେମନ୍ତ ସାହାଣୀ (୨୦) ସୋର ଡାକ୍ତରଖାନାରେ ଥିବା ଆହାର କେନ୍ଦ୍ରକୁ ଖାଇବାକୁ ଆସିଥିବା ବେଳେ ତାଙ୍କ ନିକଟରେ ଏକ ବନ୍ଧୁକ ଥିବା ଦେଖି ଆହାର କେନ୍ଦ୍ର କର୍ମଚାରୀଙ୍କ ସମେତ ଲୋକେ ଛାନିଆ ହୋଇଯାଇଥିଲେ। ଏହା ଜାଣିବା ପରେ ହେମନ୍ତ ସେଠାରେ ଥିବା ଲୋକଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଅଟକ ରଖି ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଅଭିଯୁକ୍ତ ସେଠାରୁ ଫେରାର୍ ହୋଇଯାଇଥିଲା। ସ୍ଥାନୀୟ ଲୋକେ ହେମନ୍ତକୁ ଖୋଜାଖୋଜି କରି ରାଇପୁର ଗ୍ରାମରୁ କାବୁ କରି ପୁଲିସ ଜିମା ଦେଇଥିଲେ। ପୁଲିସ ବନ୍ଧୁକ ଜବତ କରିବା ସହ ଅଭିଯୁକ୍ତକୁ ଥାନାକୁ ଆଣି ଅଟକ ରଖି ପଚରାଉଚରା ଚଳାଇଛି।

## ଟିପିସିଓଡିଏଲ୍‌ର ଅତିରିକ୍ତ ସୁରକ୍ଷା ଜମା ନୋଟିସ

# ବିଜୁ ଯୁବ-ଛାତ୍ର ଜନତା ଦଳର ବିଶାଳ ବିକ୍ଷୋଭ

- ଅତିରିକ୍ତ ସୁରକ୍ଷା ଜମା ନୋଟିସ ପ୍ରତ୍ୟାହାର ଓ ସ୍ମାର୍ଟ ମିଟର ଲଗା ବନ୍ଦ ଦାବି
- ଜାତୀୟ ହାରଠାରୁ ଅଧିକ ଆଦାୟ ହେଉଥିବା ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର କରାଯାଉ

ଭୁବନେଶ୍ୱର, ୧୮।୧୨(ସମିସ): ଟିପିସିଓଡିଏଲ୍ ପକ୍ଷରୁ ଅତିରିକ୍ତ ସୁରକ୍ଷା ଜମା ଆଦାୟ କରିବା ପାଇଁ ଯେଉଁ ନୋଟିସ୍ ଜାରି କରିଛନ୍ତି, ତାହା ଜନସାଧାରଣଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ଲଦି ଦିଆଯାଉଛି। ଏହାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ଦୃଢ଼ ଦାବି ଉପସ୍ଥାପନ କରିବା ସହିତ ରାଜରାସ୍ତାରେ ସ୍ମାର୍ଟ ମିଟର ଭାଙ୍ଗି ପ୍ରତିବାଦ କରିଛି।

ଗୁରୁବାର ଭୁବନେଶ୍ୱର ପାୱାର ହାଉସ ଛକସ୍ଥିତ ଟିପିସିଓଡିଏଲ୍ ଅଫିସ ସମ୍ମୁଖରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ରାଜ୍ୟର କୋଟିଏ ଉପଭୋକ୍ତାଙ୍କଠାରୁ ଜାତୀୟ ହାରଠାରୁ ଅଧିକ ଆଦାୟ ହେଉଥିବା ବିଦ୍ୟୁତ୍ ଶୁଳ୍କକୁ ତୁରନ୍ତ ସୁଧ ସହିତ ଫେରାଇବା ପାଇଁ ବିଜେଡି ଦାବି କରିଛି। ଆନ୍ଧ୍ର ପ୍ରଦେଶ ବିଦ୍ୟୁତ୍ ନିୟାମକ ଆୟୋଗ ଏହି ଅର୍ଥ ଫେରସ୍ତ ପାଇଁ ଯେଉଁ ପଦକ୍ଷେପ ନେଇଛନ୍ତି, ସେହିଭଳି ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ପଦକ୍ଷେପ ନେବା ଉପରେ ବିଜେଡି ଜୋର୍ ଦେଇଛି। ସରବରାହଜନିତ କ୍ଷତି ଯୋଗୁଁ ଓଡ଼ିଶାର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଅତିରିକ୍ତ ଶୁଳ୍କ



ବହନ କରିବାକୁ ପଡୁଛି। ଟାଟା କମ୍ପାନୀର ଅପାରଗତା, ଦୁର୍ନୀତି ଯୋଗୁଁ ରାଜ୍ୟରେ ସରବରାହଜନିତ କ୍ଷତି ଜାତୀୟ ହାରଠାରୁ ମଧ୍ୟ ଅଧିକ ରହିଛି। ବହୁ ଉପଭୋକ୍ତଙ୍କ ମିଟର ସଠିକ୍ ଚାଲୁଥିଲେ ସୁଦ୍ଧା, ଏହାକୁ ଟାଟା ପାୱାର ପକ୍ଷରୁ ଜୋର୍‌ଜବରଦସ୍ତ ବଦଳାଯାଇ ସ୍ମାର୍ଟ ମିଟର ଲଗାଯାଇଛି, ଯାହା ଠିକ୍ ନୁହେଁ। ସ୍ମାର୍ଟ ମିଟର ଯୋଗୁଁ ଉପଭୋକ୍ତାମାନଙ୍କୁ ଅଧିକ ବିଦ୍ୟୁତ୍ ବିଲ୍ ଦେବାକୁ ପଡୁଛି। ତେଣୁ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଆଗାମୀ ଦିନରେ ଏହି ଆର୍ଥିକ ଶୋଷଣ ବନ୍ଦ ନହେଲେ ବିଜେଡି ଟାଟା ପାୱାର ବିରୋଧରେ ଦୁର୍ବାର ଆନ୍ଦୋଳନ କରିବ ବୋଲି ନେତୃମଣ୍ଡଳୀ ଚେତାବନୀ ଦେଇଛନ୍ତି।

ଏହି ବିକ୍ଷୋଭରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ କୁମାର ଦାସବର୍ମା, ଅଶୋକ ଚନ୍ଦ୍ର ପଣ୍ଡା, ଅତନୁ ସବ୍ୟସାଚୀ ନାୟକ, ପ୍ରୀତିରଞ୍ଜନ ଘଡେଇ, ସୁଶାନ୍ତ ରାଉତ, ପ୍ରଣବ ବଳବନ୍ତରାୟ, ରାଜେନ୍ଦ୍ର ସାହୁ, ସ୍ନେହାଙ୍ଗିନୀ ଛୁରିଆ, ସୁବାସ ସିଂହ, ଅବନୀ ଯୋଶୀ, ଅମରେଶ ପତ୍ରୀ, ଅମରଜିତ୍ ସେନାପତି, ସୋଫିଆ ଆଲାମ, ଧୃତି ମାର୍ଥା, ତନ୍ମୟ ସ୍ୱାଇଁ, ଜ୍ୟୋତି ରଞ୍ଜନ ଜେନା, ମିହିର ରାଉତ, ନାରାୟଣ ଜେନା, ଦାସ, ଚିନ୍ମୟ ପ୍ରଧାନ, ପୃଥ୍ୱୀରାଜ ପଣ୍ଡା, ଦୀପକ ବେହେରା, ସୁଦୀପ୍ତ କେଶରୀ ସାମଲ, ସ୍ୱଦେଶ ରଂଜନ ସିଂ, ଅରୂପ ଶ୍ରୀଚନ୍ଦନ, ମନୋରଞ୍ଜନ ସ୍ୱାଇଁ, ସୋନାଲୀ ପ୍ରିୟଦର୍ଶିନୀ, ଲଗ୍ନାଦୀପ ମିଶ୍ର, ମଧୁସ୍ମିତା ପରିଡ଼ା, ବିକାଶ ସାହୁ, ପ୍ରଦୀପ୍ତ ବିଶ୍ୱାଳ, ସୁକାନ୍ତ କୁମାର ରାୟ, ତୃମ୍ବନାଥ ପଣ୍ଡା, ମିହିର ରାୟ, ଏସ୍.କେ ଅମିର ମହମ୍ମଦ, ବିଜୟ କେତନ ସାହୁ, ଦୀପକ ମହାପାତ୍ର, ନୀଳମାଧବ ମହାନ୍ତି, ଶୁଭ୍ରାଂଶୁ ପାଢ଼ୀ, ସଂଜିତ୍ ମହାନ୍ତି, ମନୋଜ ସେନାପତି, ସୌମ୍ୟରଞ୍ଜନ ତ୍ରିପାଠୀ, ମନୋଜ ମହାନ୍ତି, ଜଗମୋହନ ବଳିଆରସିଂହ, ବିଶ୍ୱ ରଞ୍ଜନ ଭୂୟାଁ, ଜ୍ଞାନରଞ୍ଜନ ମାନସିଂହ, ତାରିଣୀ ପ୍ରସାଦ ନାୟକ, ସ୍ମୃତି ରଂଜନ ପଟ୍ଟନାୟକ, ରଶ୍ମି ରଞ୍ଜନ ଫାତିମା ଖାତୁନ୍, ରକି ଦାସ, ସୁଜିତ୍ ପାଲଟା ସିଂହ, ଦେବସ୍ମିତା ଦାସ, ସ୍ନେହାଶିଷ ଜେନା, ଅଶୋକ ନାୟକ, ଅମିତ୍ ଜେନା, ତବ୍ରେଜ୍ ଖାଁ, ସୌମ୍ୟ ରଂଜନ ମହାପାତ୍ର, ଅସ୍ମିତ୍ ଦାସ, ସମିମ୍ ଅଖତର୍, ବିଜୟଲକ୍ଷ୍ମୀ ଦାଶ, ଏସ.କେ ନୱାଜ୍, ସଚ୍ଚିକାନ୍ତ ସାହୁ, ସିପୁଲ୍ ସ୍ୱାଇଁ, ପ୍ରଦ୍ୟୁମ୍ନ ମହାନ୍ତି, ଶଙ୍କର ମଲ୍ଲିକ, ଦୀପକ ମହାପାତ୍ର ଓ ଆଶିଷ ସାହୁ ପ୍ରମୁଖ ସାମିଲ ଥିଲେ।

## ଅବଶିଷ୍ଟାଂଶ

### ଜି-ରାମ-ଜି ବିଲ୍‌କୁ...

ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରୁଛି। ମୋଦୀ ସରକାର ମନଇଚ୍ଛା ବିଭିନ୍ନ ଯୋଜନାର ନାମ ପରିବର୍ତ୍ତନରେ ଲାଗିଛନ୍ତି ବୋଲି କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ଅଭିଯୋଗକୁ ଖଣ୍ଡନ କରି ଶିବରାଜ ସିଂହ କହିଥିଲେ ଯେ ମହାତ୍ମା ଗାନ୍ଧୀ ଓ ଜବାହରଲାଲ ନେହରୁଙ୍କ ନାମରେ ଏବେ ବି ଅନେକ ଯୋଜନା ରହିଛି।

ତେବେ ବିରୋଧୀ ଦଳ ଏଥିରେ ସନ୍ତୁଷ୍ଟ ହୋଇନଥିଲେ। ସେମାନେ ଏହାର ପ୍ରତିବାଦ ଜଣାଇ ଗୃହ ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିବା ସହିତ ସରକାର ବିରୋଧରେ ସ୍ଲୋଗାନ ଦେଇଥିଲେ। ସେମାନେ ଏହି ବିଲର କପି ଚିରିବା ସହିତ ଏହାକୁ ଖଣ୍ଡ ଖଣ୍ଡ କରି ବାଚସ୍ପତିଙ୍କ ଚୌକି ଆଡ଼କୁ ଫିଙ୍ଗିଥିଲେ। ପରିସ୍ଥିତି ଅସମ୍ଭାଳ ହେବାରୁ ବାଚସ୍ପତି ଓମ ବିର୍ଲା ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦେଇଥିଲେ।

ଏହାପୂର୍ବରୁ ଆଜି ସକାଳେ ବିରୋଧୀ ଦଳ ଏକତ୍ରିତ ହୋଇ ସଂସଦ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଏହି ବିଲକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ କହିଥିଲେ ଯେ ଏହି ବିଲ ହେଉଛି ମହାତ୍ମା ଗାନ୍ଧୀଙ୍କ ପ୍ରତି ଅପମାନ।

ସୂଚନାଯୋଗ୍ୟ ଯେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ଉଚ୍ଛେଦ କରି ଏହା ବଦଳରେ ସରକାର ସଂସଦରେ ଯେଉଁ ବିଲ୍ ଆଣିଛନ୍ତି ସେଥିରେ ନୂଆ ଯୋଜନାର ନାମ ରଖାଯାଇଛି ବିକଶିତ ଭାରତ ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିସନ-ଗ୍ରାମୀଣ (ଭିକେ ଜି-ରାମ-ଜି)। ଏହି ସ୍କିମ୍‌ରେ ଅଣକୁଶଳୀ କାମ କରିବାକୁ ଇଚ୍ଛୁକ ପ୍ରତ୍ୟେକ ଗ୍ରାମୀଣ ପରିବାର ପାଇଁ ପ୍ରତିବର୍ଷ ୧୨୫ଦିନର ରୋଜଗାର ଗ୍ୟାରେଣ୍ଟି ଦିଆଯାଇଛି। କାମ ସରିବାର ସପ୍ତାହେ କିମ୍ବା ୧୫ ଦିନ ମଧ୍ୟରେ ମଜୁରି ପ୍ରଦାନ କରାଯିବ। ଏହି ସମୟ ମଧ୍ୟରେ ମଜୁରି ନ ମିଳିଲେ ବେକାରୀ ଭତ୍ତା ପ୍ରଦାନ କରିବାକୁ ବ୍ୟବସ୍ଥା କରାଯାଇଛି। ନୂଆ ସ୍କିମରେ କାମକୁ ୪ ଭାଗରେ ବିଭକ୍ତ କରାଯିବ। ଏଗୁଡ଼ିକ ହେଲା ଜଳ ନିରାପତ୍ତା, ମୌଳିକ ଗ୍ରାମୀଣ ଭିତ୍ତିଭୂମି, ଜୀବିକା ସଂକ୍ରାନ୍ତ ଭିତ୍ତିଭୂମି ଏବଂ ବିପର୍ଯ୍ୟୟ ପ୍ରଶମନ ଲାଗି ସ୍ୱତନ୍ତ୍ର କାର୍ଯ୍ୟ। ଏହି ସ୍କିମରେ ପାରିଦର୍ଶିତା ଆଣିବା ଲାଗି ବାୟୋମେଟ୍ରିକ୍ ଓ ଜିଓଟାଗିଂର ବ୍ୟବସ୍ଥା କରାଯାଇଛି। ମନରେଗାରେ ୧୦୦ ଦିନ କାମ ଗ୍ୟାରେଣ୍ଟି ଥିବା ବେଳେ ଜି ରାମ ଜିରେ ଏହାକୁ ୧୨୫ ଦିନ କରି ଦିଆଯାଇଛି। ତେବେ ଏଥିପାଇଁ ପୂର୍ବଭଳି କେନ୍ଦ୍ର ସରକାର ଆଉ ଶତ ପ୍ରତିଶତ ପାଣ୍ଠି ଯୋଗାଇବେ ନାହିଁ। କେନ୍ଦ୍ର ୬୦ ଭାଗ ଏବଂ ରାଜ୍ୟ ସରକାର ୪୦ ଭାଗ ଅର୍ଥ ଦେବେ ବୋଲି ଏଥିରେ ବ୍ୟବସ୍ଥା କରାଯାଇଛି।

### ଜଷ୍ଟିସ ସଂଗମ ସାହୁ...

ହାଇକୋର୍ଟର ବିଚାରପତି ଭାବରେ ନିଯୁକ୍ତ ହୋଇଥିଲେ। ପ୍ରକାଶଥାଉକି ସୁପ୍ରିମକୋର୍ଟ କଲେଜିୟମର ସୁପାରିସ ପରେ ରାଷ୍ଟ୍ରପତି ଅନୁମୋଦନ କରିବା ପରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ନିଯୁକ୍ତି ସମ୍ପର୍କିତ ବୃତ୍ତାନ୍ତ ବିଜ୍ଞପ୍ତି ପ୍ରକାଶ କରିବ।

ଉଲ୍ଲେଖଯୋଗ୍ୟ, ଶେଷଥର ପାଇଁ ଗତ ୨୦୨୪ ଜୁଲାଇ ୫ରେ ଓଡ଼ିଶା ହାଇକୋର୍ଟରୁ ଜଷ୍ଟିସ୍ ବିଦ୍ୟୁତ୍ ରଂଜନ ଷଡ଼ଙ୍ଗୀ ଝାଡ଼ଖଣ୍ଡ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ଶପଥ ନେଇଥିଲେ।

### ବାଲିର ଦୋଷ ନା...

କୌତୂହଳର କଥା ହେଉଛି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଲଘୁ ଖଣିଜ ଅଧିକାରୀଙ୍କ ନାମରେ ମାମଲା ରୁଜୁ କରିବା ସମଗ୍ର ଘଟଣାକୁ ଗୋଳମାଳିଆ କରି ଦେଇଛି। ଏଠି କିଏ ଦୋଷୀ ତାହା ସ୍ପଷ୍ଟ ହେଉନାହିଁ ଓ କେବଳ ଲୋକମାନଙ୍କୁ ଭ୍ରମିତ କରିବା ପାଇଁ ଏକ ଯୋଜନାବଦ୍ଧ ଉଦ୍ୟମ ହୋଇଥିବା ମଧ୍ୟ କୁହାଯାଉଛି।

ବାଲିଘାଟ ନିଲାମ ନେଇଥିବା ବ୍ୟକ୍ତି ଚୋରା ଚାଲାଣ ସହ ଜଡ଼ିତ କି ନୁହନ୍ତି ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ପୁନଶ୍ଚ ଯେଉଁ ଗାଡ଼ିଗୁଡ଼ିକ ବାଲି ବୋହିବା କାର୍ଯ୍ୟରେ ନିୟୋଜିତ ହୋଇଥିଲା, ତାହାର ମାଲିକ କିଏ ଓ ଏମାନେ ବାଲି ଚୋରା ଚାଲାଣରେ ଜଡ଼ିତ କି ନୁହନ୍ତି, ତାହା ବି ଅସ୍ପଷ୍ଟ। ଜଗତସିଂହପୁର ଜିଲ୍ଲାର ନିଲାମ ହୋଇଥିବା ଅଧିକାଂଶ ବାଲିଘାଟ ଓ ନିଲାମ ହୋଇ ନ ଥିବା ବାଲିଘାଟଗୁଡ଼ିକରେ ଅନିୟମିତା ଓ ଚୋରା ବାଲି ଚାଲାଣ ଚାଲିଥିବାବେଳେ କେବଳ ଏହି ଦୁଇଟି ବାଲିଘାଟରେ ଚଢ଼଼ଉ କରାଯିବା ବି ସନ୍ଦେହ ସୃଷ୍ଟି କରିଛି। ଅତୀତରେ ଜଗତସିଂହପୁର ଜିଲ୍ଲାରେ ବାଲିଘାଟକୁ ନେଇ ଗୁଳିମାଡ଼ ଓ ହଣାକଟା ହୋଇଥବା ନଜିର ରହିଛି। ଏବେ ନିର୍ଦ୍ଦିଷ୍ଟ ବାଲିଘାଟ ଉପରେ ଚଢ଼଼ଉ କରାଯାଇ ଅନ୍ୟଗୁଡ଼ିକୁ ଛାଡ଼ି ଦିଆଯିବାର ଅର୍ଥ ବି କେହି ବୁଝି ପାରୁନାହାନ୍ତି।

ଅପରପକ୍ଷରେ ଶାସକ ଦଳର କିଛି ନେତାଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ହୋଇ ଆସୁଛି। ରାଜ୍ୟସ୍ତରରେ କଂଗ୍ରେସ ଓ ବିଜେଡି ଏହାକୁ ପ୍ରସଙ୍ଗ କରିଛି ଏବଂ ବାଲି ମାଫିଆମାନେ ଶାସକ ଦଳର ବାହୁଛାୟା ତଳେ ରହିଥିବା ବି ଅଭିଯୋଗ କରିଛନ୍ତି। ତେଣୁ ଜିଲା ପ୍ରଶାସନ ଓ ପୁଲିସ ବଡ଼ବଡ଼ିଆଙ୍କୁ ଧରି ପାରିବାରେ ଅସଫଳ ହେବା ପରେ ଅନ୍ୟମାନଙ୍କ ଉପରେ ଦାଉ ସାଧୁଥିବା ମଧ୍ୟ ଆଲୋଚନା ହେଉଛି। ପୁନଶ୍ଚ ଜିଲ୍ଲା ଖଣି ଅଧିକାରୀଙ୍କ ନାମରେ ପ୍ରଶାସନର ମାମଲା ପଛରେ ରାଜନୈତିକ ବିବାଦ ଥିବା ବି ସାଧାରଣରେ ଚର୍ଚ୍ଚା ହେଉଛି। ଜିଲ୍ଲାର କିଛି ଥାନାରେ ନିଯୁକ୍ତ ଅଧିକାରୀମାନେ ବାଲି ମାଫିଆଙ୍କୁ ସୁରକ୍ଷା ଦେବା ପାଇଁ ନିଯୁକ୍ତି ପାଇଥିବା ଅଭିଯୋଗ ହୋଇଛି ଓ ଜିଲ୍ଲାରେ ଶାସକ ଦଳର ଦୁଇ ଗୋଷ୍ଠୀର ଶୀର୍ଷ ନେତାଙ୍କ ମଧ୍ୟରେ ବିବାଦରେ ବ୍ୟତିବ୍ୟସ୍ତ ପ୍ରଶାସନ ନିଜ ମୁଣ୍ଡରୁ ଦାୟିତ୍ୱ ହଟାଇବା ନିମନ୍ତେ ଖଣି ଅଧିକାରୀଙ୍କୁ ବଳି ଦେଇଛନ୍ତି ଚର୍ଚ୍ଚା ହେଉଛି।

### ବନ୍ଧା ହେଲା...

ଅନେକ ଆପରାଧିକ ମାମଲା ରହିଛି। କିଛିଦିନ ତଳେ ସେ ଜାମିନ୍ ବଳରେ ଜେଲ୍‌ରୁ ବାହାରିବା ପରେ ସହଯୋଗୀମାନଙ୍କ ସହିତ ମିଶି ଏହି ଗଣଦୁଷ୍କର୍ମ କରିଥିଲା। ଘଟଣାରେ ସଂପୃକ୍ତ ୫ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ପୁଲିସ ମାଷ୍ଟରମାଇଣ୍ଡ ଜୋକର ହାପି ସମେତ ଅନ୍ୟ ଦୁଇ ଅଭିଯୁକ୍ତ ବିଭୂପ୍ରସାଦ ମିଶ୍ର, କାଳନ୍ଦୀ ପାତ୍ରଙ୍କୁ ଗିରଫ କରିଛି।

### ଦୁର୍ଘଟଣାରେ ଦିନକୁ...

ଏକ ଲକ୍ଷ ୭୨ ହଜାର ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ସଡ଼କ ଦୁର୍ଘଟଣାରେ ପ୍ରତିଦିନ ୪୭୪ ଜଣଙ୍କ ଜୀବନ ଯାଉଥିବା ବେଳେ ପ୍ରତି ତିନି ମିନିଟରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟୁଛି। ଏହି ମୃତ୍ୟୁସଂଖ୍ୟା ମଧ୍ୟରେ ୧୦ ହଜାର ହେଉଛନ୍ତି ଶିଶୁ। ପୁଣି ସ୍କୁଲ କଲେଜ ନିକଟରେ ଦୁର୍ଘଟଣା ଯୋଗୁଁ ଆହୁରି ୧୦ ହଜାର ଲୋକ ପ୍ରାଣ ହରାଇଥିଲେ।

ଆସନ୍ତାବର୍ଷ ୨୦୨୬ ସୁଦ୍ଧା ଦେଶବ୍ୟାପୀ ଉପଗ୍ରହ ଆଧାରିତ ଟୋଲ ପ୍ରଣାଳୀ ଲାଗୁ ହେବ। ଏହା ଉପଗ୍ରହ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଉପରେ ଆଧାରିତ ହେବ।। ଗାଡ଼ି ତଥା ବାହନଗୁଡିକରୁ ଫାଷ୍ଟଟ୍ୟାଗ୍ ଓ ନମ୍ବର ପ୍ଲେଟ ଚିହ୍ନଟ କରିବା ଟେକ୍‌ନିକ ଜରିଆରେ ନ ଅଟକାଇ ଟୋଲ୍ ଆପେଆପେ କଟିବ। ଏହାଦ୍ୱାରା ୧, ୫୦୦ କୋଟି ଟଙ୍କାର ଇନ୍ଧନ ବଞ୍ଚିପାରିବ ଓ ୬, ୦୦୦ କୋଟି ଟଙ୍କାର ଅତିରିକ୍ତ ରାଜ୍ୟସ୍ୱ ବୃଦ୍ଧି ପାଇବ। ପ୍ରଥମେ ଟୋଲ ପାର କରିବାକୁ ୩ରୁ ୧୦ ମିନିଟ ସମୟ ଲାଗୁ ଥିବା ବେଳେ ଏବେ ଏହି ସମୟକୁ ଶୂନ୍ୟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଗଡ଼କାରୀ କହିଛନ୍ତି।

■ ହାଇକୋର୍ଟଙ୍କୁ ଅବଗତ କଲେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ

# ରାଜ୍ୟରେ ୨୬୬୯ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ



କଟକ, ୧୮ ।୧୨(ସମିସ): କଟକ ସହର ସମସ୍ୟା ସମ୍ପର୍କିତ ମାମଲା ଶୁଣାଣି ବେଳେ ରାଜ୍ୟର ସମସ୍ତ ମହାବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ରହିଥିବା ସମସ୍ୟା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ କଟକର ଶୈଳବାଳା ମହାବିଦ୍ୟାଳୟରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅର୍ଥ ମଞ୍ଜୁର କରିଥିବା ବେଳେ ରାଜ୍ୟର ଅନ୍ୟ ମହାବିଦ୍ୟାଳୟ ଗୁଡିକ ପାଇଁ କଣ ପଦକ୍ଷେପ ନିଆଯାଇଛି, ସେନେଇ ବିଭାଗୀୟ ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି ହାଇକୋର୍ଟ।

ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି. ନରସିଂହ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆଜି ମାମଲା ଶୁଣାଣି ବେଳେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ରାଜ୍ୟର ବିଭିନ୍ନ କଲେଜରେ ୨୬୬୯ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି ବୋଲି ହାଇକୋର୍ଟଙ୍କୁ ଅବଗତ କରିଥିଲେ। ଏମାନଙ୍କ ମଧ୍ୟରୁ ୩୫୩ ଜଣ ଦୃଷ୍ଟିବାଧିତ, ୨୧୬ଜଣ ଶ୍ରୁତିବାଧିତ ଓ ୧୨୩୪ଜଣ ଶାରୀରିକ ଭିନ୍ନକ୍ଷମ ବୋଲି ଜଣାପଡ଼ିଛି।

ମହାବିଦ୍ୟାଳୟରେ ବାଧାମୁକ୍ତ ଚଳାଚଳ ପାଇଁ ରାମ୍ପ ସହ ଶୌଚାଳୟ ସୁବିଧା, ଲିଫ୍ଟ, ବ୍ରେଲି ପୁସ୍ତକ ଆଦି ନଥିବା ନେଇ ପୂର୍ବରୁ ଆଡଭୋକେଟ କମିଟି ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେହିଭଳି ଉଚ୍ଚ ଶିକ୍ଷାନୁଷ୍ଠାନ ସହ ସ୍କୁଲଗୁଡ଼ିକରେ ମଧ୍ୟ ଅନୁରୂପ ସୁବିଧା ପ୍ରଦାନ କରାଯିବା ଉପରେ ଅଦାଲତ ଗୁରୁତ୍ୱାରୋପ କରିଥିଲେ। ମାମଲାର ଶୁଣାଣି ବେଳେ ଏସ୍‌ଏସ୍‌ଇପିଡି ବିଭାଗର ସ୍ୱତନ୍ତ୍ର ସଚିବ ମଧ୍ୟ ଭର୍ଚୁଆଲରେ ଉପସ୍ଥିତ ରହି ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବୃଆରୀ ପ୍ରଥମ ସପ୍ତାହରେ ହେବ ବୋଲି ଧାର୍ଯ୍ୟ କରାଯାଇଛି।


**ଭାରତୀୟ କପା ନିଗମ ଲିମିଟେଡ୍** (ଭା.କ.ନି. / CCI) — ମୋବାଇଲ ଆପ

**ଶାଖା କାର୍ଯ୍ୟାଳୟ: ରାୟଗଡା**

ପ୍ଲଟ୍ ନଂ.-୧୩୮/୨୦୩୦/୨୫//୮ ପ୍ରଥମ ମହଲା, ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକ ରିଙ୍ଗ୍ ରୋଡ୍,ରାୟଗଡା-୭୬୫୦୦୧(ଓଡ଼ିଶା)

ସଂଖ୍ୟା: ଭାକନି / ରାୟଗଡ଼ା /୨୦୨୫-୨୬ ତାରିଖ: ୧୮.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରିପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପ୍‌ରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର/ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

**ଚାଷୀମାନଙ୍କର ସ୍ୱୟଂ ପଞ୍ଜୀକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନ କରି ପଞ୍ଜୀକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/- ଶାଖା ପ୍ରମୁଖ



**VEHICLE FOR SALE**

ASHOK LEYLAND 4825,MODEL 2024, Regn. No - OD-07-AT-7630 in as is where is condition. Contact: M/S Sundaram Finance Limited, BERHAMPUR BRANCH, Ph:0680- 2290703, MOB - 94375 77759, within 7 days.

**AFFIDAVIT (FOR MINOR)**

By virtue of an affidavit sworn before Executive Magistrate, Banpur, vide no- 3385, dated- 4/9/2025 I, Gitanjali Barik, aged about -30 years, Address - W/o- Bibhuti Bhusan Barik, At- Ranipada, Po- Kumarang Sasan, Ps- Banpur, Dist- Khordha, Odisha, Pin-752031, declare that I have changed the name of my minor daughter from Subyashriya Barik to **Subhasriya Barik.** Henceforth, he shall be known as **Subhasriya Barik** for all purposes.

**Subhasriya Barik**

**AFFIDAVIT**

I, Latha Sahu, aged about 61 years, W/o- Sivaram Sahu, resident of At-srichandanpur, Po- bangurigaon, Ps- kakatpur, Dist- Puri, Odisha, Pin- 752118 declare by this affidavit No. 2551, dtd- 18/12/2025, that now onwards I shall be known as **LATA SAHU** for all future purposes.

**ADMISSION NOTICE-2025-26**

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

*Campus:* 262, Puranpadhan, Balakati, Bhubaneswar

Mob. 7019799641, 7978608747 9853801459

Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**NOTICE**

By virtue of an affidavit sworn before The Executive Magistrate, Sukruli, Mayurbhanj, dated 15.12.2025, I, Dharitri Nayak, Address Village- Pandabilla, PO-Khiching, PS- Raruan, Dist-Mayurbhanj, Pin- 757039 declare that I have changed my name from Dharaitri Nayak to Dharitri Nayak. Henceforth, I shall be known as Dharitri Nayak for all purposes.

**Dharitri Nayak**

**NOTICE**

By virtue of an affidavit sworn before The Executive Magistrate, Sukruli, Mayurbhanj, dated 09.12.2025 I, Kholana Bhoi, Address Village-Tangia, PO- Jhadghosada, PS-Raruan, Dist- Mayurbhanj, Pin-757039 declare that I have changed my name from Khulana Bhoi to Kholana Bhoi. Henceforth, I shall be known as Kholana Bhoi for all purposes.

**Kholana Bhoi**

**AFFIDAVIT**

I, **Mamata Padhy**, Wife of Trilochan Sahu, resident of Plot No. 43/1703, Near Indraprasta, Phase II, Union Bank, Pokhariput, Aerodrome Area, PS- Airfield, Bhubaneswar, Dist. Khordha, Pin-751020, Odisha, declare by this affidavit No. 752 **Dtd. 13/12/2025** that now onwards, I shall be known as **MAMATA KUMARI PADHY** for all future purposes.

**ନାମ ପରିବର୍ତ୍ତନ**

ମୁଁ ଉଷାରାଣୀ ପଡ଼ିହାରୀ, ବୟସ-୫୭ ବର୍ଷ, ସ୍ୱାମୀ-ସ୍ୱର୍ଗତଃ ନିରଞ୍ଜନ ପଡ଼ିହାରୀ, ଗ୍ରାମ/ପୋ- ଗୋଳାଡ଼ିଆ, ଥାନା-ଚାନ୍ଦବାଲି, ଜିଲ୍ଲା- ଭଦ୍ରକ, ଏହିକି ମୋର ଆଧାର କାର୍ଡ଼ ରେ ମୋର ନାମ ଉଷାରାଣୀ ପଡ଼ିହାରୀ ଓ ଜନ୍ମ ତାରିଖ- ୦୧/୦୫/୧୯୬୮ ଉଲ୍ଲେଖ ଥାଇ ଆର ପି ଏଲ୍ ଆଇ ପଲିସି ବଣ୍ଡ ନଂ- **R-OR-EA-201303** ରେ ମୋର ନାମ ଉଷାରାଣୀ ପଡ଼ିହାରୀ ପରିବର୍ତ୍ତେ ଉଷାମଣୀ ଦାସ ବୋଲି ଉଲ୍ଲେଖ ଅଛି। ଏଗଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଚାନ୍ଦବାଲିଙ୍କ ନିକଟରେ ଏଫିଡାଭିଡ୍ ନଂ - **7883,** ତା- **12/12/2025** ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ରରେ ଉଷାରାଣୀ ପଡ଼ିହାରୀ, ସ୍ୱାମୀ- ନିରଞ୍ଜନ ପଡ଼ିହାରୀ, ନାମରେ ପରିଚିତ ହେବି।

**AFFIDAVIT**

By virtue of an affidavit (CF No. 86) sworn before The Executive Magistrate, Bhubaneswar, date: 18/12/2025. I, Jayashree Dash, W/o- Madanmohan Shyamasundar Dash, resident of Plot No. 572, Gothapatna, Near Sai Prattik Apartment, Bhubaneswar, Dist- Khordha, PIN- 751003, Odisha declare that I have changed my name from **Jayashree Meher to Jayashree Dash.** Henceforth, I shall be known as **Jayashree Dash** (new name) for all purposes.

**JAYASHREE DASH**

C-1820

ବିଜ୍ଞାପିତ ଅଂଚଳ ପରିଷଦ, ରେଢାଖୋଲ

**OFFICE OF THE NOTIFIED AREA COUNCIL, REDHAKHOL**

(ODISHA), DIST – SAMBALPUR

E-mail: eonacrdi@gmail.com

**'e' PROCUREMENT NOTICE**

No. 3051 / NAC Dt. 16.12.2025

Bid Identification No.: RDL NAC - 4/2025-26

Tender ID: 2025_ORULB_123226

The Municipal Executive Officer on behalf of NAC Redhakhol invites tenders in Single Cover System. Bid documents consisting of specification, the Schedule of Quantities and the set of terms and conditions of contract and other necessary documents can be seen in the Govt. Website i.e. **https://tendersodisha.gov.in**

1. Number of Civil works / Others : 36 numbers
2. Estimated Cost : Rs. 0.64 lakh to Rs. 8.47 lakh
3. Period of completion : As per NIT
4. Date & time of availability of bid documents in the portal : From 10.00 A.M. of 17.12.2025 to 04.00 P.M. of 29.12.2025
5. Last Date & Time for receipt of bids in the portal : 04.00 P.M. of 29.12.2025
6. Bids will be opened on : 04.30 A.M. on 29.12.2025
7. Name and address of the officer inviting bid : Executive Officer, NAC Redhakhol

OIPR-13175/11/0013/2526

Sd/- Executive Officer
NAC Redhakhol

**ସର୍ବସାଧାରଣ ବିଜ୍ଞପ୍ତି**

ଏହି ଦ୍ୱାରା ସୂଚନା ଦିଆଯାଉଛି ଯେ, ମିସେସ ଲିଂଗାମ ଜସ୍ୱଲାକ୍ଷ୍ମୀ (ଏହିରାପରେ ମୋର୍ଟଗେଜର / ବୋର୍ରୋଅର କୁହାଯାଇଛନ୍ତି) ନିମ୍ନଲିଖିତ ସିଦ୍ଧ ସମ୍ପତ୍ତିର ମୋର୍ଟଗେଜ ଆମ କ୍ଲାଇଣ୍ଟ IDFC FIRST Bank Limited - ଶାଖା ଠିକଣା ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍, ଜସ୍ୱପୁର ଶାଖା, ପ୍ଲଟ ନଂ-୧୨୨୧, ଏମଜି ରୋଡ, ଜସ୍ୱପୁର, ପିନ-୭୬୪୦୦୧, ଜିଲ୍ଲା-କୋରାପୁଟ ସ୍ଥିତ ବ୍ୟାଙ୍କର ସପକ୍ଷରେ ସୃଷ୍ଟି କରିଛନ୍ତି। ଉକ୍ତ ମୋର୍ଟଗେଜରଙ୍କର ଅରିଜିନାଲ ଦଲିଲ ଯଥା ରେକର୍ଡ ଅଫ ରାଇଟ (ROR) ଖାତା ନଂ - ୬୫ ଏବଂ ପ୍ଲଟ ନଂ -୨୫, ମାଧୁରୀ କୁମାରୀ ପାତ୍ର ନାମରେ ୨୦୨୩ ସାଲରୁ ରେକର୍ଡ ହୋଇଛି, ହରାଇ ଯାଇଛି / ନିଖୋଜ ହୋଇଛି ଏବଂ ମିଳୁନାହିଁ। ଯଦି ଉପରୋକ୍ତ ଅରିଜିନାଲ ଦଲିଲ ଏବଂ ROR ଦଲିଲ କେହି ପାଇଥାନ୍ତି, ତେବେ ତାହା ନିମ୍ନ ଠିକଣାରେ ହସ୍ତାନ୍ତର କରିବା ହେବେ। ଏହା ସହିତ, ଯଦି କେହି ବ୍ୟକ୍ତି, ସଂସ୍ଥା, ସଂଗଠନ ଉକ୍ତ ସମ୍ପତ୍ତି ସମ୍ବନ୍ଧରେ କୌଣସି ଦାବି, ଆପତ୍ତି କିମ୍ବା ସମ୍ପର୍କ ରଖିଥାନ୍ତି ତେବେ ସେମାନେ ଏହି ନୋଟିସ ପ୍ରକାଶନର ୧୪ ଦିନ ମଧ୍ୟରେ ଦସ୍ତାବିଜ ପ୍ରମାଣ ସହ ନିମ୍ନ ଠିକଣାରେ ସୂଚନା ଦିଅନ୍ତୁ, ନ ହେଲେ ସେମାନଙ୍କ ଦାବି ପରିତ୍ୟକ୍ତ ଏବଂ ତ୍ୟାଗ କରାଯାଇଛି ବୋଲି ଗଣାଯିବ। ୧୪ ଦିନ ପରେ ଉଠାଯାଇଥିବା କୌଣସି ଆପତ୍ତି ଉକ୍ତ ସମ୍ପତ୍ତି ବା ମୋର କ୍ଲାଇଣ୍ଟ ଉପରେ ବାଧତା ସୃଷ୍ଟି କରିବନାହିଁ।

ସମ୍ପତ୍ତିର ବିବରଣୀ: ଖାତା ନଂ -୬୫, ପ୍ଲଟ ନଂ -୨୫, ମୌଜା-ନୀଳକଣ୍ଠେଶ୍ୱରପୁର, ତହସିଲ-ଜସ୍ୱପୁର, ଜିଲ୍ଲା-କୋରାପୁଟ

ସ୍ଥାନ: ଜସ୍ୱପୁର, ତାରିଖ: ୦୭ ଡିସେମ୍ବର ୨୦୨୫

ପ୍ୟାନେଲ ଆବେଦକ ନାମ ଏବଂ ଠିକଣା:

ମେନ ରୋଡ, ଜସ୍ୱପୁର, କୋରାପୁଟ-୭୬୪୦୦୧

ଶ୍ରୀ ସୁବାଶ ଚନ୍ଦ୍ର ପଣ୍ଡା, ମୋବାଇଲ: ୯୪୩୭୨୩୪୨୬୪

## କୋଲିମାଟି ହାଟ ଛକରେ ସିରିଜ୍ ଦୁର୍ଘଟଣା

# ତୀର୍ଥଯାତ୍ରୀ ବସ୍‌ର ୧୮ ଆହତ, ଜଣେ ଗୁରୁତର







ଆନନ୍ଦପୁର, ୧୮।୧୨ (ସମିସ): ଏକ ଟ୍ରେଲର୍ କାର୍‌କୁ ଧକ୍କା ଦେଲା ପରେ ତୀର୍ଥଯାତ୍ରୀ ବସ୍ ସହ ଧକ୍କା ହେବାରୁ ବସ୍‌ରେ ଥିବା ୧୮ ଜଣ ଯାତ୍ରୀ ଆହତ ହୋଇଛନ୍ତି। ୨୦ ନଂ ଜାତୀୟ ରଜପଥସ୍ଥିତ କୋଲିମାଟି ଛକ ନିକଟରେ ଘଟିଥିବା ଏହି ଦୁର୍ଘଟଣାରେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ବସ୍ ପଛରେ ଟ୍ରେଲର୍‌ର ଧକ୍କା ହୋଇଥିଲା। ସମସ୍ତ ଆହତଙ୍କୁ ଆମ୍ବୁଲାନ୍ସ ଓ ଅଗ୍ନିଶମ ବିଭାଗ ଗାଡି ସହାୟତାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଛି। ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ କୋଲିମାଟି ପଞ୍ଚାୟତ କୋଲିମାଟି ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି। ପୁରୀ ଜିଲ୍ଲା ରାମଚଣ୍ଡୀ ଥାନା ଇଞ୍ଚରା ଗ୍ରାମବାସୀ ଏକ ବସ ଯୋଗେ ତାରିଣୀ ଦର୍ଶନ ନିମନ୍ତେ ଘଟଗାଁ ମା'ତାରିଣୀ ପୀଠକୁ ଆସିଥିଲେ। ଦର୍ଶନ ସାରି ଫେରିବା ବାଟରେ କୋଲିମାଟି ଛକଠାରେ ବିଶ୍ରାମ ନେବା ବେଳେ ପଛପଟୁ ଏକ ଟ୍ରେଲର ପ୍ରଥମେ ଏକ କାରକୁ ଧକ୍କା ଦେଇ ପୁନର୍ବାର ଏହି ବସକୁ ଦେଇଥିଲା। ଘଟଣାସ୍ଥଳରେ ୧୮ ରୁ ଅଧିକ ତୀର୍ଥଯାତ୍ରୀ ଆହତ ହୋଇଥିବା ଜଣାପଡ଼ିଛି। ଆହତଙ୍କ ମଧ୍ୟରୁ ତିନି ଶିଶୁ ଗୁରୁତର ଥିବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଉତ୍ତ୍ୟକ୍ତ ଜନତା କୋଲିମାଟି ଛକ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଘସିପୁରା ପୋଲିସ ତଦନ୍ତ ଚଳାଇଛି। ଉତ୍ତେଜନା ଓ ଟ୍ରାଫିକ୍‌କୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ରାସ୍ତା ଅବରୋଧକାରୀଙ୍କୁ ବୁଝାସୁଝା ଜାରି ରହିଛି। ଖବର ପାଇ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ତହସିଲଦାର ପଲ୍ଲବୀ ପ୍ରିୟଦର୍ଶିନୀ, ଯୁବନେତା ଦେବପ୍ରିୟ ପାତ୍ର, ମେଡିକାଲ ସୁପାରିଟେଣ୍ଟ କୃଷ୍ଣଚନ୍ଦ୍ର ଦାଶ ବ୍ଲକ ଉପାଧ୍ୟକ୍ଷ ପଞ୍ଚାନନ ବେହେରା, ବିଜେପି ନେତା ଶମ୍ଭୁନାଥ ରାଉତ ଆନନ୍ଦପୁର ଡାକ୍ତରଖାନାରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଛନ୍ତି। ଆଶୁ ଚିକିତ୍ସା ବ୍ୟବସ୍ଥା ଅନୁଧ୍ୟାନ କରିବା ପରେ ଗୁରୁତରଙ୍କୁ ସ୍ଥାନାନ୍ତର ଏବଂ ପ୍ରାଥମିକ ଚିକିତ୍ସା ପରେ ଅନ୍ୟମାନଙ୍କୁ ନିଜ ଘର ପୁରୀ ଅଞ୍ଚଳକୁ ପଠାଇବା ପାଇଁ ବ୍ୟବସ୍ଥା କରାଇଥିବା ଜଣାପଡ଼ିଛି।

## ଧର୍ମ ପରିବର୍ତ୍ତନ ପାଇଁ କାନ୍ଧ ଦେଲେନି ସାହିଭାଇ

### ୩୬ ଘଣ୍ଟା ପଡ଼ି ରହିଲା ଶବ



ତୁରୁମୁଙ୍ଗା, ୧୮।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବାଇଦବଜା ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ନିଜ ଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିଥିବାରୁ ମୃତ୍ୟୁ ପରେ ଘରେ ୩୬ ଘଣ୍ଟା ଧରି ପଡ଼ି ରହିଥିଲା ଶବ। ଶବକୁ ୪ କାନ୍ଧ ନମିଳିବା ସହ ଗାଁ ମଶାଣିରେ ମୃତଦେହକୁ ସତ୍କାର ପାଇଁ ଅନୁମତି ଦେଲେନାହିଁ ପଡ଼ୋଶୀ କି ସାହି ଭାଇ। ଶେଷରେ ୩୬ ଘଣ୍ଟା ପରେ ମାଜିଷ୍ଟ୍ରେଟଙ୍କ ହସ୍ତକ୍ଷେପ ପରେ ପୁଲିସ ଉପସ୍ଥିତିରେ ଶବକୁ ସତ୍କାର କରଯାଇଛି। ଘଟଣା ସାରା ପାଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଗ୍ରାମର ଅବିବାହିତ ୪୨ ବର୍ଷୀୟ ମକୁର ମୁଣ୍ଡା କିଛିଦିନ ହେବ ରୋଗରେ ପୀଡ଼ିତ ଥିଲେ। ଗତ ମଙ୍ଗଳବାର ରାତିରେ ତାଙ୍କ ମୃତ୍ୟୁ ପରେ ପଡ଼ୋଶୀ ସାହି ଭାଇ ନିଜ ଜାଗାରେ ଶବ ସତ୍କାର କରିବା ଦେଇ ନଥିଲେ। ଫଳରେ ମଙ୍ଗଳବାର ରାତିଠାରୁ ଗୁରୁବାର ସକାଳ ପର୍ଯ୍ୟନ୍ତ ୩୨ ଘଣ୍ଟା ଧରି ମୃତଦେହ ଘରେ ପଡ଼ିରହିଥିଲା। ଖବର ପାଇ ବୁଧବାର ରାତିରେ ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ, ଘଟଗାଁ ଏସଡିପିଓ ବିଜୟକୃଷ୍ଣ ମହାପାତ୍ର, ଘଟଗାଁ ଥାନାଧିକାରୀ ଶୁଭ୍ରାନ୍ତ ଜେନା ଲୋକଙ୍କୁ ବୁଝାସୁଝା କରିବା ପରେ ଗୁରୁବାର ସକାଳ ୯ଟାରେ ପୁଲିସ ଉପସ୍ଥିତିରେ ଘରଠାରୁ କିଛି ଦୂରରେ ମୃତ ମକୁର ମୁଣ୍ଡାଙ୍କ ଶବ ସତ୍କାର କରାଯାଇଛି। ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିବା ବେଳେ ଶାନ୍ତିଶୃଙ୍ଖଳା ପାଇଁ ଗ୍ରାମରେ ପୁଲିସ ମୁତୟନ ହୋଇଛନ୍ତି।

## ଉଠା ଜଳସେଚନ ପ୍ରକଳ୍ପ ପରିଦର୍ଶନ କଲେ ମୁଖ୍ୟଯନ୍ତ୍ରୀ



ଚମ୍ପୁଆ, ୧୮।୧୨(ସମିସ): ରାଜ୍ୟ ଜଳସଂପଦ ବିଭାଗର ମୁଖ୍ୟଯନ୍ତ୍ରୀ ତଥା ଜଳପ୍ରଭାରୀ ଅବିନାଷ ରାହୁଳ କେନ୍ଦୁଝର ଗସ୍ତକ୍ରମରେ ଆଜି ଚମ୍ପୁଆ ବ୍ଲକ୍ ଇଚିଣ୍ଡା ଗ୍ରାମରେ ଉଠା ଜଳସେଚନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଏହି ଅବସରରେ ପ୍ରକଳ୍ପର ସମୀକ୍ଷା କରିବା ସହିତ ଉପକୃତ ହେଉଥିବା ଚାଷୀଙ୍କ ସହ ଆଲୋଚନା କରି ବିଭିନ୍ନ ପ୍ରକାର ଚାଷ ବୁଲି ଦେଖିଛନ୍ତି। ଶ୍ରୀ ରାହୁଳ ଅପରାହ୍ନରେ ଇଚିଣ୍ଡାଠାରେ ପହଞ୍ଚି ଉକ୍ତ ଅଞ୍ଚ୍ଳର ସଫଳ ଚାଷୀ ପ୍ରମୋଦ ମହାନ୍ତଙ୍କ ଚାଷଜମି ବୁଲି ଦେଖବା ସହ ଚାଷର ପ୍ରଣାଳୀ, ଅମଳ,ବିକ୍ରି ଆଦି ଉପରେ ଆଲୋଚନା କରି ଖୁସି ପ୍ରକଟ କରିଥିଲେ। ଚାଷୀ ଶ୍ରୀ ମହାନ୍ତ ଅନ୍ୟ ଏକ ପ୍ଲଟ ପାଇଁ ନୂତନ ବୋରୱେଲ ପ୍ରଦାନ ପାଇଁ ଅନୁରୋଧ କରିଥିବା ବେଳେ ସମସ୍ୟା ସମାଧାନ କରାଯିବ ବୋଲି ସୂଚନା ଦେଇଥିଲେ। ଗୋଟିଏ ପ୍ରକଳ୍ପ ଦ୍ୱାରା ଅଧିକ ଜମି ଚାଷ କିପରି ହେଉଛି ସେନେଇ ଶ୍ରୀ ରାହୁଳ ପ୍ରଶ୍ନ କରିବାରୁ ଚାଷୀ ବୁନ୍ଦା ଜଳସେଚନ ଦ୍ୱାରା ଚାଷ କରାଯାଏ ବୋଲି ସୂଚନା ଦେଇଥିଲେ। ଏହି ପରିଦର୍ଶନ ସମୟରେ ନିର୍ବାହୀଯନ୍ତ୍ରୀ କେନ୍ଦୁଝର ନିମାଇ ଚରଣ ବେହେରା, ସହକାରୀ ଯନ୍ତ୍ରୀ ବୁଧୁରାଇ ସାଙ୍ଗେ ସାମଦ ପ୍ରମୁଖ ଉପସ୍ଥିତ ଥିଲେ।

## ଆନନ୍ଦପୁର ବନଖଣ୍ଡ ପକ୍ଷରୁ ପ୍ରଶିକ୍ଷଣ ଶିବିର



ଆନନ୍ଦପୁର, ୧୮।୧୨ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବନଖଣ୍ଡ ପକ୍ଷରୁ ବନଖଣ୍ଡ ସଭାଗୃହଠାରେ ସାପ ଧରିବା ଓ ସୁରକ୍ଷିତ ଭାବେ ସାପକୁ ଜଙ୍ଗଲରେ ଛାଡ଼ିବା ନିମନ୍ତେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବନାଧିକାରୀ ପ୍ରଶାନ୍ତ କୁମାର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଆନନ୍ଦପୁର, ହଦଗର, ଦେଓଗାଁ, ବ୍ରାହ୍ମଣୀପାଳ, ଚାରିଟି ରେଞ୍ଜର ଅଫିସର, ଫରେଷ୍ଟର, ଫରେଷ୍ଟଗାର୍ଡ ପ୍ରମୁଖ ଯୋଗ ଦେଇଥିଲେ। ଭୁବନେଶ୍ୱର ଦକ୍ଷ ପ୍ରଶିକ୍ଷକ ଶୁଭେନ୍ଦୁ ମଲ୍ଲିକ ଓ ଦୁଇ ଜଣ ସହ ପ୍ରଶିକ୍ଷକ ସାପ ଧରିବା ଓ ସୁରକ୍ଷିତ ଭାବେ ସାପକୁ ଜଙ୍ଗଲରେ ଛାଡ଼ିବା ସମୟରେ ସାପ କିପରି ସୁରକ୍ଷିତ ଭାବେ ବଞ୍ଚିପାରିବ ଏବଂ ସାପକୁ ଧରିବା ସମୟରେ ପୋଷାକ ଏବଂ ଜୋତା ବ୍ୟବହାର ସମ୍ବନ୍ଧୀୟ ତାଲିମ ପ୍ରଦାନ କରିଥିଲେ। ସାପକୁ ନେଇ ଲୋକଙ୍କୁ ଭୟଭୀତ କରୁଥିବା ବ୍ୟକ୍ତି ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଏବଂ ଜଙ୍ଗଲ ଆଇନ ଅନୁଯାୟୀ, ସାପକୁ ନେଇ ନୂତନ ଆଇନ ପ୍ରଣୟନ କରାଯାଇଥିବା ସମ୍ପର୍କିତ ସୂଚନା ଦିଆଯାଇଥିଲା। ଏହି ପ୍ରଶିକ୍ଷଣକୁ ସଫଳ କରିବା ପାଇଁ ସହକାରୀ ବନାଧିକାରୀ ଅଶୋକ କୁମାର ବିଶ୍ୱାଳ, ପ୍ରବୀର କୁମାର ମୁର୍ମୁଙ୍କ ସମେତ ଆନନ୍ଦପୁର ରେଞ୍ଜ ଅଫିସର ନବକିଶୋର ନାୟକ ଦେଓଗାଁ ରେଞ୍ଜ ଅଫିସର ଏବଂ ସହକାରୀ ବନାଧିକାରୀ ଉମାକାନ୍ତ ଦାସ ହଦଗର ରେଞ୍ଜ ଅଫିସର ମାର୍ଶାଲ କିସ୍କୁ ବ୍ରାହ୍ମଣୀପାଳ ରେଞ୍ଜ ଅଫିସର ବ୍ରହ୍ମାନନ୍ଦ ବେହେରାଙ୍କ ସମେତ ବନଖଣ୍ଡର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଗ୍ରାମ୍ୟ ଜଙ୍ଗଲରୁ କାଠ ଜବତ



ତୁରୁମୁଙ୍ଗା, ୧୮।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ମଲିପୋଷି ବିଟ ଅନ୍ତର୍ଗତ ଚିନମାଳିପଶି ପଞ୍ଚାୟତର ଚିନାମାଳିପଶି ଗ୍ରାମ୍ୟ ଜଙ୍ଗଲରୁ ଗୁରୁବାର ୨୦ଟି ଆକାଶିଆ ଗଣ୍ଡିକୁ ବନ ବିଭାଗ ଜବତ କରି ରେଞ୍ଜ କାର୍ଯ୍ୟାଳୟକୁ ଆଣିଛି। ଜବତ କାଠର ଆନୁମାନିକ ମୂଲ୍ୟ ପଚାଶ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପାଟଣା ବନପାଳ ନିରଞ୍ଜନ ସେଠୀ କହିଛନ୍ତି। ଏହି ଚଢ଼ଉରେ ବନପାଳ ଶ୍ରୀ ସେଠୀଙ୍କ ସହ ବନପାଳ ନଗେନ୍ଦ୍ର ଜେନା, ବନରକ୍ଷୀ ହୃଦାନନ୍ଦ ମହାନ୍ତି, ବନରକ୍ଷୀ ଦୀପକ ସ୍ୱାଇଁ ଏବଂ ପାରା ଷ୍ଟାଫ ସଞ୍ଜୟ ମହାନ୍ତ ଓ ସ୍କ୍ୱାଡ୍ ସାମିଲ ହୋଇଥିଲେ।

## କୁଶଳେଶ୍ୱର ହାଇସ୍କୁଲ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ଆନନ୍ଦପୁର, ୧୮।୧୨ (ସମିସ): ଦେଓଗାଁଠାରେ ଥିବା କୁଶଳେଶ୍ୱର ସରକାରୀ ବାଳକ ହାଇସ୍କୁଲର ନୂତନ ପ୍ରଧାନଶିକ୍ଷକ ଭାବେ ଯୋଗଦାନକରିଥିବା ପ୍ରକାଶ କୁମାର ପଣ୍ଡାଙ୍କୁ ବିଦ୍ୟାଳୟର ପ୍ଲାଟିନମ ଜୁବିଲି କମିଟିର ସଭାପତି ହାଡିବନ୍ଧୁ ପଟ୍ଟନାୟକ ସେକ୍ରେଟେରୀ ଅମ୍ବିକା ପ୍ରସାଦ ଦାଶ, କୋଷାଧ୍ୟକ୍ଷ ବସନ୍ତ କୁମାର ପଣ୍ଡାଙ୍କ ସମେତ ମୋ ସ୍କୁଲ ଅଭିଯାନର ସଭାପତି ମୁରଲୀଧର ରାଉତ, ଶ୍ରୀକାନ୍ତ ବାରିକ, ଦେଓଗାଁ ସରପଞ୍ଚ ସତ୍ୟରଞ୍ଜନ ଭୂୟାଁ, ପୁରାତନ ଛାତ୍ର ନେତା ରାଧାଶ୍ୟାମ ରଣା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଆଗାମୀ ଦିନରେ ବିଦ୍ୟାଳୟର ପାଳନ ହେବାକୁ ଯାଉଥିବା ପ୍ଲାଟିନମ ଜୁବିଲି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସମସ୍ତ ପ୍ରକାର ସହଯୋଗ କରିବା ନିମନ୍ତେ ପ୍ଲାଟିନମ ଜୁବିଲି କମିଟିର ସଦସ୍ୟମାନେ ଅନୁରୋଧ କରିଛନ୍ତି।

## କନକ ମଞ୍ଜରୀ ବାଲ୍ ଶିକ୍ଷାସଂସ୍ଥାନର ବାର୍ଷିକ କ୍ରୀଡ଼ା



ଆନନ୍ଦପୁର, ୧୮।୧୨(ସମିସ): ଆନନ୍ଦପୁରର ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନ କନକ ମଞ୍ଜରୀ ବାଲ ଶିକ୍ଷା ସଂସ୍ଥାନର ୩୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ମନମୋହନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଦ୍ୟାଳୟର ନିର୍ଦ୍ଦେଶକ ଶ୍ରୀଧର ମହାରଣା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସତ୍ୟଜିତ ସାହୁ ଏବଂ ଶ୍ରୀଲୋଚନ ପୁହାଣଙ୍କ ତତ୍ତ୍ୱାବଧାନରେ ଶୈଳଙ୍ଗସ୍ଥିତ ଶନିମନ୍ଦିରରୁ କ୍ରୀଡ଼ା ମଶାଲ ଶୋଭାଯାତ୍ରାରେ ଅଣାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହଂସଚାଲି, ବେଙ୍ଗ ଡିଆଁ ପରି ବିଭିନ୍ନ ପ୍ରକାରର ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଖେଳ ତିନିଦିନ ଧରି ଚାଲିବ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉପ ପ୍ରଧାନଆଚାର୍ଯ୍ୟ ସଂଗ୍ରାମ କେଶରୀ ପରିଡ଼ା, ଆଚାର୍ଯ୍ୟ ରବିନ୍ଦ୍ର କୁମାର ସାହୁ, ନଟବର ସାହୁ, କାଳନ୍ଦୀ ମହାରଣା, ଚିତ୍ରସେନ ସାହୁ, ଆଚାର୍ଯ୍ୟା ରୋନାଲୀ ଜେନା, ଜ୍ୟୋତ୍ସ୍ନାମୟୀ ନାଏକ, ରଶ୍ମିତା ସିଂ, ସ୍ନିଗ୍ଧା ସରିତା ମହାରଣା, ସନ୍ଧ୍ୟାରାଣୀ ପଟ୍ଟନାୟକ, ଶ୍ରୀୟାଶ୍ରୀ ମହାରଣା, ପଦ୍ମିନୀ ରାଉତ, ଶଙ୍କର୍ଷଣ ରାଉତ ଏବଂ ସେବିକା ଶାନ୍ତି ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ମରେଇଗାଁ ଓ ସଢ଼ା ପାକ୍ସ ପରିଦର୍ଶନ କଲେ ଜିଲ୍ଲାପାଳ



ହାଟଡ଼ିହୀ,୧୮।୧୨(ସମିସ): ହାଟଡ଼ିହୀ ବ୍ଲକ୍ ମରେଇଗାଁ ସମବାୟ ସମିତି (ପାକ୍ସ)କୁ ଜିଲ୍ଲାପାଳ ବିଶାଲ ସିଂ ପରିଦର୍ଶନ କରି ଗୋଦାମ ଗୃହ ଓ ଧାନ କିଣା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ଆଗାମୀ ଦିନରେ ଧାନ କିଣାଯିବାକୁ ଥିବାବେଳେ ଏନେଇ ଗ୍ରହଣ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ ସମ୍ପାଦକ ଶରତ ସେଠୀଙ୍କୁ ପଚାରି ବୁଝିଥିଲେ। ଏହି ସମୟରେ ବହୁ ଚାଷୀ, ସମିତିର ସଭାପତି ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଜିଲ୍ଲାପାଳ ଶ୍ରୀ ସିଂ ସଢ଼ା ସମବାୟ ସମିତି କାର୍ଯ୍ୟାଳୟକୁ ଯାଇ ଗୋଦାମ ଗୃହ, ମଣ୍ଡିରେ ଚାଷୀଙ୍କ ପାଇଁ ସୁବିଧା ସୁଯୋଗର ତଦାରଖ କରିଥିଲେ। ଜିଲ୍ଲାପାଳଙ୍କ ସହ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ମୋହନ ସାହୁ ଓ ହାଟଡ଼ିହୀ ତହସିଲଦାର ଶିବବ୍ରତ ତ୍ରିପାଠୀ, ସମିତିର ସଭାପତି ଅଲେଖ ମଲ୍ଲିକ, ସମ୍ପାଦକ ରଞ୍ଜିତା ଜେନା ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ସତ୍ୟନାରାୟଣ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା




ଆନନ୍ଦପୁର, ୧୮।୧୨ (ସମିସ): ଆନନ୍ଦପୁର ପୌରାଞ୍ଚଳର ପଦ୍ମପୁର ସତ୍ୟନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ନିରଞ୍ଜନ ସାହୁ, ସମ୍ମାନିତ ଅତିଥି ସିଆରସିସି ରବିନାରାୟଣ ପଣ୍ଡା, ଯୁବ ସମାଜସେବୀ ଅକ୍ଷୟ ସାମଲ ଓ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହଂସଚାଲି, ବେଙ୍ଗଡିଆଁ, ଆଳୁ ଚାମଚ ଦୌଡ଼ ଓ ଦଉଡ଼ି ଡିଆଁ ପରି ବିଭିନ୍ନ ପ୍ରକାରର ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ତେଲକୋଇ ବଜାରରେ ଲକ୍ଷ୍ମୀନାରାୟଣ ପୂଜା



ତେଲକୋଇ, ୧୮।୧୨(ସମିସ): ତେଲକୋଇ ବଜାର ମଧ୍ୟରେ ଥିବା ରାଧାମୋହନ ମଣ୍ଡପରେ ତେଲକୋଇ ବଣିକ ସଂଘ ପକ୍ଷରୁ ଲକ୍ଷ୍ମୀନାରାୟଣ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ପୂଜା ମଙ୍ଗଳବାରଠାରୁ ଆରମ୍ଭ ହୋଇ ଶନିବାର ଭସାଣି ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଥିବା ବଣିକ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ମନୋରଞ୍ଜନ ପାଇଁ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଗୁରୁବାର ପ୍ରସାଦ ସେବନର କାର୍ଯ୍ୟକ୍ରମ ରହିଛି। ପ୍ରଭୁ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟ ମୂର୍ତ୍ତି ଦର୍ଶନ କରିବାକୁ ଭକ୍ତଙ୍କ ଭିଡ଼ ଲାଗିରହିଛି। ବଣିକ ସଂଘ ସଭାପତି କୌନୂଜ ବିଶ୍ୱାଳ, ସମ୍ପାଦକ ପ୍ରଭାତ କୁମାର ସାହୁ, କୋଷାଧ୍ୟକ୍ଷ ସତ୍ୟାନନ୍ଦ ବିଶ୍ୱାଳଙ୍କ ସମେତ ସମସ୍ତ କାର୍ଯ୍ୟକାରୀ ସଦସ୍ୟ ଓ ସଂଘର ସମସ୍ତ ସଦସ୍ୟ ପୂଜା କାର୍ଯ୍ୟରେ ସହଯୋଗ କରୁଛନ୍ତି।

## କଂଗ୍ରେସ ପକ୍ଷରୁ ନ୍ୟାସ୍‌ନାଲ ହେରାଲ୍‌ଡ ମାମଲାରେ ଧାରଣା




କେନ୍ଦୁଝର, ୧୮।୧୨(ସମିସ): କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ବିରୋଧରେ ବିଗତ ୧୦ ବର୍ଷ ଧରି ବିଭିନ୍ନ ଉପାୟରେ ବିଜେପି ସରକାର ବିଭିନ୍ନ ମାମଲା କରିଥିବା ବେଳେ ଦିଲ୍ଲୀ ହାଇକୋର୍ଟ ନ୍ୟାସନାଲ ହେରାଲଡ ମାମଲାକୁ ନେଇ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କ୍ଷମା ପ୍ରାର୍ଥନା ମାଗିବାକୁ କଂଗ୍ରେସ କର୍ମୀ ଦାବି କରିଛି। କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ସହ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ସାଂସଦ ଯଶବନ୍ତ ସିଂ ଲାଗୁରି, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ଘସିପୁରା ପୂର୍ବତନ ବିଧାୟକ ପ୍ରାର୍ଥୀ ସୁବ୍ରତ କୁମାର ଚକ୍ର, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ଦାସ, ସଦର ବ୍ଲକ କଂଗ୍ରେସ ସଭାପତି ଉତ୍ତମ କୁମାର ସାହୁ, କଂଗ୍ରେସ ନେତା ଲଳିତ ମୋହନ ନାୟକ, ଗୋବିନ୍ଦ ମହାନ୍ତ, ଆର୍ତ୍ତତ୍ରାଣ ଦାସ, ରଘୁନାଥ ପାତ୍ର, କ୍ଷତିଶ ପାତ୍ର, ସୁଜଳ ସେଠି, ଦିନେଶ ରାଉତ, ଲିନୁ ସିଂହ, ନିର୍ମଳ ନାଏକ, ମହିଳା ନେତ୍ରୀ ପ୍ରତିଭା ମଞ୍ଜରୀ ନାଏକ, ସବିତା ସାହୁ, ସୋନାଲି ମାର୍ଣ୍ଡି ପ୍ରମୁଖ ଯୋଗ ଦେଇଥିଲେ।

## ଠିକଣା ସମୟରେ ମିଳୁନି ମଧ୍ୟାହ୍ନ ଭୋଜନ ପାରିଶ୍ରମିକ

### ସ୍ୱୟଂ ସହାୟକ ଗୋଷ୍ଠୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ବାଲିବନ୍ଧ,୧୮।୧୨(ସମିସ): ସଂପ୍ରତି ସରକାର ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଉଛନ୍ତି। ସରକାର ପିଲାଙ୍କ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ବିଶେଷ ଅଗ୍ରାଧିକାର ପ୍ରଦାନ କରିଛନ୍ତି। ଯେଉଁ ବିଦ୍ୟାଳୟରେ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରୁଛନ୍ତି ସେହି ବିଦ୍ୟାଳୟର ପ୍ରଧାନଶିକ୍ଷକ/ ଶିକ୍ଷୟିତ୍ରୀ ଦାୟିତ୍ୱ ତୁଲାଉଥିବା ପଦାଧିକାରୀଙ୍କୁ ନାନାପ୍ରକାର ହଇରାଣ କରୁଥିବା ପରି ଗୁରୁତର ଅଭିଯୋଗ ସାମ୍ନାକୁ ଆସୁଛି। ଝୁମ୍ପୁରା ବ୍ଲକ ନାରଦପୁରଠାରେ ରହିଥିବା ପିଏମଶ୍ରୀ ଉଚ୍ଚବିଦ୍ୟାଳୟରେ ୨୦୨୨ ଏପ୍ରିଲରୁ ମା' ଦାରିଦ୍ର୍ୟଭଞ୍ଜନ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରି ପିଲାଙ୍କୁ ପ୍ରଦାନ କରିଛନ୍ତି। ବିଦ୍ୟାଳୟରେ କେତେ ପିଲା ଶିକ୍ଷା ଗ୍ରହଣ କରୁଛନ୍ତି, କେଉଁ ଦିନ କେତେ ପିଲା ଆସୁଛନ୍ତି ତାର ତଥ୍ୟ ପ୍ରଦାନ ନକରି ମନ ଇଚ୍ଛା ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଇ ନେଉଛନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ତାଙ୍କର ପ୍ରାପ୍ୟ ଦାବି କଲା ବେଳେ ଦାୟିତ୍ୱରେ ରହିଥିବା ଶିକ୍ଷକଶିକ୍ଷୟିତ୍ରୀମାନେ ପ୍ରାପ୍ୟ ପ୍ରଦାନ କରିବାରେ କାଣ୍ଟଛାଣ୍ଟ କରୁଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ ପାରିଶ୍ରମିକ ପ୍ରଦାନରେ ଅବହେଳା କରିବାରୁ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସାକ୍ଷାତ କରି ଅଭିଯୋଗ ଜଣାଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ତୁରନ୍ତ ମଧ୍ୟାହ୍ନ ଭୋଜନ ଟଙ୍କା ପ୍ରଦାନ କରିବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୋଷ୍ଠୀର ସଦସ୍ୟମାନେ ତାଙ୍କର ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ପାରିଶ୍ରମିକ ପାଇଥିଲେ। ପୁଣିଥରେ ବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କର ପ୍ରାପ୍ୟ ପ୍ରଦାନ କରୁ ନାହାନ୍ତି। ଗୋଷ୍ଠୀର ସଦସ୍ୟାମାନେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ପାରିଶ୍ରମିକ ମାଗିବାରୁ ଡିସେମ୍ବର ୧୩ ତାରିଖ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରୀତି ବର୍ମା ଅସମ୍ମାନ କରିଥିଲେ। ମଧ୍ୟାହ୍ନ ଭୋଜନ ପାରିଶ୍ରମିକ ପ୍ରଦାନ କରିବା ପାଇଁ ମନା କରିଦେଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟାହ୍ନ ଭୋଜନ ପ୍ରାପ୍ୟ ପାଇଁ ଶେଷରେ ୧୫ ତାରିଖ ଝୁମ୍ପୁରାଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଅଭିଯୋଗ ପାଇବା ପରେ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଜାନକୀ ବାରିକ ଏବଂ ସମ୍ପାଦକ ସୁମିତ୍ରା ନାଏକଙ୍କୁ ଆଶ୍ୱାସନା ଦେବା ସହ ସପ୍ତାହକ ମଧ୍ୟରେ ସେମାନଙ୍କ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ପାରିଶ୍ରମିକ ପ୍ରଦାନ କରିବା ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ଉକ୍ତ ବିଦ୍ୟାଳୟକୁ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନ ପ୍ରଦାନରେ ଯେପରି ବାଧା ସୃଷ୍ଟି ନହେବ ତାହା ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ଦେଇଥିବା ନିର୍ଦ୍ଦେଶକୁ ଜିଲ୍ଲା ଶିକ୍ଷାଧିକାରୀ କେବେ କାର୍ଯ୍ୟକାରୀ କରୁଛନ୍ତି ତାକୁ ଉକ୍ତ ମହିଳାମାନେ ଅପେକ୍ଷା କରିଛନ୍ତି।

## ୪୦ ଫୁଟ୍ ତଳକୁ ଖସିଲା ବୋଲେରୋ; ୩ ଗୁରୁତର



ରାସଗୋବିନ୍ଦପୁର,୧୮ ।୧୨(ସମିସ): ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ନଳଗଜା ପଞ୍ଚାୟତର କୁଶୁଡିହା ଗାଁ ପାଖ ସାନନଦୀର ୪୦ ଫୁଟ୍ ତଳକୁ ଖସିଗଲା ବୋଲେରୋ। ଏଥିରେ ୩ ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ବିଳମ୍ବିତ ରାତିରେ ପଡ଼ୋଶୀ ପଶ୍ଚିମବଙ୍ଗର ଗୋପିବଲ୍ଲଭପୁରରୁ ଏକ ବୋଲେରୋରେ ୯ ଜଣ ଯାତ୍ରୀ ଓଡ଼ିଶାର ଝାଟିଅଡ଼ା ଗ୍ରାମର ଏକ ବାହାଘରରେ ଯୋଗଦେବାକୁ ଆସୁଥିବାବେଳେ ନଳଗଜା ପଞ୍ଚାୟତର କୁଶଡିହା ଗାଁ ପାଖ ନଦୀ ପୋଲରୁ ୪୦ ଫୁଟ୍ ତଳକୁ ଖସି ପଡ଼ିଥିଲା। ତେବେ ସ୍ଥାନୀୟ ଲୋକମାନେ ଶବ୍ଦ ଶୁଣି ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ପ୍ରଥମେ ରାସଗୋବିନ୍ଦପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ସେଥିମଧ୍ୟରୁ ସତ୍ୟବାନ ବାବୁଲି, ରସନ ଦାସ, କ୍ରିଷ୍ଣା ବାଗ ଅତି ଗୁରୁତର ଥିବାବେଳେ ଅନ୍ୟମାନେ ଆହତ ହୋଇଥିବା ଜଣାପଡ଼ିଛି। ତେବେ ଡ୍ରାଇଭର ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବା ଜାଣିପାରି ପୂର୍ବରୁ ଡେଇଁ ପଡ଼ିଥିବା ସ୍ଥାନୀୟ ଲୋକମାନେ ପ୍ରକାଶ କରିଛନ୍ତି। ଘଟଣାସ୍ଥଳରେ ରାସଗୋବିନ୍ଦପୁର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଚୋରି ମୋବାଇଲ୍ ସହାୟତାରେ ଆକାଉଣ୍ଟରୁ ଟଙ୍କା ଗାଏବ

ରାଇରଙ୍ଗପୁର,୧୮ ।୧୨(ସମିସ): ଚୋରି ହୋଇଥିବା ମୋବାଇଲ୍ ଜରିଆରେ ବ୍ୟାଙ୍କ ଆକାଉଣ୍ଟରୁ ୬୨ ହଜାର ୧୯୭ ଟଙ୍କା ଗାଏବ ହୋଇଛି। ଏନେଇ ୱାର୍ଡ ନମ୍ବର ୧୩, ବନସାହିର ଯଦୁନାଥ ମାର୍ଣ୍ଡି ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ରାଇରଙ୍ଗପୁର ସାପ୍ତାହିକ ହାଟକୁ ଯାଇଥିବାବେଳେ ତାଙ୍କର ମୋବାଇଲ୍ ଚୋରି ହୋଇଥିବା ନେଇ ଥାନାରେ ପୂର୍ବରୁ ଅଭିଯୋଗ କରିଥିଲେ। ମୋବାଇଲ ସିମ୍‌ଗୁଡ଼ିକ ବ୍ଲକ୍ କରିବାକୁ ମଧ୍ୟ ଆବେଦନ କରିଥିଲେ। ଏହାପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୟୁପିଆଇ ଜରିଆରେ ଟଙ୍କା ଉଠାଣ ନେଇ ଜାଣିବାକୁ ପାଇଥିଲେ। ତାଙ୍କର ଦୁଇଟି ବ୍ୟାଙ୍କ ଆକାଉଣ୍ଟରୁ ବିଭିନ୍ନ ସ୍ଥାନରେ ୟୁପିଆଇ ଜରିଆରେ ୬୨ ହଜାର ୧୯୭ ଟଙ୍କା ପ୍ରଦାନ ହୋଇଥିବାର ତାଙ୍କୁ ମେସେଜ ଆସିଥିଲା। ଏନେଇ ଥାନାରେ ଅଭିଯୋଗ କରିବା ପରେ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛନ୍ତି।

## ତାଲା ଭାଙ୍ଗି ଘରୁ ଅଳଙ୍କାର ଓ ଟଙ୍କା ଚୋରି

ବାରିପଦା,୧୮ ।୧୨(ସମିସ): ଭଞ୍ଜପୁର ଥାନା ଅନ୍ତର୍ଗତ ବୁଢ଼ୀଖମାରି ଅଞ୍ଚଳରେ ତାଲା ବନ୍ଦ ଘରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଛି। ଏନେଇ ବୁଢ଼ୀଖମାରି ଅଞ୍ଚଳର ପ୍ରଦୀପ କୁମାର ତୁଲି ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି। ସେ ପରିବାର ଲୋକଙ୍କ ସହ କଟକ ଯାଇଥିବାବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ତାଙ୍କ ଘର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଆଲମାରୀରେ ଥିବା ୨୦ ହଜାର ଟଙ୍କା, ସୁନା ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଛନ୍ତି। ଚୋରି ଅଳଙ୍କାରର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ପୁଣି ଲଜ୍ଜା: ଦିବ୍ୟାଙ୍ଗଙ୍କୁ ଦୁଷ୍କର୍ମ ଅଭିଯୋଗ

ରାଇରଙ୍ଗପୁର,୧୮ ।୧୨(ସମିସ): ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ପୁଣି ଲଜ୍ଜାଜନକ ଘଟଣା ଘଟିଛି। ଜନୈକା ଦିବ୍ୟାଙ୍ଗ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଛି। ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଅଞ୍ଚଳରେ ୨୧ ବର୍ଷୀୟା ଦିବ୍ୟାଙ୍ଗ ଯୁବତୀ ଦୁଷ୍କର୍ମର ଶିକାର ହୋଇଛନ୍ତି। ଯୁବତୀ ଜଣକ ଶାରୀରିକ ଓ ମାନସିକ ଦିବ୍ୟାଙ୍ଗ ଅଟନ୍ତି। ତାଙ୍କ ପରିବାର ଲୋକେ ସାପ୍ତାହିକ ହାଟକୁ ଯାଇଥିବାବେଳେ ସେ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ସେହି ଗ୍ରାମର ଘନ ପାଲ (୬୨) ଘରେ ପଶି ତାଙ୍କୁ ଦୁଷ୍କର୍ମ କରିଥିବାର ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ଘନ ପାଲକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ଅଧିକ ତଦନ୍ତ ଜାରି ରହିଛି।

## ଗୁଳି ଫୁଟାଇ ୫ ଲକ୍ଷର ସୁନା, ରୁପା ଲୁଟ୍

କପ୍ତିପଦା,୧୮ ।୧୨(ସମିସ): କପ୍ତିପଦା ଥାନା ସୋଲଗଡ଼ିଆ ଛକରେ ଦୁର୍ବୃତ୍ତମାନେ ଦୁଇ ରାଉଣ୍ଡ ଗୁଳି ଫୁଟାଇ ଲୁଟି ନେଇଛନ୍ତି ୫ ଲକ୍ଷ ଟଙ୍କା। ଖବରରୁ ପ୍ରକାଶ, କପ୍ତିପଦା ଥାନାଞ୍ଚଳ ସୋଲଗଡ଼ିଆ ନିକଟରେ ଶାଳଚୁଆ ସାପ୍ତାହିକ ହାଟରୁ ଫେରୁଥିବା ଗହଣା ବ୍ୟବସାୟୀ ହରିଶରଣ (୩୫) ପ୍ରତି ସପ୍ତାହ ଭଳି ଶାଳଚୁଆ ହାଟରୁ ନିଜର କାର୍ ଯୋଗେ ଘରକୁ ଫେରୁଥିଲେ। ତେବେ ଶାଳଚୁଆ ହାଟ ନିକଟରୁ ପ୍ରାୟ ୧ କିଲୋମିଟର ଦୂରରେ ଜଗି ବସିଥିଲେ ଲୁଟେରା। କାର୍‌କୁ ଅଟକାଇ ୨ ରାଉଣ୍ଡ ଫଲ୍ସ ଫାୟାରିଂ କରି ବ୍ୟବସାୟୀଙ୍କୁ ଭୟଭୀତ କରି ଲୁଟିନେଲେ ୫ ଗ୍ରାମ୍ ସୁନା ସହ ୪ କିଲୋ ରୁପା। ଯାହାର ଆନୁମାନିକ ମୂଲ୍ୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ହେବ। ତେବେ ଲୁଟ୍ ପରେ ବ୍ୟବସାୟୀ କପ୍ତିପଦା ଥାନାକୁ ଫୋନ୍ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଖବର ଲେଖାହେବା ସୁଦ୍ଧା କୌଣସି ସୁରାକ୍ ମିଳି ନ ଥିବା ପ୍ରକାଶ କରିଛନ୍ତି କପ୍ତିପଦା ଥାନାଧିକାରିଣୀ ବବିତା ପୁହାଣ।

## ୩ ମିଲ୍‌ରେ ରାଜ୍ୟ ଏନ୍‌ଫୋର୍ସମେଣ୍ଟର ଚଢ଼ଉ

ବାରିପଦା,୧୮ ।୧୨(ସମିସ): ମୟୂରଭଞ୍ଜ ଜିଲ୍ଲାରେ କଷ୍ଟମ୍ ମିଲ୍‌ଡ ରାଇସ୍ (ମୋଟ ଧାନ କିଣାର ୬୦ ପ୍ରତିଶତ ଚାଉଳ) ୩ଟି ମିଲର ଦେଇ ନ ଥିବାରୁ ରାଜ୍ୟ ଏନ୍‌ଫୋର୍ସମେଣ୍ଟ ଟିମ୍ ଚଢ଼ଉ କରିଛି। ନିୟମ ଅନୁଯାୟୀ, ଧାର୍ଯ୍ୟ ସମୟ ମଧ୍ୟରେ ସରକାରଙ୍କୁ ଜିଲ୍ଲାର ପାରୁଲ, ସିଦ୍ଧିବିନାୟକ ଓ ଅମ୍ବିକା ମିଲର ୨୧ ହଜାର କ୍ୱିଣ୍ଟାଲ ଚାଉଳ ଦେବାକୁ ଥିବାବେଳେ ବିଳମ୍ବ ନେଇ ମଙ୍ଗଳବାର ରାଜ୍ୟରୁ ଆସିଥିବା ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଦୁଇ ଜଣିଆ ଦଳ ଜିଲ୍ଲାରେ ଚଢ଼ଉ କରି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଞ୍ଚ ପରେ ଫେରିଛନ୍ତି। ଏନେଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା କହିଛନ୍ତି, ଜିଲ୍ଲାରେ ଖରିଫରେ ୨୪ ଲକ୍ଷ କ୍ୱିଣ୍ଟାଲ ଓ ରବିରେ ୧୩ ଲକ୍ଷ କ୍ୱିଣ୍ଟାଲ ଧାନ କିଣାଯାଉଛି। ୧୪ଟି ମିଲର ଧାନ କିଣିଛନ୍ତି। ସେମାନଙ୍କ ମଧ୍ୟରୁ ୩ଟି ମିଲ୍ ୬୦% କଷ୍ଟମ ମିଲ୍‌ଡ ରାଇସ୍ (ସିଏମ୍‌ଆର୍) ନିର୍ଦ୍ଧାରିତ ସମୟ ଡିସେମ୍ବର ଶେଷ ସୁଦ୍ଧା ଆବଶ୍ୟକ ଚାଉଳ ଦେଇନାହାନ୍ତି। ସେମାନଙ୍କୁ ୩୧ ତାରିଖ ସୁଦ୍ଧା ୨୧ହଜାର କ୍ୱିଣ୍ଟାଲ ଚାଉଳ ଦେବାକୁ କୁହାଯାଇଛି।

# ମୟୂରଭଞ୍ଜ ଜିଲ୍ଲାରେ ହେବ ୭ଟି 'ଆଦର୍ଶ ମଣ୍ଡି'

ବାରିପଦା,୧୮ ।୧୨(ସମିସ)

ଅସଜଡ଼ା ଧାନମାଣ୍ଡିର ଭିତ୍ତିଭୂମି ସଜାଡ଼ିବା ପାଇଁ ଆଦର୍ଶ ମଣ୍ଡି ନିର୍ମାଣ ହେବ। ମୟୂରଭଞ୍ଜ ଜିଲ୍ଲାରେ ସମସ୍ତ ମଣ୍ଡିକୁ ଆଦର୍ଶ ମଣ୍ଡି ଭାବେ ପରିଗଣିତ କରିବାକୁ ଯୋଜନା ଆରମ୍ଭ ହୋଇଛି। ତେବେ ପ୍ରଥମେ ଚଳିତବର୍ଷ ଧାଙ୍ଗିଡ଼ିଶୋଲକୁ ଆଦର୍ଶ ମଣ୍ଡି ଭାବେ ପରିଗଣିତ କରିବାକୁ ଯୋଜନା ରହିଥିବାବେଳେ ବିଭାଗ ନିକଟକୁ ଏନେଇ ପ୍ରସ୍ତାବ ଯାଇଛି। ରାଜ୍ୟରୁ ଏନେଇ ଅନୁମୋଦନ ହେବା ପରେ ସବୁ ଭିତ୍ତିଭୂମି କାର୍ଯ୍ୟ ଆରମ୍ଭ ହେବ। ଏହି ଆଦର୍ଶ ମଣ୍ଡିରେ ଚାଷୀଙ୍କ ପାଇଁ ଧାନ ରଖିବାକୁ ସେଡ୍, ଆଶ୍ରୟସ୍ଥଳ, ସୁରକ୍ଷା ବ୍ୟବସ୍ଥା, ଓଜନ ବ୍ୟବସ୍ଥା, ହାଇସ୍ପିଡ୍ ଇଣ୍ଟରନେଟ୍, ଶୌଚାଳୟ ସହ ସବୁ ବ୍ୟବସ୍ଥା କରିବାକୁ ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ଆସନ୍ତା ଋତୁ ସୁଦ୍ଧା ବାରିପଦା ଉପଖଣ୍ଡର ପୋଡ଼ାଡିଆ, ବୈଶିଙ୍ଗା, ଉଦଳା ଉପକଣ୍ଠର କୁକୁରଡିଆ, ଝିଙ୍କପୋଡ଼ା, କରଞ୍ଜିଆ ଉପଖଣ୍ଡର ରରୁଆଁ ଓ ଠାକୁରମୁଣ୍ଡା ରହିଥିବାବେଳେ ରାଇରଙ୍ଗପୁର ଉପଖଣ୍ଡରେ ଜମି ନେଇ ସମସ୍ୟା ରହିଛି। ସବୁ ତହସିଲ୍‌ରେ ରହିଥିବା ମଣ୍ଡି ପାଇଁ ସରକାରୀ ଜାଗା ଚିହ୍ନଟ କରିବାକୁ ଜିଲ୍ଲାପାଳ ହେମକାନ୍ତ ସୟ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏହି ଆଦର୍ଶ ମଣ୍ଡି ପ୍ରସ୍ତୁତିରେ ଅନ୍ତରାୟ ହୋଇ ଠିଆ ହୋଇଛି ଜମି ବ୍ୟବସ୍ଥା। ଜିଲ୍ଲାରେ ରହିଥିବା ଡିଆର୍‌ସିଏସ୍ ଓ ଆର୍‌ଏମ୍‌ଏସି ନିକଟରେ ସରକାରୀ ଜମି ନ ଥିବାରୁ ଏହା ଅନ୍ତରାୟ ଆଣିବ ବୋଲି ଆଶଙ୍କା



**ପ୍ରଥମେ ଧାଙ୍ଗିଡ଼ିଶୋଳ; ୫ ବର୍ଷରେ ହେବ ସବୁ ମଣ୍ଡି ଆଦର୍ଶ**

କରାଯାଉଛି। ଯଦି ସରକାରୀ ଜମି ମିଳେ ତେବେ ଏହି ମଣ୍ଡି ପାଇଁ ସବୁଦିନିଆ ରାସ୍ତା, ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଆଦି ଆବଶ୍ୟକ ରହିଛି। ତେବେ ଜିଲ୍ଲାରେ ପ୍ରତି ବର୍ଷ ଖରିଫ ଓ ରବି ଋତୁରେ ଧାନ କିଣା ଯାଉଛି। ଖରିଫ ୨୪ ଲକ୍ଷ କ୍ୱିଣ୍ଟାଲ ଓ ରବିରେ ୧୩ ଲକ୍ଷ କ୍ୱିଣ୍ଟାଲ ଧାନ କିଣାଯାଉଥିବାବେଳେ ଏବେଯାଏ ମଣ୍ଡି ପରିଚାଳନା ବାବଦ ଅର୍ଥ ସରକାର ନେଉଛନ୍ତି ସିନା ମଣ୍ଡିରେ ଉନ୍ନତି କରିବାକୁ ଯୋଜନା ହୋଇପାରୁ ନ ଥିଲା। ଏହି ଅର୍ଥକୁ ବିନିଯୋଗ କରିବାକୁ ସରକାରଙ୍କ ପକ୍ଷରୁ ସବୁଜ ସଙ୍କେତ ମିଳିଥିବାରୁ ଏହାକୁ ବିକାଶ କରିବାକୁ ଚାହୁଁଛି ସମବାୟ ବିଭାଗ।

୨୦୨୨-୨୩ ଆର୍ଥିକ ବର୍ଷରେ ମଣ୍ଡି ଭିତ୍ତିଭୂମି ବିକାଶ କରିବାକୁ ପ୍ରତି ମଣ୍ଡିକୁ ୬ ଲକ୍ଷ ଟଙ୍କା (ବଡ଼ ସାନ ମଣ୍ଡିକୁ ନେଇ ଏହି ଅର୍ଥ ବଢ଼ିପାରେ) ବ୍ୟୟବରାଦ ହୋଇଥିଲା। ଏବେଯାଏ ୫୬ଟି ମଣ୍ଡିରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଏଥିରେ ଧାନ ରଖିବାକୁ ପକ୍କା ୟାର୍ଡ, ଚାଷୀ ରେଷ୍ଟ ସେଡ୍, ମିଲର ରେଷ୍ଟ ସେଡ୍, କାର୍ଯ୍ୟାଳୟ, ଗୋଦାମ ଓ ଶୌଚାଳୟ ସହ ୨୪ ଘଣ୍ଟିଆ ପାନୀୟଜଳ, ବିଦ୍ୟୁତ ବ୍ୟବସ୍ଥା କରାଯାଉଥିବାବେଳେ ଏହି ଆଦର୍ଶ ମଣ୍ଡି ସହାୟକ ହେବା ଆଶା କରାଯାଉଛି। ଏନେଇ ଡିଆର୍‌ସିଏସ୍ ଅଶୋକ ପାଣି କହିଛନ୍ତି ଯେ ଆମେ ସବୁ ମଣ୍ଡିର ଭିତ୍ତିଭୂମି ବିକାଶ ପାଇଁ କାମ କରୁଛୁ। ଆସନ୍ତା ଦିନରେ ଅନ୍ୟ ମଣ୍ଡିର ମଧ୍ୟ ବିକାଶ କରାଯିବ। ମଣ୍ଡି ପରିଚାଳନା ଦେୟ ଆସୁଛି ସବୁ ବ୍ୟବହାର ହେଉନାହିଁ, ଏହାକୁ ଆମେ ବିଭିନ୍ନ ବାବଦରେ ଖର୍ଚ୍ଚ କରୁଛୁ। ଏହି କ୍ରମରେ ଆମେ ୪ଟି ଉପଖଣ୍ଡରେ ୭ଟି ମଣ୍ଡିର ବିକାଶ କରୁଛୁ। ଆସନ୍ତା ଦିନରେ ବାକି ମଣ୍ଡିର ବିକାଶ କରାଯିବ ବୋଲି ସେ କହିଛନ୍ତି।

ସୂଚନା ଥାଉକି, ଚଳିତ ମାସ ୨୬ ତାରିଖରୁ ମୟୂରଭଞ୍ଜ ଜିଲ୍ଲାରେ ଖରିଫ ଧାନ କିଣା ହେବ। ଏନେଇ ୧୦୩ ମଣ୍ଡି ଓ ୫୨ଟି ଲାମ୍ପ୍ସରେ ଧାନ କିଣା ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ମଣ୍ଡିରେ ଧାନ କିଣାକୁ ସୁବ୍ୟବସ୍ଥିତ କରାଯାଉଥିବା ବେଳେ ଚାଷୀ ଧାନ ଅମଳରେ କରିବାରେ ନିଜକୁ ବ୍ୟସ୍ତ ରଖିଛି। ଏବେ ଜିଲ୍ଲାରେ ଶତପ୍ରତିଶତ ଧାନ ଅମଳ ଶେଷ ହୋଇଛି। ତେବେ ଧାନ ୨୬ ତାରିଖରୁ କିଣାଯିବାକୁ ଥିବା ବେଳେ ଯେଉଁଠି କିଣାଯିବା ସେଠାରେ ଭିତ୍ତିଭୂମି ଅସଜଡ଼ା ରହିଛି। ଖୋଲା ଆକାଶ ତଳ ଭୂଇଁ, ସ୍କୁଲ ପଡ଼ିଆ ଓ ଆର୍‌ଏମ୍‌ସି ୟାର୍ଡ ଉପରେ ନିର୍ଭର କରୁଛନ୍ତି ହଜାର ହଜାର ଚାଷୀ। ମଣ୍ଡି ପରିଚାଳନା ଖର୍ଚ୍ଚ ବାବଦରେ ପ୍ରତି କ୍ୱିଣ୍ଟାଲ ୧୨ ଟଙ୍କା ୧୯ ପଇସା ସରକାରଙ୍କୁ ଚାଷୀଙ୍କ ମାଧ୍ୟମରେ ପାକ୍ସ/ଲାମ୍ପ୍ସ ଓ ଏସ୍‌ଏଚ୍‌ଜି ପ୍ରଦାନ କରୁଥିବାବେଳେ ଭିତ୍ତିଭୂମିର କିନ୍ତୁ ହୋଇପାରୁନି ଉନ୍ନତି। ଫଳରେ ମଣ୍ଡିରେ ବର୍ଷା ଯୋଗୁଁ ଧାନ ପଡ଼ି ଗଜା ହେବା, ମୂଷା କାଟିବା ଓ ଅନ୍ୟ ପ୍ରକାର ନଷ୍ଟ ପାଇଁ ଚାଷୀ ଦାୟୀ ରହିଥିବାବେଳେ ଏହାକୁ ସଜାଡ଼ିବାକୁ ହୋଇଛି ସୁଚିନ୍ତିତ ବ୍ୟବସ୍ଥା। ଜିଲ୍ଲାରେ ପର୍ଯ୍ୟାୟକ୍ରମେ ୮୩ ହଜାର ୮୨୦ ପଞ୍ଜିକୃତ ଚାଷୀମାନଙ୍କଠାରୁ ୧୦୩ଟି ମଣ୍ଡି ଓ ୫୨ଟି ଲ୍ୟାମ୍ପ୍ସ ମାଧ୍ୟମରେ ୧୩ ଲକ୍ଷ ୮୨ ହଜାର ୧୦୩ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜିଲ୍ଲାରେ ରହିଥିବା ମଣ୍ଡି ଭିତ୍ତିଭୂମିର ବିକାଶ କରିବା ସହ ଚାଷୀଙ୍କର ଯେପରି କିଛି କ୍ଷତି ହେବନି ସେନେଇ ଯୋଜନା ପ୍ରସ୍ତୁତ ହୋଇଛି।

## ଦରମା ନ ମିଳିବାରୁ ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



କେନ୍ଦୁଝର, ୧୮ ।୧୨ (ସମିସ): କେନ୍ଦୁଝରଗଡ଼ ପୌରପାଳିକାର ୱାର୍ଡ ନଂ ୧୫ରୁ ୨୧ ନଂ ପର୍ଯ୍ୟନ୍ତ କାମ କରୁଥିବା ସଫେଇ କର୍ମଚାରୀ ୨ ମାସର ଦରମା ନମିଳିବା ପ୍ରତିବାଦରେ କାର୍ଯ୍ୟବନ୍ଦ କରି ପ୍ରତିବାଦ କରିଛନ୍ତି। ୨ ଦିନ ହେବ ୭ଟି ୱାର୍ଡରେ କୁଢ କୁଢ ଅଳିଆ ଆବର୍ଜନା ପଡ଼ି ରହିଛି। ୭୪ ଜଣ ସଫେଇ କର୍ମଚାରୀ ଫେମସ୍ ସିକ୍ୟୁରିଟି ଲିଃ ଅଧୀନରେ କାମ କରୁଛନ୍ତି। ଠିକାଦାର ସେମାନଙ୍କୁ ୨ ମାସର ଦରମା ଦେଇନଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଠିକାଦାର ସଫେଇ କର୍ମଚାରୀଙ୍କ ଦରମା ବାବଦକୁ ଅର୍ଥ ପୌରପାଳିକାରୁ ପାଇ ନଥିବା ଠିକା ସଂସ୍ଥାର ସୁପରଭାଇଜର ପ୍ରକାଶ କରିଛନ୍ତି। ୨ ମାସ ଧରି ଦରମା ମିଳି ନଥିବାରୁ ବହୁ ଅସୁବିଧାରେ ଥିବା ସଫେଇ କର୍ମଚାରୀମାନେ କହିଛନ୍ତି। ଏପରିକି ପରିବାର ପ୍ରତିପୋଷଣ, ଘରଭଡ଼ା, ଛୁଆଙ୍କ ସ୍କୁଲ ପାଠପଢ଼ା ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଅର୍ଥ ନଥିବାରୁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୌରପାଳିକା ପକ୍ଷରୁ ପ୍ରତିଶ୍ରୁତି ପରେ ମଧ୍ୟ ଗୁରୁବାର ଦରମା ମିଳି ନଥିବାରୁ ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ସୁଡ଼ଙ୍ଗ ଗ୍ରାମରେ ବିଦ୍ୟୁତ୍ ଓ ପାନୀୟଜଳ ଯୋଗାଣ ଦାବି



ବାରିପଦା/ଶରତ,୧୮ ।୧୨(ସମିସ): କପ୍ତିପଦା ବ୍ଲକ୍ ଅନ୍ତର୍ଗତ କଳମଗଡ଼ିଆ ଗ୍ରାମ ପଞ୍ଚାୟତ ଅଧୀନ ଗ୍ରାମରେ ୬୦ ପରିବାର ଆଜି ବି ବିଦ୍ୟୁତ୍ ଓ ପାନୀୟଜଳ ସୁବିଧା ଭଳି ମୌଳିକ ସୁବିଧାରୁ ସମସ୍ତେ ବଞ୍ଚିତ ହୋଇଛନ୍ତି। ଗ୍ରାମରେ ଗୋଟିଏ ହେଲେ ମଧ୍ୟ ନଳକୂଅ ସ୍ଥାପନ ହୋଇପାରି ନ ଥିବାରୁ ସେଠାକାର ଆଦିମ ଅଧିବାସୀମାନେ ଚୁଆ ଏବଂ ଝରଣା ପାଣି ପିଉଥିବା ଖବର 'ସକାଳ'ରେ ୬ ତାରିଖ ଦିନ ଖବର ପ୍ରକାଶିତ ହୋଇଥିଲେ ସୁଦ୍ଧା ସମାଧାନ ଦିଗରେ ପ୍ରଶାସନ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଗୁରୁବାର ଗ୍ରାମବାସୀଙ୍କ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମର ସମସ୍ତ ୬୦ ପରିବାରକୁ ବିଦ୍ୟୁତ୍ ସଂଯୋଗ କରାଯିବା ସହିତ ନଳକୂଅ ସ୍ଥାପନ କରାଯିବା ନିମନ୍ତେ ଗୁରୁବାର ସୁଡ଼ଙ୍ଗ ଗ୍ରାମର ଆଦିବାସୀ ନେତୃବୃନ୍ଦଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ହେମକାନ୍ତ ସୟଙ୍କ ଜରିଆରେ ପ୍ରଦାନ କରିଛନ୍ତି। ଅଭିଯୋଗ ବା ସମସ୍ୟା ସମ୍ପର୍କରେ ଜିଲ୍ଲା ପ୍ରଶାସନ ଅବଗତ କରିବା ପରେ ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ଗ୍ରାମକୁ ବିଦ୍ୟୁତ୍ ସେବା ଏବଂ ପାନୀୟ ଜଳର ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ଗ୍ରାମବାସୀଙ୍କୁ କହିଛନ୍ତି। ଦାବିପତ୍ର ଦେବାବେଳେ ଗ୍ରାମର ଯୁବନେତା ଗାଲୁରାମ ଲାମାଏ, ବୀର ସିଂ ହେମ୍ବ୍ରମ, ସୂରିୟା ହାଁସଦା ଏବଂ ବାବୁଲି ସଏ ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚମ ସନ୍ଧ୍ୟାରେ କପ୍ତିପଦା ଉପଖଣ୍ଡସ୍ତରୀୟ ମହୋତ୍ସବ 'ଧୁମୁସା'



ଉଦଳା,୧୮ ।୧୨(ସମିସ): କପ୍ତିପଦା ଉପଖଣ୍ଡସ୍ତରୀୟ ମହୋତ୍ସବ 'ଧୁମୁସା-୨୦୨୫' ଉଦଳା ଆଦିବାସୀ ସମ୍ବଳ ବିକାଶ କେନ୍ଦ୍ର ମହୋତ୍ସବ ପଡ଼ିଆରେ ପଞ୍ଚମ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଉଦଳା ବିଧାୟକ ଭାସ୍କର ମଢ଼େଇ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମୟୂରଭଞ୍ଜ ଧର୍ମାନନ୍ଦ ବେହେରା, କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ଉଦଳା ବ୍ଲକ୍ ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ, ଉଦଳା ବ୍ଲକ୍ ଉପାଧ୍ୟକ୍ଷ ରଜନୀକାନ୍ତ ଦାସ, ଉଦଳା ବିଜ୍ଞପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟା, ଜୋନ୍-୧ ସୁଶାନ୍ତି ସିଂ, ଜିଲ୍ଲା ପରିଷଦ ସଦସ୍ୟା, ଜୋନ୍-୨ ଲଳିତା ବିଶୋଇ, ଆର୍‌ଡିଏସ୍ ଡିଗ୍ରୀ କଲେଜ, କୁଣ୍ଡାବାଇ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରି ଅତିଥିଭାବେ ଯୋଗଦେଇ ସାଧାରଣ ସଭା ଓ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଉକ୍ତ ମହୋତ୍ସବ ଅନୁଷ୍ଠିତ ହେବ। ଆଜିର ମୁଖ୍ୟ ଆକର୍ଷଣରେ ଥିଲା ଆର୍‌ଏ ଏଣ୍ଟରଟେନ୍‌ମେଣ୍ଟ, କୋଲକାତାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟ ପରିବେଷଣ। ବିଶେଷ ଆକର୍ଷଣରେ ଥିଲା ମିଷ୍ଟର ଉଦଳା ବଡି ବିଲ୍ଡିଂ ଚାମ୍ପିଅନସିପ୍। ଆର୍‌ଡିଏସ୍ ମହାବିଦ୍ୟାଳୟ, କୁଣ୍ଡବାଇ ଏବଂ ଅନ୍ୟ କଳାକାରମାନଙ୍କ ଦ୍ୱାରା ଆଞ୍ଚଳିକ ସାଂସ୍କୃତିକ କାର୍ଯ୍ୟକ୍ରମ ଥିଲା ନିଆରା।

## ଦିନିକିଆ କୃଷି ପ୍ରଶିକ୍ଷଣ କାର୍ଯ୍ୟକ୍ରମ



କୁଳିଅଣା,୧୮ ।୧୨(ସମିସ): କୁଳିଅଣା ବ୍ଲକ୍ ଅନ୍ତର୍ଗତ ସର୍ଗଛଡ଼ା ଗ୍ରାମ ପଞ୍ଚାୟତ ତରଫରୁ କୃଷି ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। କନ୍ଦମୂଳ ଫସଲ ସମ୍ପର୍କରେ ମୂଲ୍ୟ ବୃଦ୍ଧି ସହ ଖାଦ୍ୟ ଫସଲ ସମ୍ପର୍କରେ ଦିନିକିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଆଇସିଏଆର୍ ଏବଂ ଓଡ଼ିଶା ସହଭାଗିତାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଜୈବ ଓ ପୁଷ୍ଟିକର ଗୋବର ଖତରେ କେମିତି ପରିବା ଚାଷ କରାଯିବ। ଏହାସହିତ କନ୍ଦମୂଳ ଫସଲ ଆଧୁନିକ ଚାଷ ପ୍ରଣାଳୀ ପ୍ରୋସେସିଂ ଓ ମୂଲ୍ୟବୃଦ୍ଧି ମାଧ୍ୟମରେ କୃଷକମାନଙ୍କ ଆୟବୃଦ୍ଧି କରିବା। ବୈଜ୍ଞାନିକ କନ୍ଦମୂଳ ଫସଲ ପ୍ରଯୁକ୍ତି ପଦ୍ଧତି ମୂଲ୍ୟ ବୃଦ୍ଧି ସଂଯୋଜିତ ତିଆରି ଓ ବଜାରୀକରଣ ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣରେ ଚାଷ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ଥିଲେ। ପ୍ରଧାନ ବୈଜ୍ଞାନିକ କେ. ଲକ୍ଷ୍ମୀ ନାରାୟଣ, ଫିଲ୍ଡ ଆସିଷ୍ଟାଣ୍ଟ ବିଶ୍ୱରଞ୍ଜନ ସାହୁ ଏବଂ ସହ ନିର୍ଦ୍ଦେଶକ ବାଳକୃଷ୍ଣ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ମୋବିଲାଇଜର ସୁନିଲ କୁମାର ଦାସ, ଅଭିଷେକ ଆଚାର୍ଯ୍ୟ, ତପନ କୁମାର କାତ୍ରା, ସରୋଜ କୁମାର ସାହା, ମୀନାଦେଇ ମାଝୀ, ପ୍ରମୋଦିନୀ ତାଣ୍ଡି ସକ୍ରିୟ ଅଂଶଗ୍ରହଣ କରିଥିଲେ। ପୂର୍ବତନ ସରପଞ୍ଚ ସୁନ୍ଦର ମୋହନ ସିଂ, ଦୀପକ କିସ୍କୁ, ସୁଜିତ୍ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## 'ମାଗେ ଓ ବା' ପର୍ବ ନେଇ ଧାର୍ମିକ ସମ୍ମିଳନୀ



ରାଇରଙ୍ଗପୁର,୧୮ ।୧୨(ସମିସ): ଜାମଦା ବ୍ଲକ୍ ଅନ୍ତର୍ଗତ ହେଁସଡା ଗ୍ରାମ ପଞ୍ଚାୟତର ସୁନାମାରା ଗ୍ରାମରେ ଧାର୍ମିକ ତଥା ସାମାଜିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ହୋ ସମାଜର ଆଦିବାସୀମାନଙ୍କ ଧର୍ମ, ସଂସ୍କୃତି, ପରମ୍ପରା ଦୁପୁବ୍ ଦସ୍ତୁର ରାକାଆକାଲା ଆୟୋଜିତ ହୋଇଛି। ମୁଖ୍ୟ ଅତିଥି ଭାବେ ସୁରେଶ ହେସାଃ, ହେଁସଡା ସରପଞ୍ଚ ବାଲେମଣି ମୁଦୁୟା, ଦୁଶ୍ରୁର ଜେରାଇ, ପଦନା ହେସାଃ, ଜଗନ୍ନାଥ ହାସଦାଃ, ବାଡ଼କୁଆଁର ସିଂକୁ, ସେଲାଇ ପୂର୍ତ୍ତୀ, ତ୍ରିନାଥ ସିଦୁ, ଗୀତା ପୂର୍ତ୍ତୀ, ରିତା ଗୋଇପାଇ, ସୋନିଆ ଜାମୁଦା, ମୋହନଲାଲ ସୋଏ, ଶଙ୍କର ନାଏକ, ଦେବାନନ୍ଦ, ସୁରେଶ ଚନ୍ଦ୍ର ହେସାଃ, ବିନାନନ୍ଦ ସିର୍କା, ଜକସ୍ ବୁଲିଉଲି, ହରିଚରଣ ବୋଦ୍ରା ପ୍ରମୁଖ ଉପସ୍ଥିତ ଥିଲେ। ହୋ ସମାଜର ଶିକ୍ଷା, ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେବା ସହ ଧର୍ମ, ସଂସ୍କୃତି, ପରମ୍ପରା, ଭାଷାକୁ ଉଜ୍ଜୀବିତ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଇତିହାସ ଓ ପରମ୍ପରା ଅନୁଯାୟୀ, ଆଦି ପୁରୁଷ ଆଉ ନାରୀ ମାଗେ ପର୍ବକୁ ମାଗେ ପନାଇ ଆରମ୍ଭ କରିଥିଲେ। ତେଣୁ କୋହ୍ଲ ଓ ହୋ ଆଦିବାସୀମାନଙ୍କ ମାର୍ଗଶୀର ପୂର୍ଣ୍ଣିମା ହିଁ ମାଗେ ପର୍ବ ଏବଂ ମାଘ ମାସରେ ଶାଳ ଫୁଲ କଢ଼ ହେଉଥିବା ସମୟରେ ଯେଉଁ ପର୍ବ ପାଳନ ହୁଏ ତାହାକୁ 'ବା' ପର୍ବ କୁହାଯାଏ ବୋଲି ବକ୍ତାମାନେ କହିଥିଲେ। ବି.ଆର୍ ବବି ପଙ୍କଜ ସିର୍କା ଯୋଗଦେଇ ଆଦିବାସୀଙ୍କ ଧର୍ମ ଆନ୍ଦୋଳନକୁ ଆହୁରି ତେଜ କରିବାକୁ ପ୍ରକାଶ କରିଥିଲେ। ବି.ଆର୍ ସିର୍କାଙ୍କ ସହଯୋଗରେ ଗରିବ ଶ୍ରେଣୀର ମୋଟ୍ ୧୦୦ ଜଣ ବ୍ୟକ୍ତିବିଶେଷଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏହିପରି କାର୍ଯ୍ୟକ୍ରମକୁ ସମାଜସେବୀ ପ୍ରଶନ କୁମାର ଶତପଥୀ ପ୍ରଶଂସା କରିବା ସହ ସମସ୍ତ ହୋ ସମାଜକୁ ସାଧୁବାଦ ଜଣାଇଥିଲେ।

## ରାଇରଙ୍ଗପୁର ହସ୍ପିଟାଲରେ ଅବ୍ୟବସ୍ଥା

# ରୋଗୀଙ୍କ ସମ୍ପର୍କୀୟଙ୍କୁ କର୍ମଚାରୀଙ୍କ ଦୁର୍ବ୍ୟବହାର

ରାଇରଙ୍ଗପୁର,୧୮ ।୧୨(ସମିସ)



ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଦିନକୁ ଦିନ ଅବ୍ୟବସ୍ଥା ବୃଦ୍ଧି ପାଇବାରେ ଲାଗିଛି। ଉକ୍ତ ହସ୍ପିଟାଲ ଉପରେ ଅନେକ ଲୋକ ନିର୍ଭରଶୀଳ ଥିବାବେଳେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ଅଭାବ ଯୋଗୁଁ ରୋଗୀଙ୍କୁ ଉନ୍ନତ ଚିକିତ୍ସା ସୁବିଧା ମିଳିପାରୁନାହିଁ। ତେବେ ହସ୍ପିଟାଲର କର୍ମଚାରୀ ରୋଗୀଙ୍କ ସମ୍ପର୍କୀୟମାନଙ୍କୁ ଦୁର୍ବ୍ୟବହାର କରୁଥିବାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ରାଇରଙ୍ଗପୁର ହସ୍ପିଟାଲକୁ ଆସିଥିବା ରୋଗୀଙ୍କ ପରିବାର ଲୋକଙ୍କୁ ହଇରାଣ ହରକତ କରି ଟିକଟ ଦେବାରେ ବିଳମ୍ବ କରୁଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ପ୍ରାୟତଃ ବୁଧବାର ରାତି ସମୟର ଭିଡିଓ ବୋଲି ସନ୍ଦେହ କରାଯାଉଛି।

ଜରୁରୀକାଳୀନ ଚିକିତ୍ସା ନିମନ୍ତେ ଟିକଟ ପ୍ରଦାନ ପାଇଁ ଥିବା କାଉଣ୍ଟରର କର୍ମଚାରୀ ଟିକଟ ଦେବାରେ ବିଳମ୍ବ କରୁଛନ୍ତି। ଲୋକେ ୩୦ ମିନିଟ୍‌ରୁ ଊର୍ଦ୍ଧ୍ୱ ସମୟ ଅପେକ୍ଷା କରିଥିଲେ ସୁଦ୍ଧା ଟିକଟ ଦେଉ ନ ଥିବାର ଲୋକେ ଅଭିଯୋଗ କରିଛନ୍ତି। ଯାହାର ଭିଡିଓ ମୋବାଇଲରେ ଉତ୍ତୋଳନ କରାଯାଇଥିବା ବେଳେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଉକ୍ତ କର୍ମଚାରୀ ନିଶାଶକ୍ତ ଅବସ୍ଥାରେ ଥିବା ନେଇ ଲୋକେ ଅଭିଯୋଗ କରିଛନ୍ତି। ରୋଗୀ ଓ ସମ୍ପର୍କୀୟମାନଙ୍କୁ କର୍ମଚାରୀ ଜଣକ ଦୁର୍ବ୍ୟବହାର କରୁଛନ୍ତି। ଏହା ସହିତ ହସ୍ପିଟାଲ ଟିକଟ୍ ଦେବାକୁ ବିଳମ୍ବ କରୁଥିବାବେଳେ ଜଣେ ଗୁରୁତର ରୋଗୀ ଜୀବନ ଯିବାର ସମ୍ଭାବନା ରହିଛି। ହସ୍ପିଟାଲରେ ଏହିପରି ଅବ୍ୟବସ୍ଥା ପ୍ରତି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁ ନ ଥିବାର ଲୋକେ ଅଭିଯୋଗ କରିଛନ୍ତି। ଅନେକ ଡାକ୍ତର ସରକାରୀ ହସ୍ପିଟାଲ ବଦଳରେ ଘରୋଇ କ୍ଲିନିକ୍‌ରେ ଚିକିତ୍ସା କରୁଛନ୍ତି। ହସ୍ପିଟାଲରେ ଅବ୍ୟବସ୍ଥା ବାବଦରେ ସବୁ ଜାଣି କର୍ତ୍ତୃପକ୍ଷ ଚୁପ୍ ରହିଛନ୍ତି ବୋଲି ରୋଗୀଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଉକ୍ତ ଭାଇରାଲ ଭିଡିଓର ଅନୁଧ୍ୟାନ କରି ଉପଖଣ୍ଡ ଚିକିତ୍ସା ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି।

## ଲୋକଙ୍କ ସରକାରରେ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ

ମହୁଲଡିହା,୧୮ ।୧୨(ସମିସ): ରାଜ୍ୟ ସରକାର ଲୋକଙ୍କ ସରକାର କହି ଡିଣ୍ଡିମ ପିଟୁଥିବାବେଳେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୮ ଆମ୍ବୁଲାନ୍ସ ସେବାର ବିପର୍ଯ୍ୟସ୍ତ ଅବସ୍ଥା ଏକ ଜ୍ୱଳନ୍ତ ଉଦାହରଣ। ଏଠାରୁ ୧୦୮ କୁ ଫୋନ୍ କଲେ ଉତ୍ତର ଆସୁଛି ଯାନ୍ତ୍ରିକ ତ୍ରୁଟି ଏବଂ ଡ୍ରାଇଭରକୁ ପଚାରିବାରୁ କହୁଛନ୍ତି ଗାଡ଼ିରେ ତେଲ ନାହିଁ। ଏମିତି ଯୋଗାଯୋଗରେ ବିତିଗଲା ଗୋଟିଏ ଘଣ୍ଟା। ଗର୍ଭବତୀଙ୍କ ଗର୍ଭ ଯନ୍ତ୍ରଣା ବଢ଼ି ଚାଲିଲା ମାତ୍ର ଉପାୟ ନାହିଁ। ସ୍ୱାସ୍ଥ୍ୟ ବିଭାଗର ଏଭଳି ବିକଳ ଚିତ୍ର ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛି।



ଘଟଣାରୁ ପ୍ରକାଶ ଯେ, ଖଣ୍ଡବନ୍ଧ ଗ୍ରାମ ପଞ୍ଚାୟତ ନୂଆପଡ଼ା ଗ୍ରାମର ଭୁବନ ମହାନ୍ତଙ୍କ ପତ୍ନୀ ଅନିତା (୨୧)ଙ୍କର ପ୍ରଥମ ଗର୍ଭଯନ୍ତ୍ରଣା ଆସିବାରୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭଡ଼ା ଗାଡ଼ିରେ ଆସି ଭର୍ତ୍ତି ହୋଇଥିଲେ। ୧୭ ତାରିଖ ସନ୍ଧ୍ୟା ୭ଟାରେ ତାଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର ପାଇଁ ଡାକ୍ତର ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ୧୦୮ ଯାନ୍ତ୍ରିକ ତ୍ରୁଟି ଦର୍ଶାଇ ବୁକ୍ ହେଲା ନାହିଁ। ଘଣ୍ଟାଏ ବିଳମ୍ବରେ ପ୍ରାୟ ୮ଟାରେ ବେସରକାରୀ ଆମ୍ବୁଲାନ୍ସ ଯୋଗେ କରଞ୍ଜିଆ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି। ବିଭାଗୀୟ କର୍ତ୍ତୃପକ୍ଷ ଉଚିତ୍ ପଦକ୍ଷେପ ନେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ହିମାଳୟ କ୍ଷେତ୍ରରେ ଚୀନ ନିର୍ମାଣ କରୁଛି ରହସ୍ୟମୟ ବନ୍ଧ



## ଭାଙ୍ଗିଲେ ଭାରତରେ ରଚିବ ଧ୍ୱଂସର ତାଣ୍ଡବ


ବେଜିଂ, ୧୮ ।୧୨(ଏଜେନ୍ସି): ହିମାଳୟ କ୍ଷେତ୍ରର ଦୁର୍ଗମ ଅଞ୍ଚଳରେ ଚୀନ୍ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଜଳବିଦ୍ୟୁତ ବନ୍ଧ ନିର୍ମାଣ କରୁଛି। ଏହି ବନ୍ଧ ଚୀନର ଘନ ଜନବହୁଳ ଅଞ୍ଚଳଠାରୁ ଶହଶହ କିମି ଦୂରରେ ଅବସ୍ଥିତ। ଦେଶ ପାଇଁ ଆବଶ୍ୟକ ବିଦ୍ୟୁତ ଉତ୍ପାଦନ ପାଇଁ ଏହି ବନ୍ଧ ନିର୍ମାଣ କରୁଛି ବୋଲି ଚୀନ କହୁଛି। କିନ୍ତୁ ପ୍ରକୃତରେ ଚୀନ ଏହି ବନ୍ଧ ନିର୍ମାଣ କରି ବ୍ରହ୍ମପୁତ୍ରର ନଦୀକୁ ରୋକିବାକୁ ଚାହୁଁଛି। ତିବ୍ବତର ୟାରଲୁଙ୍ଗ ସାଙ୍ଗପୋ ନଦୀ ଉପରେ ଚୀନ୍ ଏହି ବିଶାଳ ପ୍ରକଳ୍ପ ନିର୍ମାଣ କରୁଛି। ଏହି ନଦୀ ଭାରତରେ ବ୍ରହ୍ମପୁତ୍ର ଓ ବାଂଲାଦେଶରେ ଯମୁନା ନଦୀ ଭାବେ ପରିଚିତ। ଜଣାଶୁଣା ନ୍ୟୁଜ୍ ଏଜେନ୍ସି ସିଏନ୍ଏନ୍ ନିକଟରେ ଦେଇଥିବା ଏକ ରିପୋର୍ଟ ଅନୁଯାୟୀ, ୧୬୮ ବିଲିଅନ ଡଲାର ବିନିମୟରେ ଏହି ପ୍ରକଳ୍ପ ନିର୍ମାଣ କରାଯାଉଛି। ଏହି ପ୍ରକଳ୍ପ ଦ୍ୱାରା ୩ ଗର୍ଜେଟ ଡ୍ୟାମଠାରୁ ୩ ଗୁଣା ଅଧିକ ବିଦ୍ୟୁତ ନିର୍ମାଣ କରାଯାଇପାରି ବୋଲି ଚୀନ୍ ଦାବି କରିଛି। ଚୀନ୍ ଦାବି ଯାହା ହେଉନା କାହିଁକି, ବାସ୍ତବରେ ଏହା ଭାରତ ପାଇଁ ମହା ବିପଦ ସୃଷ୍ଟି କରୁଛି। ଏହି ବନ୍ଧ ସହିତ ଚୀନ୍ ଏହି ଆଞ୍ଚଳିକ ପରିବେଶ ଓ ଏହାକୁ ଲାଗି ଥିବା ପ୍ରାକୃତିକ କ୍ଷେତ୍ରକୁ ନଷ୍ଟ ତଥା ଧ୍ୱଂସ କରିବ। ପରିବେଶ ଉପରେ ଏହି ବନ୍ଧର ବିନାଶକାରୀ ପ୍ରଭାବ ପଡ଼ିବ ବୋଲି କୁହାଯାଇଛି। ଏହା ଦ୍ୱାରା ବିରଳ, ପ୍ରାଚୀନ ପରିସଂସ୍ଥା ଏବଂ ସେଠାରେ ରହୁଥିବା ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ପୈତୃକ ଘର ତଥା ଭିଟାମାଟି ପ୍ରତି ବଡ଼ କ୍ଷତି ପହଞ୍ଚାଇବ।

ପୁଣି ଭାରତ ଓ ବାଂଲାଦେଶର ତଳମୁଣ୍ଡରେ ବସବାସ କରୁଥିବା ଲକ୍ଷ ଲକ୍ଷ ଲୋକ ଏହି ନଦୀ ଉପରେ ନିର୍ଭର କରନ୍ତି। ଚୀନ୍‌ର ଏହି ଉଚ୍ଚାଭିଳାଷି ପ୍ରକଳ୍ପକୁ 'ଜଳ ବୋମା' ବୋଲି କୁହାଯାଉଛି। ପ୍ରକଳ୍ପଟି ଯେତିକି ରହସ୍ୟମୟ ଓ ସେତିକି ବିଶାଳ ମଧ୍ୟ। ଭବିଷ୍ୟତରେ ଏହା ଭାରତ ପାଇଁ ବିପଦ ସୃଷ୍ଟି କରିପାରେ ବୋଲି କୁହାଯାଉଛି। ଏହି ପ୍ରକଳ୍ପର ଡିଜାଇନ ସଂକ୍ରାନ୍ତରେ କୌଣସି ସୂଚନା ଦିଆଯାଇନାହିଁ। ଏହା ଦ୍ୱାରା ଭୂକମ୍ପର ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯିବ ନାହିଁ ବୋଲି ସିଏନ୍ଏନ୍ ତା'ର ରିପୋର୍ଟରେ ଉଲ୍ଲେଖ କରିଛି। କାରଣ ହିମାଳୟ କ୍ଷେତ୍ର ତଥା ଏହି ଅଞ୍ଚଳ ସବୁଠାରୁ ଭୂକମ୍ପ ଦୃଷ୍ଟିରୁ ସକ୍ରିୟ ରହିଛି। ଏଠାରେ ଭୂକମ୍ପ ସହିତ ଭୂସ୍ଖଳନ ଓ ହିମସ୍ରୋତ ବିସ୍ଫୋରଣର ଆଶଙ୍କା ସର୍ବଦା ରହିଥାଏ। ଯଦି ବନ୍ଧ ଗଠନ ପ୍ରକ୍ରିୟାରେ ସାମାନ୍ୟ ବିଫଳତା ହୁଏ ଓ ଏହି ବନ୍ଧ ଭାଙ୍ଗିଯାଏ, ତେବେ ଏହାର ପ୍ରଭାବ କେବଳ ଚୀନ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ। ଭାରତ ଓ ବାଂଲାଦେଶର କୋଟି କୋଟି ଲୋକ ଏହ ନଦୀ ଉପରେ ନିର୍ଭରଶୀଳ ରହିଥିବା ବେଳେ ହଠାତ ବନ୍ଧ ଭାଙ୍ଗିଲେ କିମ୍ବା ପାଣି ଛଡ଼ା ଗଲେ ଏହା ଏକ 'ଜଳ ବୋମା' ଭଳି ପରିସ୍ଥିତି ସୃଷ୍ଟି କରିବା ସହ ଧ୍ୱଂସର ତାଣ୍ଡବଲୀଳା ରଚିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ପଶ୍ଚିମବଙ୍ଗରେ ଗାନ୍ଧୀଙ୍କ ନାମରେ ହେବ ରୋଜଗାର ଗ୍ୟାରେଣ୍ଟି ଯୋଜନା: ମମତା

କୋଲକାତା, ୧୮ ।୧୨(ଏଜେନ୍ସି): ରୋଜଗାର ଗ୍ୟାରେଣ୍ଟି ସ୍କିମ୍ 'ମନରେଗା'ରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଯିବା ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ଏକ ନୂଆ ଘୋଷଣା କରିଛନ୍ତି। ରାଜ୍ୟର ଚାଲିଥିବାର ରୋଜଗାର ଗ୍ୟାରେଣ୍ଟି ଯୋଜନା 'କର୍ମଶ୍ରୀ'ର ନାମ ପରିବର୍ତ୍ତନ କରାଯାଇ ମହାତ୍ମା ଗାନ୍ଧୀଙ୍କ ନାମରେ ରଖାଯିବ ବୋଲି ସେ କହିଛନ୍ତି। ୨୦୨୪ରେ ରାଜ୍ୟରେ 'କର୍ମଶ୍ରୀ' ଯୋଜନା ଆରମ୍ଭ ହୋଇଥିଲା। ଗାଁ ଓ ସହରରେ ଥିବା ଗରିବ ଲୋକଙ୍କୁ ରୋଜଗାର ଦେବା ଏହି ଯୋଜାନର ମୁଖ୍ୟ ଲକ୍ଷ୍ୟ ଥିଲା। ଏବେ ଏହାର ନାମ ହେବ 'ମହାତ୍ମା ଗାନ୍ଧୀ କର୍ମଶ୍ରୀ' ଯୋଜନା ହେବ। ଗୁରୁବାର ଅନୁଷ୍ଠିତ କମର୍ସ ଓ ଇଣ୍ଡଷ୍ଟ୍ରୀ କନକ୍ଲେଭରେ ଯୋଗ ଦେଇ ମମତା ଏ ନେଇ ଘୋଷଣା କରିଛନ୍ତି। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ସମ୍ମାନରେ ଏପରି କରାଯିବ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, କେନ୍ଦ୍ର ସରକାର ଗାନ୍ଧୀଙ୍କ ନାମ ହଟାଇ ମନରେଗାର ନାମକୁ ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ)ରେ ପରିବର୍ତ୍ତନ କରାଯାଇଛି ଓ ଗୁରୁବାର ଲୋକସଭାରେ ଏ ନେଇ ବିଲ୍ ପାରିତ ହୋଇଛି।

## ପ୍ରସିଦ୍ଧ ମୂର୍ତ୍ତିକାର ରାମ ସୂତାରଙ୍କ ପରଲୋକ



ନୂଆଦିଲ୍ଲୀ, ୧୮ ।୧୨(ଏଜେନ୍ସି): ଦେଶର ପ୍ରସିଦ୍ଧ ମୂର୍ତ୍ତିକାର ରାମ ସୂତାର ବୁଧବାର ବିଳମ୍ବିତ ରାତିରେ ନୋଏଡାସ୍ଥିତ ତାଙ୍କ ବାସଭବନରେ ପରଲୋକଗମନ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୧୦୦ ବର୍ଷ ଥିଲା ଓ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ଗୁରୁବାର ତାଙ୍କ ପୁଅ ଅନିଲ ସୂତାର ପିତାଙ୍କ ପରଲୋକ ନେଇ ସୂଚନା ଦେଇଥିଲେ। ୧୯୨୫ ଫେବୃଆରୀ ୧୯ରେ ସେ ମହାରାଷ୍ଟ୍ରର ଧୂଳେ ଜିଲ୍ଲାର ଗୋଣ୍ଡୁର ଗାଁର ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସେ ମୁମ୍ବଇର ଜେଜେ ସ୍କୁଲ ଅଫ୍ ଆର୍ଟ ଆଣ୍ଡ ଆର୍କିଟେକଚରରେ ଅଧ୍ୟୟନ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ରାମ ସୂତାର ବିଶ୍ୱର ସବୁଠାରୁ ଉଚ୍ଚ ପ୍ରତିମୂର୍ତ୍ତି, ଗୁଜରାଟରେ ସ୍ଥାପିତ ଷ୍ଟାଚ୍ୟୁ ଅଫ୍ ୟୁନିଟି (ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତିମୂର୍ତ୍ତି) ଭଳି ସ୍ମାରକୀ ମୂର୍ତ୍ତିର ଡିଜାଇନ୍ କରିଥିଲେ। ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟମଧ୍ୟରେ ସଂସଦ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ଧ୍ୟାନ ପ୍ରତିମୂର୍ତ୍ତି ଓ ଘୋଡ଼ା ଚଢ଼ିଥିବା ଛତ୍ରପତି ଶିବାଜୀ ମହରାଜଙ୍କ ପ୍ରତିମୂର୍ତ୍ତି ଅନ୍ତର୍ଭୁକ୍ତ। ତାଙ୍କୁ ୧୯୯୯ରେ ପଦ୍ମଶ୍ରୀ ଓ ୨୦୧୬ରେ ପଦ୍ମଭୂଷଣ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା। ତାଙ୍କୁ ମହାରାଷ୍ଟ୍ରର ସର୍ବୋଚ୍ଚ ନାଗରିକ ସମ୍ମାନ 'ମହରାଷ୍ଟ୍ର ଭୂଷଣ' ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ତାଙ୍କ ପରଲୋକରେ ମହରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଓ ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାର ଓ ଏକନାଥ ସିନ୍ଦେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## ଦଳାଚକଟା ପରେ ବିଜୟଙ୍କ ପ୍ରଥମ ରାଲି



ନୂଆଦିଲ୍ଲୀ, ୧୮ ।୧୨(ଏଜେନ୍ସି): କରୁର ଦଳାଚକଟା ପରେ ଗୁରୁବାର ଅଭିନେତା ତଥା ତାମିଲଗା ବେଟ୍ରୀ କାଝଗମ୍ (ଟିଭିକେ) ଦଳ ପ୍ରମୁଖ ବିଜୟ ତାମିଲନାଡୁରେ ତାଙ୍କର ପ୍ରଥମ ରାଜନୈତିକ ରାଲିର ଆୟୋଜନ କରିଛନ୍ତି। ଏଥିରେ ୩୫, ୦୦୦ ଲୋକ ଯୋଗ ଦେଇଥିଲେ। ରାଲି ଅବସରରେ ଜଣେ ସମର୍ଥକ ବେହୋଶ ହୋଇ ତଳେ ପଡ଼ିଯାଇଥିଲେ। ଫଳରେ କିଛି ସମୟ ପାଇଁ ଲୋକଙ୍କ ମଧ୍ୟରେ ଦୌଡ଼ାଦୌଡ଼ି ଦେଖିବାକୁ ମିଳିଥିଲା। ବେହୋଶ ହୋଇଥିବା ବ୍ୟକ୍ତିଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ତାଙ୍କର ଚିକିତ୍ସା ଚାଲିଛି। ରାଲିରେ ନିଜର ବକ୍ତବ୍ୟ ଦେବା ଅବସରରେ ସେ ଡିଏମ୍‌କେକୁ ସମାଲୋଚନା କରିଥିଲେ। ଏବେ ଭଲ ଓ ମନ୍ଦ ଅର୍ଥାତ ଧର୍ମ ଓ ଅଧର୍ମ ମଧ୍ୟରେ ଯୁଦ୍ଧ ହେବ। ମୋ ବିରୋଧରେ ଷଡଯନ୍ତ୍ର ରଚା ଯାଉଛି। କିନ୍ତୁ ସେମାନେ ଏଥିରେ ସଫଳ ହେବେ ନାହିଁ ବୋଲି ବିଜୟ କହିଥିଲେ। କେତୋଟି ସର୍ତ୍ତ ସହ ଏହି ରାଲି ଆୟୋଜନ କରିବାକୁ ଅନୁମତି ଦିଆଯାଇଥିଲା।

## ଘର ଭଡ଼ା ମାଗିବାରୁ ମାଲିକାଣୀଙ୍କୁ ହତ୍ୟା

ଗାଜିଆବାଦ୍, ୧୮ ।୧୨(ଏଜେନ୍ସି): ଉତ୍ତରପ୍ରଦେଶର ଗାଜିଆବାଦ୍‌ରେ ଜଣେ ପତି-ପତ୍ନୀ ସାଥିହୋଇ ଘର ମାଲିକାଣୀଙ୍କୁ ହତ୍ୟା କରିବା ଘଟଣା ସାମ୍ନାକୁ ଆସିଛି। ବାକିଥିବା ୬ ମାସର ଘର ଭଡ଼ା ମାଗିବାକୁ ଘର ମାଲିକାଣୀ ଦୀପଶିଖା ପହଞ୍ଚିଥିଲେ। ତାଙ୍କୁ ଦେଖି ଉଭୟ ପତି ଓ ପତ୍ନୀ ରାଗିଯାଇଥିଲେ। ଦୀପଶିଖାଙ୍କୁ ଘରକୁ ଡାକି ଦୁହେଁ କୁକର୍‌ରେ ବାଡେଇ ଥିଲେ ଓ ମାଡପିଟ୍ କରିବା ସହ ଦୁପଟ୍ଟାରେ ଗଳା ଚିପି ହତ୍ୟା କରିଥିଲେ। ଲୁଚାଇବା ପାଇଁ ଦୁହେଁ ଦୀପଶିଖାଙ୍କ ମୃତଦେହକୁ ଛୋଟ ଛୋଟ ଖଣ୍ଡରେ କାଟି ସୁଟ୍‌କେସ୍‌ରେ ଭର୍ତ୍ତି କରିଥିଲେ ଓ ଏହାକୁ ପଲଙ୍କର ବାକ୍ସରେ ଲୁଚାଇଦେଇଥିଲେ। ଡିସେମ୍ବର ୧୭ରେ ଏହି ଘଟଣା ଘଟିଥିଲା। ବହୁ ସମୟ ଧରି ଦୀପଶିଖା ଘରକୁ ନ ଫେରିବାରୁ ପରିବାର ଲୋକେ ସିସିଟିଭିର ଯାଞ୍ଚ୍ କରି ଅଘଟଣ ଆଶଙ୍କା କରିଥିଲେ ଓ ଏ ନେଇ ପୁଲିସକୁ ସୂଚନା ଦେଇଥିଲେ। ପରିବାର ଲୋକେ ଅଭିଯୋଗ କରିବା ପରେ ପୁଲିସ ଭଡାଟିଆ ପତି-ପତ୍ନୀଙ୍କୁ ପଚରା ଉଚରା କରିଥିଲେ। ଦୁହେଁ ତୁରନ୍ତ ନିଜର ଦୋଷ ତଥା ଅପରାଧ ସ୍ୱୀକାର କରିଥିଲେ। ଏହାପରେ ବେଡ୍ ବକ୍ସ ତଳୁ ତାଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଥିଲା। ପୁଲିସର ସୂଚନା ଅନୁସାରେ ଫରିଦାବାଦର ଏକ ଘରୋଇ କମ୍ପାନୀରେ ଉମେଶ ଶର୍ମା ଇଞ୍ଜିନିୟର ଭାବେ କର୍ଯ୍ୟରତ ଅଛନ୍ତି। ତାଙ୍କ ପତ୍ନୀ ୪୦ ବର୍ଷୀୟା ଦୀପଶିଖା ଘରେ ରୁହନ୍ତି। ଅଭିଯୁକ୍ତ ୫ ଦିନ ତଳେ ହତ୍ୟା ପାଇଁ ଯୋଜନା କରିଥିଲେ। ମୃତଦେହ ଥିବା ସୁଟ୍‌କେସକୁ ନଦୀରେ ଭସାଇବାକୁ ଯୋଜନା କରିଥିଲେ କିନ୍ତୁ ଏହା ପୂର୍ବରୁ ଦୁହେଁ ଧରାପଡ଼ିଥିଲେ। ପୁଲିସ ଏହି ମାମଲାରେ ଅଭିଯୁକ୍ତ ପତି-ପତ୍ନୀଙ୍କୁ ଗିରଫ କରି ଯାଞ୍ଚ୍ କରୁଛି।



## ମୋଦୀଙ୍କୁ ଓମାନର ସର୍ବୋଚ୍ଚ ସମ୍ମାନ

ମସ୍କାଟ: ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଓମାନର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଅର୍ଡର ଅଫ୍ ଓମାନ'ରେ ସମ୍ମାନିତ କରାଯାଇଛି। ଓମାନର ସୁଲତାନ ହାଇଥମ ବିନ୍ ତାରିକ ଗୁରୁବାର ଦିନ ମସ୍କାଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୋଦୀଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଭାରତ ଓ ଓମାନ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କରେ ଉଲ୍ଲେଖନୀୟ ଅବଦାନ ପାଇଁ ମୋଦୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

# ତଥାପି ସୁଧୁରୁନି ଦିଲ୍ଲୀ ପ୍ରଦୂଷଣ

## ଏକ୍ୟୁଆଇ ତଥ୍ୟ ଓ କେନ୍ଦ୍ରମନ୍ତ୍ରୀଙ୍କ ଦାବି ମଧ୍ୟରେ ତାଳମେଳ ନାହିଁ

ନୂଆଦିଲ୍ଲୀ, ୧୮ ।୧୨(ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆର୍‌ରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ସତ୍ତ୍ୱେ ପ୍ରଦୂଷଣ କମିବା ବଦଳରେ ବୃଦ୍ଧି ପାଇବାରେ ଲାଗିଛି। ଚଳିତବର୍ଷ ପ୍ରଦୂଷଣ ବହୁତ ଗମ୍ଭୀରସ୍ଥିତିକୁ ଯାଇଥିବା କଥା ସମସ୍ତେ ଜାଣିଥିଲେ। ଚଳିତ ଡିସେମ୍ବର ମାସରେ ଦୁଇଦିନ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ଗମ୍ଭୀର ସ୍ଥିତିରେ ପହଞ୍ଚିଥିଲା। ଏ ନେଇ ଏନ୍‌ସିଆର ମନିଟରିଂ ଷ୍ଟେସନରୁ ମିଳିଥିବା ସରକାରୀ ତଥ୍ୟ ଓ ସଂସଦରେ କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଦେଇଥିବା ତଥ୍ୟ ତଥା ଦାବିରେ ତାଳମେଳ ରହୁନଥିବା ଜଣାଯାଇଛି।

ଏକ୍ୟୁଆଇ ନେଇ ମନ୍ତ୍ରୀ ଦେଇଥିବା ତଥ୍ୟ ସହ ମେଳ ଖାଉନି ମନିଟରିଂ ଷ୍ଟେସନରେ ରେକର୍ଡ ହୋଇଥିବା ତଥ୍ୟ। ମନ୍ତ୍ରୀ ରାଜ୍ୟସଭାରେ କହିଛନ୍ତି ଯେ, ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ (ଜିଆରଏପି) ଅନୁଯାୟୀ ଦିଲ୍ଲୀ-ଏନ୍‌ସିଆରରେ ଚଳିତବର୍ଷ ଗୋଟିଏ ବି ଦିନ ଏକ୍ୟୁଆଇ ୪୫୦ ଉପରେ ରେକର୍ଡ ହୋଇନାହିଁ। ନୀତିଗତ ପଦକ୍ଷେପ ଓ ବିଭିନ୍ନ ଗଠନମୂଳକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ବର୍ଷ ବର୍ଷ ଧରି ଏହି ଅଞ୍ଚଳରେ ଏକ୍ୟୁଆଇରେ ଯଥେଷ୍ଟ ଉନ୍ନତି ହୋଇଛି ବୋଲି ସେ କହିଛନ୍ତି। ୨୦୧୬ରେ ଏକ୍ୟୁଆଇ ୨୦୦ ତଳେ ଥିବା ଦିନ ସଂଖ୍ୟା ୧୧୦ ଥିଲା। କିନ୍ତୁ ୨୦୨୫ରେ ଏହି ଦିନ ସଂଖ୍ୟା ୨୦୦କୁ ବୃଦ୍ଧି ପାଇଛି। ସେହିପରି ଦିଲ୍ଲୀରେ ୨୦୨୫ ଜାନୁଆରୀରୁ ନଭେମ୍ବର ମଧ୍ୟରେ ହାରାହାରି ଏକ୍ୟୁଆଇ ୧୮୭ ଥିଲା। କିନ୍ତୁ ୨୦୨୮ ରେ ଏହା ୨୧୩ ଥିଲା। ପୁଣି ଚଳିତବର୍ଷ ଦିଲ୍ଲୀରେ ଏକ୍ୟୁଆଇ ଗମ୍ଭୀର ସ୍ଥିତିରେ ପହଞ୍ଚିନାହିଁ ବୋଲି ସେ କହିଛନ୍ତି। କିନ୍ତୁ ସରକାରୀ ମନିଟରିଂ ତଥ୍ୟ ଅନୁସାରେ ଚଳିତ ଡିସେମ୍ବରରେ ୩ ଦିନ ଏକ୍ୟୁଆଇ ଗମ୍ଭୀର ସ୍ଥିତିରେ ପହଞ୍ଚିଥିଲା ବୋଲି କୁହାଯାଇଛି। ନୋଏଡ଼ାରେ ଡିସେମ୍ବର ୧୩ରେ ନୋଏଡାରେ ଅକ୍ୟୁଆଇ ୪୫୫ ଥିଲା ଓ ୧୪ରେ ଏହା ୪୬୬ରେ ପହଞ୍ଚିଥିଲା। ସେହିପରି ୧୫ ତାରିଖରେ ଏହା ୪୩୭ ଥିଲା। ସେହିପରି ଦିଲ୍ଲୀରେ ଡିସେମ୍ବର ୧୩ରେ ଏକ୍ୟୁଆଇ ୪୬୧, ୧୪ରେ ୪୨୭ ଥିଲା। ଜିଆରଏପି ନିୟମ ଲାଗୁ ହେବା ପରେ ଏହା ୪୫୦ ଉପରେ ଥିଲା ଓ ଏହା ଗମ୍ଭୀର ସ୍ଥିତିକୁ ସୂଚାଇଥିଲା। ସେହିପରି ନଭେମ୍ବର ୧୧, ୧୨, ୧୯ ଓ ୨୩ ତାରିଖରେ ଏକ୍ୟୁଆଇ ୪୦୮ ରୁ ୪୨୫ ମଧ୍ୟରେ ଥିଲା। ଏଥିରେ ମନ୍ତ୍ରୀଙ୍କ ତଥ୍ୟ ଓ ସରକାରୀ ମନିଟରିଂ ତଥ୍ୟ ମଧ୍ୟରେ ବିରୋଧା ଭାଷ ସୃଷ୍ଟି ହେଉଥିବା ସ୍ପଷ୍ଟ ହେଉଛି।

## ନୈନୀତାଲରେ ଖାଇକୁ ଖସିଲା ସ୍କର୍ପିଓ; ୩ ମୃତ

ନୈନିତାଲ, ୧୮ ।୧୨(ଏଜେନ୍ସି): ଉତ୍ତରାଖଣ୍ଡର ନୈନୀତାଲରେ ଗୁରୁବାର ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ସ୍କର୍ପିଓ ୨୦୦ ଫୁଟ ତଳେ ଥିବା ଖାଇକୁ ଖସି ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଫଳରେ ୩ ଜଣ ମୃତ୍ୟୁବରଣ କରିଥିବା ବେଳେ ୬ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଗାଡ଼ିରେ ଥିବା ଜଣେ ଯୁବକଙ୍କ ମା, ପତ୍ନୀ ଓ ଶାଳି ମୃତ୍ୟୁବରଣ କରିଛନ୍ତି। ପାଖାପାଖି ସକାଳ ୯ ଟାରେ ଭବାଲି-ଅଲମୋଡ଼ା ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଘଟିଥିଲା ଓ ଏଥିରେ ୩ ଜଣ ମହିଳା ମୃତ୍ୟୁବରଣ କରିଛନ୍ତି ବୋଲି ଭବାଲୀ ପୁଲିସ ତରଫରୁ କୁହାଯାଇଛି। ଡ୍ରାଇଭରକୁ ନିଦ ଆସିବା କାରଣରୁ ଆଖି ଲାଗି ଯାଇଥିଲା ଓ ଏଥିପାଇଁ ଦୁର୍ଘଟଣା ଘଟିଥିଲା ବୋଲି କୁହାଯାଇଛି। ସୂଚନା ମିଳିବା ମାତ୍ରେ ପୁଲିସ ଓ ଏସ୍‌ଡିଆରଏଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗାଡ଼ିରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ। ଆମ୍ବୁଲାନ୍ସ ଜରିଆରେ ଆହତଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିଛି ଆହତଙ୍କୁ ସୁଶୀଳା ତିୱାରୀ ହସ୍ପିଟାଲକୁ ରେଫର କରାଯାଇଥିଲା। ସବୁ ଆହତ ଉତ୍ତରପ୍ରଦେଶ ଓ ଗୁଜରାଟ ବୋଲି କୁହାଯାଇଛି। ଏମାନେ ସବୁ କାଇଞ୍ଚି ଧାମ ଦର୍ଶନ କରିବାକୁ ଯାଉଥିଲେ। କିନ୍ତୁ ୫ କିମି ପୂର୍ବରୁ ହିଁ ଏହି ଦୁର୍ଘଟଣା ଘଟିଥିଲା।

## ଚା ଦୋକାନ ଉପରେ ଚଢ଼ିଗଲା ଟ୍ରକ, ୨ ମୃତ

ସୁଲତାନପୁର, ୧୮ ।୧୨(ଏଜେନ୍ସି): ସ୍ଥାନୀୟ ଲମ୍ଭୁଆ ଅଞ୍ଚଳରେ ଘନ କୁହୁଡି ଯୋଗୁଁ ଏକ ବଡ଼ ଦୁର୍ଘଟଣା ଘଟିଛି। କୁହୁଡି କାରଣରୁ ଦୃଶ୍ୟମାନତା କମ୍ ହେବା କାରଣରୁ ଏକ ଟ୍ରକ୍ ଚା ଦୋକାନ ଉପରେ ଚଢ଼ଯାଇଥିଲା। ଫଳରେ ୨ ଜଣ ଲୋକ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଦ୍ରୁତଗତିରେ ଏକ ଟ୍ରକ ଦିୟାରାଠାରୁ ଲମ୍ଭୁଆ ଆଡକୁ ଆସୁଥିବା ବେଳେ ଗୁରୁବାର କୁରମିଆନେ ରାମପୁର ଗାଁରେ ଏହି ଦୁର୍ଘଟଣା ଘଟିଛି। ଏଥିରେ ଚା ଦୋକାନ ମାଲିକର ପୁଅ ମୃତ୍ୟୁବରଣ କରିଥିବା ବେଳେ ତାଙ୍କ ପତ୍ନୀ ଆହତ ହୋଇଛନ୍ତି। ଟ୍ରକ ଡ୍ରାଇଭର ମଧ୍ୟ ଏଥିରେ ମୃତ୍ୟୁବରଣ କରିଛନ୍ତି ବୋଲି ପୁଲିସ କହିଛି।

## ଇଣ୍ଡିଗୋ ସେବା ସ୍ୱାଭାବିକ; ୨୨୨୦ ବିମାନ ପୁଣି ଉଡ଼ିଲା



ନୂଆଦିଲ୍ଲୀ, ୧୮ ।୧୨(ଏଜେନ୍ସି): ବିମାନ ସେବା ନେଇ ସବୁଠାରୁ ଖରାପ ସମୟ ଚାଲିଯାଇଛି ଓ ଅପରେସନ ଏବେ ସ୍ଥିର ହୋଇଛି ବୋଲି ଇଣ୍ଡିଗୋ ଏୟାର ଲାଇନ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ) ପିଟର ଏଲବର୍ସ କହିଛନ୍ତି। କମ୍ପାନୀ ଏହାର ନେଟୱର୍କକୁ ୧, ୨୦୦ ବିମାନ ଉଡାଣ ଦ୍ୱାରା ପୁନଃସ୍ଥାପିତ କରିଛି। ପିଟର ଗୁରୁବାର ନିଜର କର୍ମଚାରୀମାନଙ୍କୁ ବାର୍ତ୍ତା ଦେଇ କହିଛନ୍ତି ଯେ, କଷ୍ଟକର ସମୟ ବିତିଯାଇଛି ଓ ବିମାନ ସେବା ଏବେ ଆହୁରି ଶକ୍ତିଶାଳୀ ହୋଇଛି। କଷ୍ଟକର ସମୟରେ ଏକଜୁଟ ହୋଇ ରହିବା ସହ କାର୍ଯ୍ୟ କରିଥିବାରୁ ସେ ସବୁ କର୍ମଚାରୀଙ୍କୁ ପ୍ରଶଂସା କରିଛନ୍ତି। ଗତ ଦୁଇ ସପ୍ତାହ ଆମ ପାଇଁ ନିହାତି କଷ୍ଟକର ଓ ଚ୍ୟାଲେଞ୍ଜିଂ ଥିଲା। ଏହି ଅସୁବିଧା ମଧ୍ୟରେ ଆମେ ପୁଣି ଆମର କାର୍ଯ୍ୟକୁ ବାଟକୁ ଆଣିବାରେ ସକ୍ଷମ ହୋଇଛୁ। ଆମେ ଆଜି ଆମର ନେଟୱାର୍କକୁ ୧, ୨୦୦ ଉଡାଣରେ ପୁନଃସ୍ଥାପିତ କରିଛୁ। ଆମେ ଇଣ୍ଡିଗୋକୁ ଯେଉଁ ଏକାଗ୍ରତାର ସହ ଗଢ଼ି ତୋଳିଥିଲୁ, ସେହିଭଳି ଦେଶର ବିମାନ ସେବାକୁ ଆହୁରି ତ୍ୱରାନ୍ୱିତ କରିବୁ। ନିର୍ଭରଯୋଗ୍ୟତା, ସୁଗମତା, ଶୃଙ୍ଖଳା ଓ ଗ୍ରାହକଙ୍କ ପ୍ରତି ବିଶେଷ ଧ୍ୟାନ ସହ ଆମକୁ ଆହୁରି ଆଗକୁ ଯିବାକୁ ହେବ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଦ୍ୱାରା ବିମାନ ସେବା ନିୟମରେ ପରିବର୍ତ୍ତନ କାରଣରୁ ଡିସେମ୍ବର ପ୍ରଥମ ସପ୍ତାହରେ ଇଣ୍ଡିଗୋ କମ୍ପାନୀ ଗୁରୁତ୍ୱପୂର୍ଣ୍ଣ କର୍ମଚାରୀ ଅଭାବର ସମ୍ମୁଖୀନ ହୋଇଥିଲା। ଏହି କାରଣରୁ ଡିସେମ୍ବର ୧ରୁ ୧୦ ମଧ୍ୟରେ ଦେଶରେ ୫, ୦୦୦ରୁ ଅଧିକ ବିମାନ ଉଡାଣକୁ ବାତିଲ କରାଯାଇଥିଲା। ଏହି କାରଣରୁ ସେତେବେଳେ ଦେଶରେ ନାହିଁ ନଥିବା ସ୍ଥିତି ଉପୁଜିଥିଲା। ବିମାନ ଯାତ୍ରୀମାନେ ଅପ୍ରତ୍ୟାଶିତ ଭାବେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ।

## ୫୬ ହଜାର ପାକ୍ ଭିକାରୀଙ୍କୁ ବିଦାକଲା ସାଉଦିଆରବ

ଇସଲାମାବାଦ୍, ୧୮ ।୧୨(ଏଜେନ୍ସି): ପୂର୍ବରୁ ପାକିସ୍ତାନ ନିଜ ଘରେ ଏବଂ ପାଶ୍ଚାତ୍ୟ ଦେଶଗୁଡିକ ଦ୍ୱାରା ଅପମାନିତ ହେଉଥିଲା। ଏବେ ମଧ୍ୟପ୍ରାଚ୍ୟର ଇସ୍‌ଲାମିକ ଦେଶଗୁଡିକ ମଧ୍ୟ ପାକିସ୍ତାନକୁ ଅପମାନିତ କରିବାକୁ ପଛାଉ ନାହାନ୍ତି। ନିକଟରେ ମିଳିଥିବା ସୂଚନା ଅନୁଯାୟୀ ସାଉଦି ଆରବ ୫୬ ହଜାର ପାକିସ୍ତାନୀ ଭିକାରୀଙ୍କୁ ଦେଶରୁ ପାକିସ୍ତାନକୁ ବିତାଡିତ କରିଛି। ଘରୋଇ ବିମାନରେ ଉଡାଣ ନିଷେଧ ତାଲିକା ଓ ବିଦେଶୀ ସରକାରଙ୍କ କଡ଼ା ଚେତାବନୀ ସତ୍ତ୍ୱେ ହଜାର ହଜାର ପାକିସ୍ତାନୀ କେବଳ ଭିକ୍ଷା ମାଗିବାକୁ ବିଦେଶ ଯାତ୍ରା ଜାରି ରଖିଛନ୍ତି। ପାକିସ୍ତାନ ଫେଡେରାଲ ତଦନ୍ତ ଏଜେନ୍ସି (ଏଫ୍‌ଆଇଏ) ୨୦୨୫ରେ ଭିକ୍ଷାକାରୀ ଦଳକୁ ବିଦେଶ ଯିବାକୁ ରୋକିବା ପାଇଁ ୬୬, ୧୫୪ ଜଣ ଯାତ୍ରୀଙ୍କୁ ବିମାନରୁ ଓହ୍ଲାଇ ଦେଇଥିବା ବେଳେ ଏବେ ଏହି ତଥ୍ୟ ସାମ୍ନାକୁ ଆସିଛି। ଗୋଟିଏ ମାସ ତଳେ ସାଉଦି ଆରବ ଭିକ୍ଷାବୃତ୍ତି ଓ ଆପରାଧିକ ଆଚରଣ ପାଇଁ ଅଧିକାଂଶ ପାକିସ୍ତାନ ନାଗରିକଙ୍କୁ ଭିସା ପ୍ରଦାନ କରିବା ପ୍ରକ୍ରିୟାକୁ ବନ୍ଦ କରିଥିଲା। ଭିକ୍ଷାବୃତ୍ତିକୁ ପେସାରେ ପରିଣତ କରିଥିବା ନାଗରିକମାନେ ପାକିସ୍ତାନର ସମ୍ମାନ ହାନୀ କରୁଛନ୍ତି ବୋଲି ଏଫ୍‌ଆଇଏ ସ୍ୱୀକାର କରିଛି।

ଉଲ୍ଲେଖଥାଉ କି, ସାଉଦି ଆରବରେ ଇସଲାମ ଧର୍ମର ଦୁଇଟି ସବୁଠାରୁ ପବିତ୍ର ସ୍ଥଳ ମକ୍କା ଓ ମଦିନା ରହିଛି। ଏହି ଦୁଇଟି ସ୍ଥାନରେ ବହୁ ସଂଖ୍ୟାରେ ପାକିସ୍ତାନ ଭିକାରୀମାନେ ନିଜର ଡେରା ପକାଇଛନ୍ତି। ଗତବର୍ଷ ମଧ୍ୟ ସାଉଦି ଆରବ ପାକିସ୍ତାନକୁ କହିଥିଲା ଯେ, ଭିକାରୀମାନଙ୍କୁ ଉମରା ଭିସା ପ୍ରଦାନ କରାଯାଉଛି। ସେମାନେ ଏହାର ଦୂରୁପଯୋଗ କରି ମକ୍କା ଓ ମଦିନା ଭଳି ପବିତ୍ର ସହରରେ ଭିକ୍ଷା ମାଗୁଛନ୍ତି। ତେଣୁ ଏହି ପ୍ରକ୍ରିୟାକୁ ରୋକିବାପାଇଁ ପାକିସ୍ତାନ ପଦକ୍ଷେପ ଗ୍ରହଣ କରୁ ବୋଲି ସାଉଦି ଆରବ ଚେତାବନୀ ଦେଇ କହିଥିଲା। କେବଳ ସେତିକି ନୁହେଁ, ପାକିସ୍ତାନ ଭିକାରୀମାନେ ବିଦେଶୀ ତୀର୍ଥଯାତ୍ରୀଙ୍କୁ ସମସ୍ୟାରେ ମଧ୍ୟ ପକାଉଥିବା ଅଭିଯୋଗ ହେଉଛି। ୨୦୨୪ରେ ଗିରଫ ହୋଇଥିବା ମୋଟ ଭିକାରୀଙ୍କ ମଧ୍ୟରେ ୯୦ ପ୍ରତିଶତ ପାକିସ୍ତାନ ନାଗରିକ ଥିଲେ ବୋଲି ଜଣାପଡ଼ିଥିଲା।

## ଭେନେଜୁଏଲା ବିପକ୍ଷରେ ଯୁଦ୍ଧ ଘୋଷଣା କରିପାରେ ଆମେରିକା

ୱାସିଂଟନ, ୧୮ ।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲାଟିନ ଆମେରିକୀୟ ଦେଶ ଭେନେଜୁଏଲା ବିପକ୍ଷରେ ଯୁଦ୍ଧ ଘୋଷଣା କରିପାରନ୍ତି ବୋଲି ଆମେରିକା ବ୍ରଡକାଷ୍ଟର ଟକର କାର୍ଲସନ କହିଛନ୍ତି। ନିଜ ଅନଲାଇନ୍ ଶୋ 'ଜଜିଂ ଫ୍ରିଡମ୍'ରେ ଟକର ଏହି କଥା କହିଛନ୍ତି। ଆମେରିକା ଓ ଭେନେଜୁଏଲା ମଧ୍ୟରେ ଏକ ସାମରିକ ସଂଘର୍ଷ ଘଟିପାରେ ବୋଲି ଜଣେ ଆମେରିକୀୟ ସାଂସଦ ତାଙ୍କୁ କହିଥିଲେ ବୋଲି ଟକର କହିଛନ୍ତି। ବର୍ତ୍ତମାନ ଦୁଇଦେଶ ମଧ୍ୟରେ ଉତ୍ତେଜନା ଓ ତିକ୍ତତା କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଇଛି। ଟ୍ରମ୍ପ କହିଛନ୍ତି ଯେ, ଭେନେଜୁଏଲା ଆମର ତୈଳ ଓ ଶକ୍ତି ଅଧିକାର ଫେରାଇ ଦେବା ଉଚିତ। ପୂର୍ବରୁ ଏହାକୁ ଭେନେଜୁଏଲା ବେଆଇନ ଭାବେ ଛଡ଼ାଇ ନେଇଥିଲା। ଭେନେଜୁଏଲା ୧୯୭୬ରେ ଆମେରିକାର ତୈଳ କମ୍ପାନୀଗୁଡିକୁ ବଳପୂର୍ବକ ବିତାଡିତ କରିଥିଲା ଓ ସେମାନଙ୍କ ସମ୍ପତ୍ତି ଜବତ କରିଥିଲା ବୋଲି ଟ୍ରମ୍ପ କହିଛନ୍ତି। ଇତିମଧ୍ୟରେ ଭେନେଜୁଏଲାକୁ ଓ ସେଠାରୁ ଯାତ୍ରା କରୁଥିବା ନିଷିଦ୍ଧ ତୈଳ ଟ୍ୟାଙ୍କରଗୁଡିକର ସମ୍ପୂର୍ଣ୍ଣ ଅବରୋଧ ପାଇଁ ନିର୍ଦ୍ଦେଶ ଦେଇ ଟ୍ରମ୍ପ ଭେନେଜୁଏଲା ଉପରେ ଚାପ ବୃଦ୍ଧି କରିଛନ୍ତି। ତେଣୁ ଏବେ ଯୁଦ୍ଧ ଭଳି ସ୍ଥିତି ସୃଷ୍ଟି ହେବା ଅସମ୍ଭବ ନୁହେଁ ବୋଲି କୁହାଯାଇଛି।

## ଛାଡ଼ପତ୍ର ପାଇଁ ପତି-ପତ୍ନୀ ଏକବର୍ଷ ଅଲଗା ରହିବା ଜରୁରୀ ନୁହେଁ: ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ, ୧୮ ।୧୨(ଏଜେନ୍ସି): ଦିଲ୍ଲୀ ହାଇକୋର୍ଟ ଛାଡ଼ପତ୍ର ଦେବା ନେଇ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଆପୋଶ ସହମତିରେ ଛାଡ଼ପ୍ରତ ଦେବାକୁ ଚାହୁଁଥିବା ପତି-ପତ୍ନୀଙ୍କ ପାଇଁ ଗୋଟିଏ ବର୍ଷ ଅଲଗା ରହିବାର ସର୍ତ୍ତ ବାଧ୍ୟତାମୂଳକ ନୁହେଁ ବୋଲି କୋର୍ଟ କହିଛନ୍ତି। କୋର୍ଟ କହିଛନ୍ତି ଯେ, ହିନ୍ଦୁ ବିବାହ ଆଇନ୍ (ଏଚ୍ଏମ୍ଏ), ୧୯୫୫ ଅନୁଯାୟୀ ଲାଗୁ ହୋଇଥିବା ଏହି ସର୍ତ୍ତକୁ କେତୋଟି ଉଚିତ ମାମଲାରେ ଛାଡ଼ କରାଯାଇପାରିବ। ଏପରିସ୍ଥିତିରେ ସ୍ୱାମୀ ଓ ସ୍ତ୍ରୀଙ୍କୁ ବିବାହ ବନ୍ଧନରୁ ମୁକ୍ତ କରିବା ପରିବର୍ତ୍ତେ, ସେମାନଙ୍କୁ ଏକ ଅବିଶ୍ୱସ୍ତ ସମ୍ପର୍କରେ ଫସାଇ ରଖିବା ଭୁଲ ହେବ ଓ ଏହା ଉଭୟଙ୍କ ପାଇଁ ଅନାବଶ୍ୟକ ମାନସିକ ଓ ଭାବନାତ୍ମକ ଚାପ ସୃଷ୍ଟି କରିବ ବୋଲି କୋର୍ଟ କହିଛନ୍ତି। ଆଇନ୍ ଅନୁଯାୟୀ ପରସ୍ପର ସମ୍ମତିରେ ଛାଡ଼ପତ୍ର ଦେବା ପାଇଁ ଆବେଦନ ଦାଖଲ କରିବାର ସମୟସୀମା ସମ୍ପର୍କରେ ମାର୍ଗଦର୍ଶନ ପାଇଁ ଏକ ଡିଭିଜନ ବେଞ୍ଚ୍ ଦେଇଥିବା ଏକ ରାୟର ଜବାବରେ କୋର୍ଟ ଏହି ସ୍ପଷ୍ଟୀକରଣ ଦେଇଛନ୍ତି। ଜଷ୍ଟିସ ନବୀନ ଚାୱାଲା, ଅନୁପ ଜୟରାମ ଭାମ୍ଭାନୀ ଓ ରେଣୁ ଭଟ୍ଟନାଗରଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ କହିଛନ୍ତି ଯେ, ଏଚ୍ଏଏ ଧାରା ୧୩ବି(୧) ଅନୁଯାୟୀ ଗୋଟିଏ ବର୍ଷ ପାଇଁ ସ୍ୱାମୀ ସ୍ତ୍ରୀ ପୃଥକ ରହିବାର ଆଇନଗତ ସର୍ତ୍ତ ବାଧ୍ୟତାମୂଳକ ନୁହେଁ ବୋଲି କହିଛନ୍ତି।

## ଆଜିର ରାଶିଫଳ

ମେଷ: ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

ବୃଷ: ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

ମିଥୁନ: ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

କର୍କଟ: ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

ସିଂହ: ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

କନ୍ୟା: ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ତୁଳା: ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

ବିଛା: ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

ଧନୁ: ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଚିଡ଼୍‌ଚିଡ଼ା ଦେଖା ଦେବ।

ମକର: ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

କୁମ୍ଭ: ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ ହେବ।

ମୀନ: ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୯୩୨- ବିବିସି (ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେସନ୍) ବିଦେଶରେ ପ୍ରସାରଣ ଆରମ୍ଭ କଲା।
- ୧୯୫୦- ଆଧ୍ୟାତ୍ମିକ ଗୁରୁ ଦଲାଇଲାମା ତିବ୍ବତ ଛାଡ଼ିଲେ।
- ୧୯୬୬- ଏସୀୟ ବିକାଶ ବ୍ୟାଙ୍କର ଆରମ୍ଭ ହେଲା।
- ୨୦୦୭- ଟାଇମ୍ ପତ୍ରିକା ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କୁ 'ପର୍ସନ୍ ଅଫ୍ ଦ ଇୟର୍' ଘୋଷଣା କଲା।
- ୨୦୧୮- ଜାମ୍ମୁ କାଶ୍ମୀରରେ ରାଷ୍ଟ୍ରପତି ଶାସନ ଲାଗୁ ହେଲା।



## ବରଫରେ ଶୋଇ ରହି ବିଶ୍ୱ ରେକର୍ଡ

ଶୀତଦିନେ ଲୋକେ ଥଣ୍ଡାରୁ ରକ୍ଷା ପାଇବା ପାଇଁ ସ୍ୱେଟର୍, ମଫଲର୍, ଜ୍ୟାକେଟ୍ ଆଦି ପିନ୍ଧନ୍ତି। ଏହାବ୍ୟତୀତ ଅନେକ ଲୋକ ଏହିଦିନେ ଥଣ୍ଡା ପାଣି ବଦଳରେ ଗରମ ପାଣିରେ ଗାଧୋଇବାକୁ ପସନ୍ଦ କରନ୍ତି। ଏହି କ୍ରମରେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଭାଇରାଲ ହୋଇଛି ଯେଉଁଥିରେ ଜଣେ ବ୍ୟକ୍ତିଙ୍କ ମୁହଁ ବ୍ୟତୀତ ପୂରା ଶରୀର ବରଫରେ ଢାଙ୍କି ହୋଇଥିବାର ଦେଖାଯାଇଛି। ଏହି ବ୍ୟକ୍ତିଙ୍କ ନାମ ଲୁକାଜ ସୁନାର। ଲୁକାଜ କେବଳ ହାଫ୍ ପ୍ୟାଣ୍ଟଟିଏ ପିନ୍ଧିଛନ୍ତି। ଏଭଳି ଅବସ୍ଥାରେ ସେ ବରଫ ଉପରେ ଶୋଇ ଯାଉଛନ୍ତି। ଏହାପରେ କିଛି ଲୋକ ଆସି ତାଙ୍କ ଉପରେ ବରଫ ଲଦୁଛନ୍ତି। ତେବେ ଏଥିରେ କେବଳ ତାଙ୍କ ମୁହଁ ଓ ବେକ ଦେଖାଯାଉଛି। ପୂରା ଶରୀର ବରଫ ମଧ୍ୟରେ ଢାଙ୍କି ହୋଇ ରହୁଛି। ଭିଡିଓରେ ଲୁକାଜ ଅତ୍ୟଧିକ ଥଣ୍ଡା କାରଣରୁ ଥରୁଥିବାର ମଧ୍ୟ ଦେଖାଯାଉଛି। ତଥାପି ସେ ହାର୍ ମାନୁନାହାନ୍ତି। ଏଭଳି ଅବସ୍ଥାରେ ସେ ଅଢ଼େଇ ଘଣ୍ଟା ବିତାଇ ଦେଉଛନ୍ତି। ଏହାପରେ ଲୁକାଜଙ୍କ ନାମ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି। ଗିନିଜ୍ ବିଶ୍ୱ ରେକର୍ଡର ଅଫିସିଆଲ ସାଇଟ୍‌ରେ ଲୁକାଜଙ୍କ ରେକର୍ଡ କରିବାର ଭିଡିଓ ସେୟାର କରାଯାଇଥିଲା। ଏହି ଭିଡିଓକୁ ଏବେ ସୁଦ୍ଧା ୪୫ ଲକ୍ଷ ଥର ଦେଖାଯାଇଛି। ଲୋକେ ଲୁକାଜଙ୍କର ଧୈର୍ଯ୍ୟ ଓ ସାହସକୁ ପ୍ରଶଂସା କରିଛନ୍ତି।


## 'ଅବତାର ୩'ରେ 'ରାମାୟଣ'ର ପ୍ରୋମୋ



ବଲିଉଡ୍ ଅଭିନେତା ରଣବୀର ସିଂହ ଏବେ 'ରାମାୟଣ' ଫିଲ୍ମକୁ ନେଇ ଚର୍ଚ୍ଚାରେ। ଏହା ତାଙ୍କ କ୍ୟାରିୟରର ସବୁଠୁ ଭଲ ଫିଲ୍ମ ହେବ ବୋଲି କୁହାଯାଉଛି। କିଛି ଦିନ ପୂର୍ବରୁ ଏହାର ପ୍ରଥମ ଝଲକ ଜାରି ହୋଇଥିଲା। ଦର୍ଶକେ ଏହାକୁ ଖୁବ୍ ପସନ୍ଦ କରିଥିଲେ। ନିର୍ଦ୍ଦେଶକ ନିତେଶ ତିୱାରୀ ଏବେ ଏହାର ପ୍ରୋମୋକୁ ଥ୍ରୀଡିରେ ଆଣିବା ପାଇଁ ଯୋଜନା କରିଛନ୍ତି। ସବୁଠୁ ବଡ଼ କଥା ହେଉଛି, ଜେମସ୍ କ୍ୟାମରୁନ୍‌ଙ୍କ 'ଅବତାର: ଫାୟାର ଆଣ୍ଡ ଆଶ୍' ସହ 'ରାମାୟଣ'ର ଥ୍ରୀଡି ପ୍ରୋମୋକୁ ଥିଏଟରରେ ରିଲିଜ୍ କରାଯିବ। ତେବେ ଫିଲ୍ମ ରିଲିଜ୍ ପୂର୍ବରୁ ଏହାର ପ୍ରୋମୋକୁ ସିନେମାହଲରେ ରିଲିଜ୍ କରିବା ଏକ ଐତିହାସିକ ପଦକ୍ଷେପ ହେବ। ଡିସେମ୍ବର ୧୯ରେ ଦର୍ଶକେ 'ଅବତାର ୩' ଦେଖିବା ପୂର୍ବରୁ ସେମାନଙ୍କୁ ପ୍ରଥମେ 'ରାମାୟଣ'ର ପ୍ରୋମୋ ଦେଖାଯିବ। ଆଠ ଥର ଓସ୍କାର ଜିତିଥିବା ଭିଜୁଆଲ ଇଫେକ୍ଟ ଷ୍ଟୁଡିଓ 'ଡିଏନ୍‌ଇଜି' ଏହାର ପ୍ରୋମୋ ଭିଜୁଆଲ ପ୍ରସ୍ତୁତ କରିଛି। 'ରାମାୟଣ' ଦୁଇଟି ପାର୍ଟରେ ଆସିବ। ଏହାର ପ୍ରଥମ ପାର୍ଟ ୨୦୨୬ ଦୀପାବଳି ଓ ଏହାର ଦ୍ୱିତୀୟ ପାର୍ଟ ୨୦୨୭ ଦୀପାବଳି ଅବସରରେ ଆସିବ। ଏଥିରେ ରଣବୀର କପୁର ଭଗବାନ ଶ୍ରୀରାମ, ସାଇପଲ୍ଲବୀ ମାତା ସୀତା ଓ ଯଶ୍ ରାବଣ ଭୂମିକାରେ ନଜର ଆସିବେ। 'ରାମାୟଣ'ର ବଜେଟ୍ ୪୦୦୦ କୋଟି ରହିଛି।

## ଅଣ୍ଡା ବି ହୋଇପାରେ କ୍ଷତିକାରକ

ପ୍ରୋଟିନ୍‌ର ଉତ୍ତମ ଉତ୍ସ ହେଉଛି ଅଣ୍ଡା। ଅନେକ ଲୋକ ଏକାଥରକେ ୧୦-୧୫ ଅଣ୍ଡା କିଣି ସାଇତି ରଖନ୍ତି। ଏହାଦ୍ୱାରା ବାରମ୍ବାର ଅଣ୍ଡା ଆଣିବା ଚିନ୍ତା ଦୂର ହୁଏ। ସେହିପରି ଲୋକେ ଅଣ୍ଡାକୁ ଫ୍ରିଜ୍‌ରେ ସାଇତି ଦୀର୍ଘ ସମୟ ପର୍ଯ୍ୟନ୍ତ ବ୍ୟବହାର କରନ୍ତି। ହେଲେ ଅନ୍ୟ ଜିନିଷ ଭଳି ଅଣ୍ଡାର ମଧ୍ୟ ଏକ୍ସପାୟାରି ଡେଟ୍ ଅଛି। ଏକ୍ସପାୟାରି ଅଣ୍ଡା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ବେଶ୍ ବିପଜ୍ଜନକ ହୋଇଥାଏ। ଏପରିକି ଏହାକୁ ଖାଇବା ଦ୍ୱାରା ଫୁଡ୍ ପଏଜନିଂ ହେବାର ଆଶଙ୍କା ରହିଛି। ତେବେ ଅଣ୍ଡା ସାଲମୋନେଲା ଜୀବାଣୁ ଯୋଗୁଁ ଖରାପ ହୋଇଥାଏ। ଏହି ଜୀବାଣୁ ଯୋଗୁ ଫୁଡ୍ ପଏଜନିଂ ହୋଇଥାଏ। ଯେତେଯେତେ ଏହି ଜୀବାଣୁ ବୃଦ୍ଧି ପାଏ, ଅଣ୍ଡା ଖରାପ ବା ନଷ୍ଟ ହେବା ଆରମ୍ଭ କରେ। ସମୟ ସହିତ ଅଣ୍ଡାର ଗୁଣବତ୍ତା ମଧ୍ୟ ହ୍ରାସ ପାଏ। ଏଭଳି ସ୍ଥିତିରେ ଅଣ୍ଡା ଭିତରେ ପବନର ମାତ୍ରା ଅଧିକ ହୋଇ ଅଣ୍ଡା ଶୁଷ୍କ ହୋଇଯାଏ। ତେବେ ଯଦି ଅଣ୍ଡାଟି ଭାଙ୍ଗି ନାହିଁ, ତେବେ ସମ୍ପୂର୍ଣ୍ଣ ଅଣ୍ଡାଟି ୩ ରୁ ୫ ସପ୍ତାହ ପର୍ଯ୍ୟନ୍ତ ଖାଇବା ସୁରକ୍ଷିତ। ଯଦିଓ



ଅଣ୍ଡାକୁ ଫ୍ରିଜରରେ କିଛି ସମୟ ପାଇଁ ରଖାଯାଇପାରିବ, ତଥାପି ଏକ ନିର୍ଦ୍ଦିଷ୍ଟ ସମୟ ପରେ ଏହାର ଗୁଣବତ୍ତା ହ୍ରାସ ପାଇଥାଏ। ଦୀର୍ଘ ସମୟ ପର୍ଯ୍ୟନ୍ତ ଅଣ୍ଡା ସାଇତି ରଖୁଥିଲେ ଏବଂ ଏହା ଖରାପ ହେବା ସନ୍ଦେହ କରୁଥିଲେ ଏହାକୁ ପାଣିରେ ପକାଇ ଜାଣି ହେବ ଅଣ୍ଡା ଭଲ ଅଛି କି ନାହିଁ। ପାଣିରେ ଭାସୁଥିବା ଅଣ୍ଡା ଖରାପ ହୋଇଥାଏ। ଏହାବାଦ୍ ଅଣ୍ଡାକୁ ହଲାଇବା ବେଳେ ସେଥିରୁ ଶବ୍ଦ ହେଲେ ଏହା ନଷ୍ଟ ହୋଇଯାଇଥିବା ଦିଗକୁ ଇଙ୍ଗିତ କରେ। ଅନ୍ୟପଟେ ଅଣ୍ଡା ଖୋଳପାର ରଙ୍ଗ ବଦଳିଥିଲେ ଅଣ୍ଡା ଖରାପ ହୋଇଯାଇଥିବା ସ୍ପଷ୍ଟ ହୋଇଥାଏ। ସେହିପରି ଅଣ୍ଡା ଖରାପ ହୋଇଯାଇଥିଲେ ଏଥିରୁ ଏକ ଅଜବ ଦୁର୍ଗନ୍ଧ ଆସେ। ତେଣୁ ଏହାକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଭଲ ରଖିବା ପାଇଁ ଅଣ୍ଡାକୁ ତା'ର କାର୍ଟୁନ ସହିତ ଥଣ୍ଡା ଓ ଆଲୋକ ପଡୁ ନ ଥିବା ସ୍ଥାନରେ ରଖିବା ଉଚିତ। ସେହିଭଳି ଅଣ୍ଡାକୁ ଫ୍ରିଜ୍‌ରେ ୩-୫ ସପ୍ତାହ ପର୍ଯ୍ୟନ୍ତ ରଖି ବ୍ୟବହାର କରାଯାଇ ପାରିବ।

# ସଞ୍ଜୀବନୀ

## ବନ୍ ପରୀକ୍ଷା

**ବୃକ୍କ ମନୁଷ୍ୟ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ରକ୍ତ ସଫା କରିବା ସହ ଶରୀରର ବର୍ଜ୍ୟକୁ ବାହାର କରେ। କୌଣସି କାରଣରୁ ବୃକକ୍ କାମ ନ କଲେ ସ୍ୱାସ୍ଥ୍ୟସମସ୍ୟା ଦେଖାଦିଏ। ବୃକ୍କଜନିତ ସମସ୍ୟାର ଜଟିଳତାକୁ ବୁଝିବାକୁ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଏ। ସେମିତି ଏକ ପରୀକ୍ଷା ହେଉଛି ବନ୍ (BUN)ଟେଷ୍ଟ।**



ବନ୍ ବା ବିୟୁଏନ୍ ଟେଷ୍ଟର ଅର୍ଥ 'ବ୍ଲଡ୍ ୟୁରିୟା ନାଇଟ୍ରୋଜେନ୍' ପରୀକ୍ଷା। ଏହି ରକ୍ତ ପରୀକ୍ଷାରେ ରକ୍ତରେ ୟୁରିୟା ନାଇଟ୍ରୋଜେନ୍ ସ୍ତର ମପାଯାଏ। ୟୁରିୟା ନାଇଟ୍ରୋଜେନ୍ ଏକ ବର୍ଜ୍ୟ ଉତ୍ପାଦ। ଏହା ଶରୀରରେ ପ୍ରୋଟିନ୍ ଭାଙ୍ଗିବା ପରେ ସୃଷ୍ଟି ହୋଇଥାଏ। ସାଧାରଣତଃ ବୃକ୍କ ରକ୍ତରୁ ୟୁରିୟା ନାଇଟ୍ରୋଜେନ୍‌କୁ ବାହାର କରି ଦେଇଥାଏ। ଯେତେବେଳେ ବୃକ୍କ୍ ଠିକ୍ ଭାବେ କାମ ନ କରେ ବିୟୁଏନ୍ ସ୍ତର ବଢ଼ିଯାଏ। ବିୟୁଏନ୍ ସ୍ତର ଜାଣିବାକୁ ରକ୍ତ ପରୀକ୍ଷା କରାଯାଏ। ଡିହାଇଡ୍ରେସନ୍, ବୃକ୍କ ଅଚଳ ଆଦି ବିଷୟରେ ଜାଣିବାକୁ ଏହି ପରୀକ୍ଷା ମଧ୍ୟ କରାଯାଇଥାଏ। ବ୍ୟକ୍ତିଙ୍କ ବୟସ, ଲିଙ୍ଗ ଅନୁସାରେ ବିୟୁଏନ୍‌ସ୍ତର ବଦଳୁଥାଏ। ବିୟୁଏନ୍ ପରୀକ୍ଷା ଫଳାଫଳକୁ ଏମ୍‌ଜି/ଡିଏଲ୍‌ରେ ମପାଯାଏ। ବୃକ୍କର ସୁସ୍ଥତା ପାଇଁ ରକ୍ତଚାପ ସନ୍ତୁଳିତ ରଖିବା ଜରୁରି। ବୃକ୍କ ଜନିତ ସମସ୍ୟା ଥିଲେ ମନ ଇଚ୍ଛା ଔଷଧ ସେବନ ନ କରି ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ ସହ ଉଚିତ ପରିମାଣର ପାଣି ପିଇବା ଆବଶ୍ୟକ।

## ରେଟିନା ଜଣାଇବ ରୋଗ

ଅଧୁନା ପ୍ରତ୍ୟେକ କ୍ଷେତ୍ରରେ ଏଆଇର ଉପଯୋଗ କରାଯାଉଛି। ଏହି କ୍ରମରେ ଅଷ୍ଟ୍ରେଲିଆର ବୈଜ୍ଞାନିକ ଏକ ଏଆଇ ଟୁଲ ବିକଶିତ କରୁଛନ୍ତି। ଯାହାକି ଆଖିରୁ ରୋଗ ବିଷୟରେ ଜଣାପଡ଼ିବ। ଏହି ଏଆଇ ଟୁଲ ଆଖି ରେଟିନାର ଫଟୋକୁ ବିଶ୍ଳେଷଣ କରି ହୃତ୍‌ପିଣ୍ଡ ଏବଂ ବୃକ୍କ ସହିତ ଜଡିତ ରୋଗକୁ ଚିହ୍ନଟ କରିବ। ଏହି ଟୁଲ୍‌ଟିକୁ ବନାଇବାର ନେତୃତ୍ୱ ମୋନାଶ ବିଶ୍ୱବିଦ୍ୟାଳୟ ନେଇଛି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି, 'ଉନ୍ନତ ଏଆଇ ମଡେଲ' ତିଆରି କରିବା। ଏହି ସ୍ୱତନ୍ତ୍ର ଏଆଇ ମଡେଲ ରେଟିନାର ଫଟୋକୁ ସ୍କାନ୍ କରିବ। ରେଟିନା ଛବି ମାଧ୍ୟମରେ ଯେଉଁ ରୋଗ ପୂରା ଶରୀରକୁ ପ୍ରଭାବିତ କରେ ତାହାକୁ ଚିହ୍ନଟ କରିବ। ହୃତ୍‌ପିଣ୍ଡ ଓ ବୃକ୍କର ରୋଗ ଚିହ୍ନଟରେ ସାହାଯ୍ୟ କରିବ। ଫଳରେ ସଠିକ୍ ସ୍କ୍ରିନିଂ ସହ ରୋଗର ଚିକିତ୍ସା ଓ ନିୟନ୍ତ୍ରଣ କରାଯାଇପାରିବ। ଏନେଇ ଗବେଷକମାନେ ଏଆଇ କୌଶଳ ଉପଯୋଗରେ ହଜାର ଲୋକଙ୍କ ସ୍ୱାସ୍ଥ୍ୟ ତଥ୍ୟ ଓ ରେଟିନା ଫଟୋ ଉପରେ ଅଧ୍ୟୟନ କରିଥିଲେ। ଏହି କୌଶଳଟି ପାରମ୍ପରିକ ପରୀକ୍ଷାଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେବ। ମୋନାଶ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଝୋଙ୍ଗୟୁଆନ୍ କୁହନ୍ତି, ଏହି ମଡେଲଟି ଦଶନ୍ଧିଧରି ଚିହ୍ନଟ ନ ହୋଇଥିବା ତଥ୍ୟ ପାଇଁ ନୂତନତମ ଏଆଇ ପଦ୍ଧତିଗୁଡିକ ପ୍ରୟୋଗ କରିବ। ଏହା ଆଧାରରେ ମଲ୍ଟିମଡେଲ ଏଆଇ ମଡେଲ ତିଆରି କରାଯାଉଛି। ଯାହା ଗୋଟିଏ ସମୟରେ ଅନେକ ରୋଗ ଚିହ୍ନଟ କରିବାରେ ସକ୍ଷମ ହେବ। ଏହି ପରୀକ୍ଷଣ ଦ୍ୱାରା ରେଟିନା ଫଟୋରୁ ସହଜରେ କମ୍ ସମୟରେ ରୋଗର ପ୍ରାରମ୍ଭିକ ସ୍ଥିତି ବିଷୟରେ ଜଣାପଡ଼ିବ। ହୃତ୍‌ପିଣ୍ଡ ଏବଂ ବୃକ୍କର ସ୍ଥିତିକୁ ଆକଳନ କରାଯିବାକୁ ଏହି ପରୀକ୍ଷା ବ୍ୟବହାର କରାଯିବ। ଭବିଷ୍ୟତରେ ଏହି ଏଆଇ ଦ୍ୱାରା ଶୀଘ୍ର ରୋଗ ଚିହ୍ନଟ ଓ ଚିକିତ୍ସା ଦ୍ୱାରା ରୋଗକୁ ନିୟନ୍ତ୍ରଣ କରାଯାଇପାରିବ।



## 'ସକାଳ'ର ସ୍ୱାସ୍ଥ୍ୟ

## ଜିଭ କର୍କଟ



**ଜିଭରେ ହେଉଥିବା କର୍କଟକୁ ଜିହ୍ୱା ବା ଜିଭ କର୍କଟ କୁହାଯାଏ। ଏହି କର୍କଟ ଜିଭ କୋଷରୁ ଆରମ୍ଭ ହୋଇଥାଏ। ଜିଭର ପୃଷ୍ଠଭାଗରେ ସଂକ୍ରମିତ ହୋଇ ପାଟିରେ ବ୍ୟାପି ଯାଇପାରେ। ଜିଭକୁ ଅନେକ ପ୍ରକାରର କର୍କଟ ରୋଗ ଆକ୍ରାନ୍ତ କରିପାରେ। ତେଣୁ ପ୍ରାଥମିକ ଅବସ୍ଥାରୁ ଜିଭ କର୍କଟ ଚିହ୍ନଟ କରି ଚିକିତ୍ସା ଯୋଗାଇବା ନିହାତି ଆବଶ୍ୟକ।**

କେଉଁମାନଙ୍କୁ ଅଧିକ ବିପଦ: ଧୂମପାନ, ମଦ୍ୟପାନ, ତମାଖୁ ସେବନ, ବଂଶାନୁଗତ, ଏଚ୍‌ପିଭି ସମ୍ପର୍କରେ ଆସିବା ଦ୍ୱାରା ଜିଭ କର୍କଟ ହେବା ଆଶଙ୍କା ଅଧିକ ଥାଏ। ମହିଳାଙ୍କ ତୁଳନାରେ ପୁରୁଷ ଏହି କର୍କଟରେ ଅଧିକ ଆକ୍ରାନ୍ତ ହୁଅନ୍ତି। ବୟସ୍କ, ମୁଖଗହ୍ୱରର ଅସ୍ୱଚ୍ଛତା, ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ଥିବା ବ୍ୟକ୍ତିଙ୍କୁ ଜିଭ କର୍କଟ ହେବାର ବିପଦ ଅଧିକ ଥାଏ।

ଲକ୍ଷଣ: ଜିଭ କର୍କଟର ଆରମ୍ଭରୁ ଲକ୍ଷଣଗୁଡ଼ିକ ସାଧାରଣ ସମସ୍ୟା ପରି ଦେଖାଯାଏ। ତେଣୁ ଏହାକୁ ଚିହ୍ନିବା ସହଜ ହୋଇ ନ ଥାଏ। ଏହି ରୋଗ ଆରମ୍ଭରୁ ଜିଭରେ ଧଳା ଦାଗ, ଗଳା ଦରଜ, କଥା ଅସ୍ପଷ୍ଟ ଶୁଭିବା, କହିବାରେ ସମସ୍ୟା, ଜିଭ ବାହାର କରିବାରେ ଅସୁବିଧା, ତଣ୍ଟିରେ ଅଟକି ଯିବା ପରି ଲାଗିବା, ଜିଭ ଝିମ୍ ଝିମ୍ ଲାଗିବା, ଢୋକିବା ସମୟରେ ଜିଭ କାମ ନ କରିବା, ସ୍ୱର ପରିବର୍ତ୍ତନ, ମାଢ଼ି ଫୁଲିବା, କାଶରେ ରକ୍ତ ପଡ଼ିବା କିମ୍ବା କାନ ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଯାଇପାରେ। ରୋଗର ସ୍ତର ଯଦି ତୃତୀୟ କିମ୍ବା ଚତୁର୍ଥସ୍ତରରେ ଥାଏ, ଜିଭ କର୍କଟ ସହ ବେକ ଫୁଲା ହୋଇପାରେ। ତେଣୁ ଜିଭ ପୃଷ୍ଠଭାଗରେ ପରିବର୍ତ୍ତନ ଦେଖାଗଲେ କିମ୍ବା ଜିଭରୁ ରକ୍ତ କ୍ଷରଣ ହେଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି।

ଚିକିତ୍ସା: ପ୍ରାରମ୍ଭିକ ପର୍ଯ୍ୟାୟରେ ରୋଗ ଚିହ୍ନଟ ହେଲେ, ସର୍ଜରୀ, କେମୋଥେରାପି, ବିକିରଣ ଚିକିତ୍ସା, ବ୍ରାକି ଥେରାପି ଏବଂ କିଛି ନିର୍ଦ୍ଦିଷ୍ଟ ଔଷଧ ଦ୍ୱାରା କରାଯାଇଥାଏ। ଯଦି ଜିଭ କର୍କଟ ବିଳମ୍ବରେ ଚିହ୍ନଟ ହୁଏ, ଡାକ୍ତର ଜିଭରେ କର୍କଟ ଅଂଶକୁ ବାହାର କରିଦେଇଥାନ୍ତି। ଏହି ପ୍ରଣାଳୀକୁ ଗ୍ଲୋସେକ୍ଟମି କୁହାଯାଏ। ଯଦି ଜିଭର ଏକ ଛୋଟ ଅଂଶ କଢ଼ାଯାଏ, ସର୍ଜନ ଜିଭ ପୁନଃନିର୍ମାଣ ସର୍ଜରୀ କରିଥାନ୍ତି। ତେଣୁ ତମାଖୁ, ଗୁଟ୍‌ଖା, ମଦ୍ୟପାନ, ଧୂମପାନରୁ ଦୂରେଇ ରହିବା ଦରକାର। ମୁଖ ଗହ୍ୱରର ସ୍ୱଚ୍ଛତାକୁ ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ।



## ସ୍ୱାସ୍ଥ୍ୟପ୍ରଦ ପୁଦିନା

**ପୁଦିନାରେ ମେନ୍ଥଲ, ଆଣ୍ଟି ଅକ୍ସିଡାଣ୍ଟ, ଭିଟାମିନ୍-ସି', ଆଦି ରହିଛି। ଆୟୁର୍ବେଦ ଅନୁସାରେ, ପୁଦିନା ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାର କରିବାରେ ସାହାଯ୍ୟ କରେ। ତେଣୁ ଶୀତଦିନେ ପୁଦିନା ଜୁସ୍ ପିଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର।**

- ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶରେ ପୁଦିନା ପତ୍ର କିମ୍ବା ପୁଦିନା ଜୁସ୍ ପିଇଲେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଭୋକ ବଢ଼େ। ପୁଦିନାରେ ମେନ୍ଥଲ ଥିବାରୁ କାଶ ଦୂର ହୁଏ। ଥଣ୍ଡା, ନାକ ଖୋଲିବା, ଗଳା ଦରଜ ଆଦିରୁ ଉପଶମ ମିଳିଥାଏ।
- ଶୀତଦିନେ ସାଧାରଣତଃ ପାଚନ ଶକ୍ତି ଧୀମା ହୁଏ। ଗ୍ୟାସ୍, ହାକୁଡି, ବଦହଜମି ଆଦି ଦେଖାଯାଏ। ତେଣୁ ପୁଦିନା ପତ୍ର ଖାଇଲେ ହଜମ ଶକ୍ତି ବୃଦ୍ଧି ହୁଏ। ଏହାର ଜୁସ୍ ପିଇଲେ ପେଟ ଥଣ୍ଡା ରହେ। ଚର୍ମଜନିତ ସମସ୍ୟା ଦୂର ହୁଏ।

## ସୁସ୍ଥ ମନ ସୁସ୍ଥ ଶରୀର

## ମାଇସୋଫୋବିଆ

ଫୋବିଆ ଏକ ପ୍ରକାର ମାନସିକ ଅବସ୍ଥା। ଯେଉଁଥିରେ ଜଣେ ବ୍ୟକ୍ତି କୌଣସି ବସ୍ତୁ କିମ୍ବା ଅବସ୍ଥା ପ୍ରତି ନିରନ୍ତର ଭୟ କରିଥାନ୍ତି। ଫୋବିଆ ରୋଗ ବିଭିନ୍ନ ପ୍ରକାରର ରହିଛି। ତନ୍ମଧ୍ୟରୁ ମାଇସୋଫୋବିଆରେ ଅନେକ ପୀଡ଼ିତ। ଏହି ରୋଗରେ ପୀଡ଼ିତ କୀଟାଣୁ, ମଇଳାରୁ ବଞ୍ଚିବାକୁ ଚେଷ୍ଟା କରନ୍ତି। ଯେକୌଣସି ସାମଗ୍ରୀରୁ କୀଟାଣୁ ଏବଂ ମଇଳା ଥିବା ଅନୁଭବ କରି ତାହାକୁ ବାରମ୍ବାର ସଫା କରନ୍ତି।

- ପୀଡ଼ିତ ବ୍ୟକ୍ତି କୌଣସି ବସ୍ତୁ ବା ସାମଗ୍ରୀକୁ ଅଧିକବାର ସଫା କରନ୍ତି। କାହା ସହିତ ହାତ ମିଶାଇବା ପରେ ବି ଧାତକୁ ବାରମ୍ବାର ଧୁଅନ୍ତି। କୀଟାଣୁରୁ ରୋଗ ବ୍ୟାପିବାକୁ ନେଇ ଚିନ୍ତା, ଏକାଧିକ ଥର ହାତ ଧୋଇବା ଏହି ରୋଗର ଲକ୍ଷଣ। ଭୟ, ଶ୍ୱାସକ୍ରିୟାରେ ସମସ୍ୟା, ମୁଣ୍ଡ ବୁଲାଇବା, ତୀବ୍ର ହୃଦ୍‌ସ୍ପନ୍ଦନ ଆଦି ଶାରୀରିକ ଲକ୍ଷଣ ଦେଖାଯାଏ। ରୋଗର ତୀବ୍ରତା ବଢ଼ି ସେମାନଙ୍କ ଦୈନନ୍ଦିନ ଏବଂ ସାମାଜିକ ଜୀବନରେ ବାଧା ସୃଷ୍ଟି ହୁଏ।
- ମନୋସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା ଏହି ରୋଗ ନିୟନ୍ତ୍ରଣ ହୁଏ। ହାତ ମିଶାଇବାର ୫ରୁ ୧୦ ମିନିଟ୍ ଯାଏଁ ହାତ ନ ଧୋଇବାକୁ ବ୍ୟାୟାମ କରାଯାଇଥାଏ। ସିବିଟି ଏବଂ ଏକ୍ସପୋଜର ଥେରାପିର ସାହାଯ୍ୟ ନିଆଯାଏ। କେତେକ ମାମଲାରେ ଔଷଧ ଦିଆଯାଏ।



ଭାରତ-ଦକ୍ଷିଣ ଆଫ୍ରିକା ଶେଷ ଟି-୨୦ ଆଜି

# ବୁମ୍ରା ଫେରିଲେ, ଗିଲ୍‌ଙ୍କୁ ନେଇ ସନ୍ଦେହ

ଅହମ୍ମଦାବାଦ୍,୧୮ ।୧୨(ଏଜେନ୍ସି):



ଆୟୋଜକ ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ଟୁର୍‌ର ଶେଷ ମୁକାବିଲା ବା ୫ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ଶେଷ ଲଢ଼େଇ ଆସନ୍ତାକାଲି ଏଠାରେ ଖେଳାଯିବ। ଏହା ପୂର୍ବରୁ ଲକ୍ଷ୍ନୌରେ ଖେଳାଯିବାକୁ ଥିବା ଚତୁର୍ଥ ଟି-୨୦ ମ୍ୟାଚ୍‌ଟି ପ୍ରବଳ କୁହୁଡ଼ି ଯୋଗୁ ବାତିଲ କରିବାକୁ ପଡ଼ିଥିଲା। ଫଳରେ ଗୋଟିଏ ମ୍ୟାଚ୍ ବାକିଥାଇ ଭାରତ ୨-୧ ଆଗୁଆ ରହିବା ଫଳରେ ଏହି ସିରିଜ୍‌ରେ ଦଳ ଆଉ ହାରିବ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଭାରତ ଖେଳିଥିବା ଗତ ୧୪ଟି ସିରିଜ୍‌ରେ ଦଳ ମାତ୍ର ଥରେ ସିରିଜ୍‌କୁ ସମାନସ୍ତରରେ ରଖିବାରେ ସମର୍ଥ ହୋଇଛି। ଏଠାରେ ବିଜୟୀ ହେଲେ ଭାରତର ଟି-୨୦ ବିଶ୍ୱକପ୍ ପ୍ରସ୍ତୁତି ଠିକଣା ବାଟରେ ରହିବ। କେବଳ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫର୍ମକୁ ଫେରିବା ଚିନ୍ତାର କାରଣ ହୋଇଛି। ଅନ୍ୟ ପକ୍ଷରେ ଟେଷ୍ଟ ସିରିଜ୍‌କୁ ୨-୦ରେ ଜିତିବା, ଶେଷ ଦିନିକିଆରେ ଦଳର ଜବରଦସ୍ତ ବିଜୟ ପରେ ଏବେ ସଫଳତା ଓ ସମ୍ମାନର ସହ ଟି-୨୦ ସିରିଜ୍‌କୁ ବରାବର ସ୍ଥିତିରେ ରଖି ସ୍ୱଦେଶ ଫେରିବାକୁ ଦକ୍ଷିଣ ଆଫ୍ରିକା ନିଶ୍ଚିତ ଚେଷ୍ଟା କରିବ।

ଖେଳାଳିମାନଙ୍କ ସମ୍ପର୍କରେ ସୂଚନାଅନୁଯାୟୀ ଯଶପ୍ରୀତ୍ ବୁମ୍ରା ନିଜ ହୋମ୍‌ଟାଉନ୍‌ରେ ଖେଳିବା ଲାଗି ଦଳକୁ ଫେରିଛନ୍ତି। ବ୍ୟକ୍ତିଗତ କାରଣ ଯୋଗୁ ସେ ଚତୁର୍ଥ ମ୍ୟାଚ୍ ଲାଗି ଅନୁପସ୍ଥିତ ଥିଲେ। ପାଦରେ ଆଘାତ ଲାଗିବା କାରଣରୁ ଉପଅଧିନାୟକ ଶୁବମନ ଗିଲ୍‌ଙ୍କୁ ଚତୁର୍ଥ ମ୍ୟାଚ୍‌ରୁ ବାଦ୍ ଦିଆଯାଇଥିଲା। ତାଙ୍କ ଫିଟ୍‌ନେସ ଉପରେ କୌଣସି ଅପ୍‌ଡେଟ କେହି ଦେଇ ନାହାନ୍ତି। ସେ ଯଦି ଅନ୍‌ଫିଟ ରୁହନ୍ତି, ତେବେ ସଞ୍ଜୁ ସାମସନଙ୍କୁ ଖେଳିବା ଲାଗି ଦ୍ୱିତୀୟ ସୁଯୋଗ ମିଳିବାରେ। ଘନ କୁହୁଡ଼ି ଯୋଗୁ ସେ ପ୍ରଥମ ମ୍ୟାଚ୍ ଖେଳିବା ସୁଯୋଗ ହରାଇଥିଲେ। ଭାରତର ସବୁଠାରୁ ବଡ଼ ଚିନ୍ତାହେଲା ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଫର୍ମ ଚିନ୍ତା। ଗତ ଅକ୍ଟୋବର ପରେ ସେ ଗୋଟିଏ ହେଲେ ଅର୍ଦ୍ଧଶତକ ହାସଲ କରିନାହାନ୍ତି। ଗତ ୨୦ଟି ଇନିଂସରେ ସେ ୨୩୯ ରନ ସଂଗ୍ରହ କରିଛନ୍ତି। ଭାରତ ମ୍ୟାଚ୍ ଜିତୁଥିବାରୁ ତାଙ୍କ ଫର୍ମକୁ ନେଇ ବିଶେଷ ଆଲୋଚନା ହେଉନାହିଁ। ତଥାପି ଫର୍ମହୀନତା ଯୋଗୁ ଭାରତୀୟ ଟିମ୍ ମ୍ୟାନେଜ୍‌ମେଣ୍ଟ ଚିନ୍ତାରେ ରହିଛି।

### କୁହୁଡ଼ି ଓ ଟସ୍‌ର ପ୍ରଭାବ ପଡ଼ିବ ନାହିଁ

ଦେଶର ଅନ୍ୟଭାଗ ଭଳି ଏଠାରେ ଘନ କୁହୁଡି ଦେଖିବାକୁ ମିଳିନାହିଁ। ଦିନରେ ସର୍ବାଧିକ ତାପମାତ୍ର ୩୦ ଡିଗ୍ରୀଯାଏ ରହୁଛି। ଏଠାରେ କାକରର ପ୍ରଭାବ ସେପରି ନାହିଁ। ଏଣୁ ଟସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ନୁହେଁ। ସୂଚନାଯୋଗ୍ୟ ଏଠାରେ ଖେଳାଯାଇଥିବା ଗତ ୭ଟି ଦିବାରାତ୍ର ମୁକାବିଲାରେ ପ୍ରଥମେ ବ୍ୟାଟିଂ କରିଥିବା ଦଳ ୬ଥର ମ୍ୟାଚ୍ ଜିତିଛି। ଏଣୁ ଟସ୍ କିମ୍ବା କାକରର ପ୍ରଭାବ ଏତେ ଅନୁଭୂତ ହେବ ନାହିଁ ବୋଲି ଆଶା କରାଯାଉଛି। ପୂର୍ବରୁ ଖେଳାଯାଇଥିବା ୩ଟି ଯାକ ମୁକାବିଲା ଏକତରଫା ହୋଇଛି। ଶେଷରେ କଡ଼ାମୁକାବିଲା ହେଉ ବୋଲି ସମସ୍ତେ ଆଶା କରୁଛନ୍ତି।

## ବିସିସିଆଇ ନୁହେଁ; ଟିକଟ ଅର୍ଥ ଫେରାଇବ ୟୁପି କ୍ରିକେଟ ସଂଘ

ନୂଆଦିଲ୍ଲୀ,୧୮ ।୧୨(ଏଜେନ୍ସି): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଲକ୍ଷ୍ନୌରେ ଖେଳାଯିବାକୁ ଥିବା ଚତୁର୍ଥ ଟି-୨୦ ମ୍ୟାଚ୍‌ଟି ଗୋଟିଏ ବଲ ବୋଲିଂ ହେବା ପୂର୍ବରୁ ବାତିଲ କରାଯାଇଥିଲା। ଘନ କୁହୁଡି ଯୋଗୁ ଏପରି କରିବାକୁ ପଡ଼ିଥିଲା। କିନ୍ତୁ ବିସିସିଆଇ ନିୟମ ଅନୁଯାୟୀ ଏହି ମ୍ୟାଚ୍ ଦେଖିବାକୁ ଟିକଟ କିଣିଥିବା ଦର୍ଶକମାନେ ସମସ୍ତ ଅର୍ଥ ଫେରିପାଇବା କଥା। କିନ୍ତୁ ଏ ସମ୍ପର୍କରେ କେହି କିଛି ଘୋଷଣା କରିନାହାନ୍ତି। କିନ୍ତୁ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆଙ୍କ ମତରେ ଏହି ଅର୍ଥ ଆୟୋଜକ ସଂଘ ଫେରସ୍ତ କରିବ। ଏହାର ଅର୍ଥ ଲକ୍ଷ୍ନୌରେ ଖେଳାଯିବାକୁ ଥିବା ମ୍ୟାଚର ଆୟୋଜନ ୟୁପି କ୍ରିକେଟ ସଂଘ ଉପରେ ଥିଲା ଓ ଗୋଟିଏ ବଲ ବୋଲିଂ ନ ହୋଇ ମ୍ୟାଚ୍ ବାତିଲ ହୋଇଥିବାରୁ ଏହି ଅର୍ଥ ୟୁପି ସଂଘ ଫେରାଇବ ବୋଲି ସାଇକିଆ ସ୍ପଷ୍ଟ କରିଛି। ୟୁପି ସଂଘ କେବେ ଏହି ଟିକଟ ଅର୍ଥ ଫେରାଇବ ତାହାକୁ ସମର୍ଥକମାନେ ଅପେକ୍ଷା କରି ରହିଛନ୍ତି।

ଫିଫା ବିଶ୍ୱକପ୍-୨୦୨୬

## ଚାମ୍ପିଅନ ଦଳକୁ ୪୫୧ କୋଟି

ଜୁରିକ, ୧୮ ।୧୨ (ଏଜେନ୍ସି): ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଆରମ୍ଭ ହେବାକୁ ଆହୁରି ୧୭୪ ଦିନ ବାକି ରହିଛି। କିନ୍ତୁ ୬ ମାସ ପୂର୍ବରୁ ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା 'ଫିଫା' ପକ୍ଷରୁ ଏହି ମେଗା ଟୁର୍ଣ୍ଣାମେଣ୍ଟ ଲାଗି ପୁରସ୍କାର ରାଶି ବଢ଼ିଛି। ଯାହା କ୍ରୀଡ଼ାପ୍ରେମୀଙ୍କୁ ଚକିତ କରିଛି। ଆଗାମୀ ବିଶ୍ୱକପ୍‌ରେ ପୁରସ୍କାର ଆକାରରେ ମୋଟ୍ ୬୫୫ ମିଲିୟନ ଡଲାର ପ୍ରଦାନ କରାଯିବ। ଭାରତୀୟ ମୁଦ୍ରାରେ ଏହା ପ୍ରାୟ ୫,୯୦୮ କୋଟି ଟଙ୍କା ହେବ। ଚାମ୍ପିଅନ ଦଳ ପୁରସ୍କାର ବାବଦକୁ ୫୦ ମିଲିୟନ ଡଲାର (ପାଖାପାଖି ୪୫୧କୋଟି) ଘରକୁ ନେବ। ଯାହାକି ୨୦୨୨ ଓ ୨୦୧୮ ସଂସ୍କରଣ ତୁଳନାରେ ଢେର ଅଧିକ। ୨୦୨୨ ଓ ୨୦୧୮ ସଂସ୍କରଣରେ ଯଥାକ୍ରମେ ୪୨ ମିଲିୟନ ଓ ୩୮ ମିଲିୟନ ଡଲାର ଚାମ୍ପିଅନ ଦଳକୁ ମିଳିଥିଲା। ସେହିଭଳି ଯଦି ମୋଟ୍ ପୁରସ୍କାର ଉପରେ ନଜର ପକାଯାଏ ତେବେ ୨୦୨୨ରେ ୪୪୦ ମିଲିୟନ ଡଲାର ପୁରସ୍କାର ଆକାଦରରେ ଦିଆଯାଇଥିଲା। ଅପରପକ୍ଷରେ ଯୋଗ୍ୟତା ଅର୍ଜନ କରିଥିବା ସମସ୍ତ ୪୮ଟି ମହାସଂଘକୁ ପୂର୍ବ ପ୍ରସ୍ତୁତି ସକାଶେ ୧.୫ ମିଲିୟନ ଦିଆଯିବ।



**ପୁରସ୍କାର ରାଶି (କୋଟିରେ)**

| | |
|---|---|
| ମୋଟ୍ ପୁରସ୍କାର | ୫,୯୦୮ |
| ଚାମ୍ପିଅନ | ୪୫୧ |
| ରନର୍ସଅପ୍ | ୨୯୭ |
| ତୃତୀୟ ସ୍ଥାନ | ୨୬୧ |
| ଚତୁର୍ଥ ସ୍ଥାନ | ୨୪୩ |
| କ୍ୱାର୍ଟର ଫାଇନାଲିଷ୍ଟ | ୧୭୧ |
| ପ୍ରି-କ୍ୱାର୍ଟର | ୧୩୫ |
| ରାଉଣ୍ଡ- ୩୨ | ୯୯ |
| ଗ୍ରୁପ୍ ପର୍ଯ୍ୟାୟ | ୮୧ |
| ପ୍ରସ୍ତୁତି ଲାଗି | ୧୩ |

ସୟଦ ମୁସ୍ତାକ ଅଲି ଟି-୨୦

## ଝାଡ଼ଖଣ୍ଡକୁ ପ୍ରଥମ ଟାଇଟଲ୍

**ଇଶାନଙ୍କ ଶତକ**

ପୁଣେ,୧୮ ।୧୨(ଏଜେନ୍ସି): ଓପନର ତଥା ଅଧିନାୟକ ଇଶାନ କିସାନଙ୍କ ବିସ୍ଫୋରକ ଶତକ ବଳରେ ଝାଡଖଣ୍ଡ ଚଳିତବର୍ଷର ସୟଦ ମୁସ୍ତାକ ଅଲି ଟି-୨୦ ଟ୍ରଫିରେ ପ୍ରଥମଥର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। କିସାମ ୪୯ ବଲ୍‌ରେ ୬ ଚୌକା ଓ ୧୦ ଛକା ସହ ୪୯ ବଲ୍‌ରେ ୧୦୧ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଝାଡ଼ଖଣ୍ଡ ୩ ୱିକେଟରେ ୨୬୨ ରନ୍ କରିଥିଲା। ଜବାବରେ ହରିଆଣା ୧୮.୩ ଓଭରରେ ୧୯୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ୱିକେଟ ରକ୍ଷକ ୟଶବର୍ଦ୍ଧନ ଦଲାଲ ୫୩, ସାମନ୍ତ ଝାକଡ଼ ୩୮ ଓ ନିଶାନ୍ତ ସିନ୍ଧୁ ୩୧ ରନ୍‌ର ଯୋଗଦାନ ଦେଇଥିଲେ। ବିଜୟୀ ଝାଡ଼ଖଣ୍ଡ ପକ୍ଷରୁ ବାଲ କିଶୋର ଓ ସୁଶାନ୍ତ ମିଶ୍ର ୩ଟି ଲେଖାଏଁ, ଉତ୍କର୍ଷ ସିଂ ଓ ଅନୁକୂଳ ରୟ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଇଶାନ କିସାନଙ୍କୁ ଫାଇନାଲ ମ୍ୟାଚ୍‌ର ଓ ଅନୁକୂଳ ରୟଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ମନ୍ନତା ମିଶ୍ରଙ୍କୁ ରୌପ୍ୟ

ଭୁବନେଶ୍ୱର,୧୮ ।୧୨(ସମିସ): ଚେନ୍ନଇର ଆଜି ଆରମ୍ଭ ହୋଇଥିବା ଆନ୍ତଃବିଶ୍ୱବିଦ୍ୟାଳୟ ଜଳକ୍ରୀଡ଼ାରେ କିଟ୍‌ର ମନ୍ନତା ମିଶ୍ର ରୌପ୍ୟ ପଦକ ପାଇଛନ୍ତି। ମହିଳା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌କୁ ସେ ୨ମିନିଟ୍ ୪୪.୦୫ ସେକେଣ୍ଡରେ ଅତିକ୍ରମ କରି ଦ୍ୱିତୀୟ ସ୍ଥାନରେ ରହିବା ସହ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଅନ୍ୟ କେହି ପ୍ରଥମ ଦିନରେ ପଦକ ଜିତିବାରେ ସମର୍ଥ ହୋଇ ନାହାନ୍ତି।



## ସନ୍ତୋଷ ଟ୍ରଫି ଓଡ଼ିଶା ଦଳ ଘୋଷିତ

କଟକ,୧୮ ।୧୨(ସମିସ): ୭୯ତମ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ସନ୍ତୋଷ ଟ୍ରଫିର ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ଆରମ୍ଭ ହେବାକୁ ଯାଉଛି। ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଛତିଶଗଡ ନାରାୟଣପୁରରେ ଗ୍ରୁପ-ଏଫ'ର ସମସ୍ତ ମ୍ୟାଚ୍ ଖେଳାଯିବ। ଏହି ଗ୍ରୁପରେ ସାମିଲ ହୋଇଥିବା ଓଡ଼ିଶା ପ୍ରଥମ ମୁକାବିଲାରେ ମଧ୍ୟପ୍ରଦେଶକୁ ଭେଟିବ। ଏହି ପରିପ୍ରେକ୍ଷୀରେ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ୨୦ଜଣିଆ ରାଜ୍ୟ ଦଳ ଆଜି ଘୋଷଣା କରାଯାଇଛି। ସୌମ୍ୟରଞ୍ଜନ ଦାସ, ସିଦ୍ଧାନ୍ତ ପ୍ରଧାନ, ରାକେଶ ଓରାମ, ଅଶୋକ ବାଗ, ବିଶାଲ ଟିଗା, ଅବିନାଶ ମୁଦୁଲି, ପିଣ୍ଟୁ ସାମଲ, ହରିଶଙ୍କର ନାୟକ, ଅର୍ପଣ ଲାକ୍ରା, ରଞ୍ଜନ ସୋରେନ, ଚନ୍ଦ୍ରମୋହନ ମୁର୍ମୁ, ଗୌରବ ନେଗୀ, ମହେଶ ହାଁସଦା, ଗଣେଶ ସେଠୀ, ସୁରେଶ ଖାଡିଆ, ଅରବିନ ଲାକ୍ରା, ଜିତୁ ମୁଦୁଲି, କାର୍ତ୍ତିକ ହାନ୍ତାଳ, ଶ୍ରୀକାନ୍ତ ଗଡବ, ରାଇସେନ ଟୁଡୁ ଦଳରେ ସ୍ଥାନ ପାଇଛନ୍ତି। ମୁଖ୍ୟ କୋଚ୍-ଅକ୍ଷୟ ଦାସ, ସହକାରୀ କୋଚ-ଚିତ୍ତରଞ୍ଜନ ବେହେରା, ମ୍ୟାନେଜର-ଗଙ୍ଗାଧର ବେହେରା, ଫିଜିଓ-ସରୋଜ କୁମାର ଦାସ।

## ବିବାଦରେ ପାକିସ୍ତାନ କବାଡ଼ି ଖେଳାଳି ରାଜପୁତ

**ଭାରତର ଏକ ଟିମ୍ ପକ୍ଷରୁ ଖେଳି ଫଶିଲେ**

ନୂଆଦିଲ୍ଲୀ, ୧୮ ।୧୨ (ଏଜେନ୍ସି): ପାକିସ୍ତାନ ତାରକା କବାଡ଼ି ଖେଳାଳି ଉବେଦୁଲ୍ଲା ରାଜପୁତ ବିବାଦ ଘେରରେ ଫଶିଯାଇଛନ୍ତି। ବାହାରିନରେ ଗତ ୧୬ ତାରିଖରେ ଅନୁଷ୍ଠିତ ଘରୋଇ କବାଡ଼ି ଟୁର୍ଣ୍ଣାମେଣ୍ଟ ଜିସିସି କପ୍‌ରେ ଉବେଦୁଲ୍ଲା ଭାରତର ଏକ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଭାରତୀୟ ଜର୍ସି ପରିଧାନ କରି ଭାରତୀୟ ପତାକା ତଳେ ଖେଳୁଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ଉବେଦୁଲ୍ଲାଙ୍କ ବିରୋଧରେ ପାକିସ୍ତାନ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ପାକିସ୍ତାନ କବାଡ଼ି ମହାସଂଘ (ପିକେଏଫ୍)ର ସମ୍ପାଦକ ରାଣା ସରୱାର କହିଛନ୍ତି, 'ଏହି ଘଟଣାକୁ ଗୁରୁତର ସହ ନିଆଯାଇ ଆସନ୍ତା ୨୭ ତାରିଖରେ ଏକ ଜରୁରୀକାଳୀନ ବୈଠକ ଡକାଯାଇଛି। ଯେଉଁଥିରେ ରାଜପୁତ ଓ ଅନ୍ୟକିଛି ଖେଳାଳିଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ଆଲୋଚନା ହେବ'। ସମ୍ପାଦକ ରାଣା ଆହୁରି ମଧ୍ୟ ଦାବି କରିଛନ୍ତି ଯେ ଏହା ଏକ ପ୍ରାଇଭେଟ ଟୁର୍ଣ୍ଣାମେଣ୍ଟ ଥିଲା। ଯେଉଁଥିରେ ବିଭିନ୍ନ ଦେଶର ଖେଳାଳିଙ୍କୁ ନେଇ ଟିମ୍ ଗଠନ କରାଯାଇଥିଲା। ଆୟୋଜକଙ୍କ ଦ୍ୱାରା ଏହି ଟିମଗୁଡ଼ିକୁ ଭାରତ, ପାକିସ୍ତାନ, କାନାଡା, ଇରାନ ଆଦି ନାମିତ କରାଯାଇଥିଲା। ନାମକରଣ ଅନୁସାରେ ସମସ୍ତ ଦେଶରେ ମୂଳ ଖେଳାଳି ଥିଲେ। କିନ୍ତୁ ଆବେଦୁଲ୍ଲା ଭାରତୀୟ ଜର୍ସି ପରିଧାନ କରି ଭାରତ ପକ୍ଷରୁ ଖେଳିଥିଲେ। ଯାହାକି ଗ୍ରହଣୀୟ ନୁହେଁ।



ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ

## ସେମିରେ ତମାଣ୍ଡୋ

ଭାପୁର,୧୮ ।୧୨(ସମିସ): ରାଜଧାନୀ ଉପକଣ୍ଠସ୍ଥ ତମାଣ୍ଡୋ କ୍ରିକେଟ କ୍ଲବ୍ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଫତେଗଡ଼ ଯୁବସଂଘ ଆନୁକୂଲ୍ୟରେ ନାଳିସାଗର ଖେଳ ପଡ଼ିଆରେ ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ତମାଣ୍ଡୋ ୫ ୱିକେଟରେ ଭାଇଜାଗ୍‌ର ନଭସିପ ଚାମ୍ପିଅନ୍ସକୁ ହରାଇ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ଗତକାଲି ଅନୁଷ୍ଠିତ ପ୍ରଥମ କ୍ୱାର୍ଟରରେ ବିଜୟ ହାସଲ କରି କଳାହାଣ୍ଡି କ୍ରିକେଟ ଆସୋସିଏସନ ସେମିରେ ପ୍ରବେଶ କରିଥିଲା। ଆସନ୍ତାକାଲି ଖେଳାଯିବାକୁ ଥିବା ପ୍ରଥମ ସେମିରେ ତମାଣ୍ଡୋ ସହ କଳାହାଣ୍ଡିର ମୁକାବିଲା ହେବ।

ଆଜିର କ୍ୱାର୍ଟର ଫାଇନାଲ ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ଭାଇଜାଗ୍ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୧୫୦ ରନ୍ କରିଥିଲା। ଜବାବରେ ତମାଣ୍ଡୋ କ୍ରିକେଟ କ୍ଲବ୍ ୧୫.୩ ଓଭରରେ ୫ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ୧୫୨ ରନ୍ ସଂଗ୍ରହ କରିନେଇଥିଲା। ଭାଇଜାଗ୍‌ର ପ୍ରଥମ ୩ଟି ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଥିବା ତମାଣ୍ଡୋର ନମନ ଧ୍ରୁବ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଆଜିର ଅତିଥିଭାବେ ମନୋଜ କୁମାର ପ୍ରଧାନ ଏହି ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟାର ଦୁର୍ଗାପ୍ରସାଦ ପଟ୍ଟନାୟକ ଓ ଆଶୁତୋଷ ପାଣି ଖେଳ ପରିଚାଳନା କରିଥିଲେ।




## ଇକ୍ୱେଡର ଫୁଟ୍‌ବଲ ଖେଳାଳି ପିନୈଦାଙ୍କୁ ଗୁଳି କରି ହତ୍ୟା

କ୍ୱିଟୋ, ୧୮ ।୧୨ (ଏଜେନ୍ସି): ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ଇକ୍ୱେଡର ଫୁଟ୍‌ବଲ ଦଳର ଡିଫେଣ୍ଡର ମାରିଓ ପିନୈଦାଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଗତକାଲି ଗୁୟାକ୍ୱେଲ ସହରରେ ଏକ ଦୋକାନ ସାମ୍ନାରେ ଦୁଇଜଣ ଦୁର୍ବୃତ୍ତ ମୋଟର ସାଇକେଲରେ ଆସି ମାରିଓ, ତାଙ୍କ ମା ଓ ଅନ୍ୟଜଣେ ମହିଳାଙ୍କ ଉପରକୁ ଆଖିବୁଜା ଗୁଳିଚାଳନା କରିଥିଲେ। ଯେଉଁଥିରେ ୩୩ ବର୍ଷୀୟ ପିନୈଦାଙ୍କ ମୃତ୍ୟୁ ଘଟିଥିବା ନେଇ ଇକ୍ୱେଡର ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏକ ସ୍ୱତନ୍ତ୍ର ପୁଲିସ ୟୁନିଟ୍ ଏହାର ତଦନ୍ତ କରୁଥିବା ଜଣାପଡ଼ିଛି। ମାରିଓ ୨୦୧୪ରୁ ୨୦୨୧ ପର୍ଯ୍ୟନ୍ତ ଇକ୍ୱେଡର ଜାତୀୟ ଦଳ ପକ୍ଷରୁ ୯ଟି ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିଥିଲେ।

## କୁଚ୍ ବିହାର ଟ୍ରଫି: ଓଡ଼ିଶା ଅଗ୍ରଣୀ

କଟକ,୧୮ ।୧୨(ସମିସ): କ୍ରମାଗତ ୪ଟି ମ୍ୟାଚ୍‌ରେ ପରାଜୟ ବରଣ କରି କୁଚ୍ ବିହାର ଟ୍ରଫିରେ ଅଭିଯାନ ଶେଷ କରିଥିବା ଓଡ଼ିଶା ଦଳ ହିମାଚଳପ୍ରଦେଶ ବିପକ୍ଷରେ ପାଳି ଅଗ୍ରଣୀ ହାସଲ କରିଛି। ବଲାଙ୍ଗିର ଗାନ୍ଧି ଷ୍ଟାଡିୟମରେ ଖେଳାଯାଉଥିବା ଏହି ମ୍ୟାଚ୍ ଡ୍ର ଅଭିମୁଖେ ଗତି କରୁଛି। ହିମାଚଳପ୍ରଦେଶର ପ୍ରଥମ ପାଳି ୧୮୧ରନ ଜବାବରେ ଓଡ଼ିଶା ୩୫୮ରନ ସଂଗ୍ରହ କରିଥିଲା। ଅଧିନାୟକ ସମ୍ବିତ ବେଜା ୧୦୦ ରନ୍‌ର ପାଳି ଖେଳିଥିଲେ। ନିମ୍ନକ୍ରମର ବ୍ୟାଟର ଆଦିତ୍ୟ ଆନନ୍ଦ ୭୩ ରନ ସଂଗ୍ରହ କରିଥିଲେ। ତେବେ ୧୭୭ ରନରେ ପଛୁଆ ରହିବା ପରେ ଭ୍ରମଣକାରୀ ହିମାଚଳପ୍ରଦେଶ ଦ୍ୱିତୀୟ ଇନିଂସରେ ଗୁରୁବାର ମ୍ୟାଚ୍‌ର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୩ ୱିକେଟ ବିନିମୟରେ ୨୧୨ରନ କରିଛି। ହିମାଚଳପ୍ରଦେଶ ୩୫ ରନର ଅଗ୍ରଣୀ ହାସଲ କରିଛି।

### ରେକର୍ଡ ତ୍ରି-ଶତକୀୟ ଭାଗୀଦାରି

**କନୱେ- ୧୭୮, ଲାଥମ- ୧୩୭**

ମାଉଣ୍ଟ ମାଉଙ୍ଗନୁଇ, ୧୮ ।୧୨ (ଏଜେନ୍ସି): ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପକ୍ଷରେ ଗୁରୁବାର ଆରମ୍ଭ ହୋଇଥିବ ଅନ୍ତିମ ତଥା ୩ୟ ଟେଷ୍ଟରେ ନ୍ୟୁଜିଲାଣ୍ଡ ମଜଭୁତ ସ୍ଥିତିରେ ରହିଛି। ଦୁଇ ଓପନର୍ ଟମ୍ ଲାଥମ ଓ ଡେଭନ କନୱେଙ୍କ ଦମ୍‌ଦାର ଶତକୀୟ ପାଳି ବଳରେ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଷ୍ଟମ୍ପ ସୁଦ୍ଧା ୯୦ ଓଭରରେ ଗୋଟିଏ ୱିକେଟ୍ ହରାଇ ୩୩୪ ରନର ସମ୍ମାନଜନକ ସ୍କୋର କରିଛି। ଷ୍ଟମ୍ପବେଳକୁ କନୱେ ୨୫ ଚୌକା ସହ ୨୭୯ ବଲରୁ ୧୭୮ ରନ ଓ ଜାକବ ଡଫି ୯ ରନ କରି ଅପରାଜିତ ରହିଛନ୍ତି। ଏକମାତ୍ର ବ୍ୟାଟର୍ ଭାବେ ଅଧିନାୟକ ଲାଥମ ୨୪୬ ବଲରେ ୧୩୭ ରନ କରି କେମାର ରୋଚ୍‌ଙ୍କ ବଲରେ ଆଉଟ୍ ହୋଇଛନ୍ତି। ଆଉଟ୍ ହେବା ପୂର୍ବରୁ କନୱେଙ୍କ ସହ ଲାଥମ ଓପନିଂ ୱିକେଟ୍‌ରେ ୫୨୦ ବଲରୁ ୩୨୩ ରନର ଭାଗୀଦାରି ଗଢ଼ିଛନ୍ତି। ଟେଷ୍ଟ କ୍ରିକେଟ୍‌ରେ ଓପନିଂ ୱିକେଟ୍ ଯୋଡ଼ିରେ ନ୍ୟୁଜିଲାଣ୍ଡର ଏହା ଦ୍ୱିତୀୟ ସର୍ବାଧିକ ପାର୍ଟନରସିପ୍। ଏଥିପୂର୍ବରୁ ୧୯୭୨ରେ ସମାନ ୱେଷ୍ଟଇଣ୍ଡିଜ ବିପକ୍ଷରେ ଗ୍ଲେନ ଟର୍ଣ୍ଣର ଓ ଟେରୀ ଜାର୍ଭିସ ୩୮୭ ରନର ରେକର୍ଡ ଭାଗୀଦାରି ଗଢ଼ିଥିଲେ।



ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ

## ସହରାଞ୍ଚଳ ସେମିରେ ଫୁଲବାଣୀ-ଢେଙ୍କାନାଳ

ନନ୍ଦନକାନନ/ବାରଙ୍ଗ,୧୮ ।୧୨(ସମିସ): ଉତ୍ତର ଭୁବନେଶ୍ୱର କଲ୍ୟାଣପୁର ପଞ୍ଚାୟତ ଗଣ୍ଡରପୁର କୁଆଖାଇ ନଦୀପଠା ବିଜୁପଟ୍ଟନାୟକ ମିନିଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ୫ମ ଦିବସରେ ସହରାଞ୍ଚଳ ବିଭାଗରେ ଢେଙ୍କାନାଳର ମା ମଙ୍ଗଳା କ୍ଲବ ୩-୧ ଗୋଲରେ ୟୁନାଇଟେଡ଼ ସି-୧କ୍ଲବ ବିହାରକୁ ହରାଇ ସେମିଫାଇନାଲରେ ସ୍ଥାନ ପକା କରିଛି। ଏହି ଖେଳରେ ଗ୍ରାମାଞ୍ଚଳ 'ଏ'ଡିଭିଜନର ପ୍ରଥମ ମ୍ୟାଚରେ ମା ମଙ୍ଗଳା କ୍ଲବ ଗୋଠପୁର ୪-୩ ଟାଇ ବ୍ରେକର ଗୋଲ ଜରିଆରେ ବଜରଙ୍ଗ କ୍ଲବ ଘାଟିକିଆକୁ ହରାଇ ସେମିଫାଇନାଲକୁ ଯାଇଛି। ଦ୍ୱିତୀୟ ମ୍ୟାଚରେ ସ୍ୱର୍ଣ୍ଣଦେବୀ କ୍ଲବ ବଉଳକୁଦ ୨-୦ ଗୋଲରେ ମଦନ ମୋହନକ୍ଲବ ଉଷୁମାକୁ ହରାଇ ସେମିଫାଇନାଲ କୁ ପ୍ରବେଶ କରିଛି। ଗ୍ରାମାଞ୍ଚଳ-ବି'ବିଭାଗରେ ବାରଙ୍ଗ ବେୟାର ୫-୪ ଟାଇ ବ୍ରେକର ଜରିଆରେ ଆଲାମ ଗିରି କ୍ଲବ ସାଇଁଶୋକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଥିବା ବେଳେ, ଦ୍ୱିତୀୟ କୃଷକ ବନ୍ଧୁ କ୍ଲବ ତଣ୍ଡିକଣା ୫-୪ଟାଇ ବ୍ରେକର ଗୋଲରେ ଉତ୍ତମାପୁରକୁ ହରାଇ ସେମିରେ ପ୍ରବେଶ କରିଛି। ମୁଖ୍ୟ ଅତିଥିଭାବେ ମଧ୍ୟ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଭାସ୍କର ଚନ୍ଦ୍ର ରାଉତ,ଜିତେନ୍ଦ୍ର ସେନାପତି,ମନୋଜ ଦାସ,କାଶୀନାଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମ୍ୟାଚ ଗୁଡିକୁ ରେଫରୀ ସୁଦୀପ୍ ଦାସ,ଟୁଟୁ ବାହିନୀପତି,ବ୍ରହ୍ମନନ୍ଦ ଭୋଇ,ସଂଜୀବ ଦାସ, ଜ୍ୟୋତି ରଞ୍ଜନ ସ୍ୱାଇଁ ଓ ରାଜୁ ମହାନ୍ତି ପରିଚାଳନା କରିଥିବାବେଳେ ହାସ୍ୟ ଅଭିନେତା ରଙ୍କନିଧି ରାଉତ ଧାରା ବିବରଣୀ ଦେଇଥିଲେ। ଶୁକ୍ରବାର ସହରାଞ୍ଚଳ ବିଭାଗରେ ସୁରଜ ଏଫସି ଫୁଲବାଣୀ ଓ ମା ମଙ୍ଗଳା କ୍ଲବ ଢେଙ୍କାନାଳ ମଧ୍ୟରେ ସେମିଫାଇନାଲ ମ୍ୟାଚ ହେବ। ଗ୍ରାମାଞ୍ଚଳ ଏ ବିଭାଗରେ ମୁଣ୍ଡୁମାଣ -ବାରାହୀପୁର, ପ୍ରତାପନଗରୀ-ମଇନ୍ଦିପୁର ଏବଂ ଗ୍ରାମାଞ୍ଚଳ-ବି ବିଭାଗରେ ଟାଙ୍ଗିବନ୍ତ -ଆମଣ, ବୋଧପୁର -ସିଆରଆରଆଇ କଟକ ମଧ୍ୟରେ କ୍ୱାଟର ପର୍ଯ୍ୟାୟ ମ୍ୟାଚ ଅନୁଷ୍ଠିତ ହେବା ନେଇ ଆୟୋଜକ ୟୁନାଇଟେଡ଼ ୟୁଥ ସ୍ପୋର୍ଟ୍ସ୍ କ୍ଲବ ଗଣ୍ଡରପୁର ପକ୍ଷରୁ ହିରୋ ରାଉତ ଜଣାଇଛନ୍ତି।



## ଆଡିଲେଡ୍ ଟେଷ୍ଟ: ବ୍ୟାକ୍‌ଫୁଟ୍‌ରେ ଇଂଲଣ୍ଡ

ଆଡିଲେଡ୍, ୧୮ ।୧୨ (ଏଜେନ୍ସି):

ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ଆଡିଲେଡ୍ ଓଭାଲରେ ଚାଲିଥିବା ଆସେସ୍ ସିରିଜର ୩ୟ ଟେଷ୍ଟରେ ଇଂଲଣ୍ଡ ବ୍ୟାକ୍‌ଫୁଟ୍‌ରେ ରହିଛି। ଅଷ୍ଟ୍ରେଲିଆର ପ୍ରଥମ ପାଳି ସ୍କୋର ୩୭୧ ରନ ଜବାବରେ ଇଂଲଣ୍ଡ ଗୁରୁବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୮ ୱିକେଟ୍‌ରେ ୨୧୩ ରନ ସଂଗ୍ରହ କରିଛି। ଅଧିନାୟକ ବେନ୍ ଷ୍ଟୋକ୍ସ ୪୫ ଓ ଜୋଫ୍ରା ଆର୍ଚର ୩୦ ରନରେ ଅପରାଜିତ ରହି ଦଳକୁ ପାଳି ପଛୁଆରୁ ବଞ୍ଚାଇବା ଲାଗି ସଂଘର୍ଷ ଜାରି ରଖିଛନ୍ତି। ଦୁଇଟି ୱିକେଟ୍ ବଳକା ଥାଇ ଇଂଲଣ୍ଡ ପାଳି ପଛୁଆକୁ ଏଡ଼ାଇବା ଲାଗି ଆହୁରି ୧୫୮ ରନ ଆବଶ୍ୟକ କରୁଛି। ଆଉଟ୍ ହୋଇଥିବା ବ୍ୟାଟର୍‌ଙ୍କ ମଧ୍ୟରେ ହ୍ୟାରୀ ବ୍ରୁକ ୪୫, ବେନ ଡକେଟ ୨୯, ଜୋ ରୁଟ ୧୯ ରନ କରିଥିଲେ। ବୋଲିଂରେ ଘରୋଇ ଦଳ ପକ୍ଷରୁ ଅଧିନାୟକ ପ୍ୟାଟ୍ କମିନ୍ସ ୩ ଏବଂ ନାଥନ ଲିଅନ ଓ ସ୍କଟ ବୋଲାଣ୍ଡ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ପୂର୍ବରୁ ଜୋଫ୍ରା ଆର୍ଚର ୫ ୱିକେଟ୍ ନେଇ ଅଷ୍ଟ୍ରେଲିଆକୁ ୩୭୧ ରନରେ ଅଟକାଇଦେଇଥିଲେ। ଆଲେକ୍ସ କାରୀ ୧୦୬ ଓ ମିଚେଲ ଷ୍ଟାର୍କ ୫୪ ରନ କରିଥିଲେ।



### ପିଲାଦିନର ହିରୋ ମ୍ୟାକଗ୍ରାଙ୍କୁ ଟପିଲେ ଲିଅନ

ଅଷ୍ଟ୍ରେଲୀୟ ଭେଟେରାନ ସ୍ପିନର ନାଥନ ଲିଅନଙ୍କ ଟେଷ୍ଟ ୱିକେଟ୍ ସଂଖ୍ୟା ୫୬୪ରେ ପହଞ୍ଚିଛି। ଟେଷ୍ଟରେ ସର୍ବାଧିକ ୱିକେଟ୍ ନେବାରେ ସେ ପିଲାଦିନର ହିରୋ ଗ୍ଲେନ ମ୍ୟାକଗ୍ରା (୧୨୪ ଟେଷ୍ଟରୁ ୫୬୩ ୱିକେଟ)ଙ୍କୁ ପଛରେ ପକାଇ ଦେଇଛନ୍ତି। ୩୮ ବର୍ଷୀୟ ଲିଅନ ୧୪୧ତମ ଟେଷ୍ଟରେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ସର୍ବାଧିକ ଟେଷ୍ଟ ୱିକେଟ୍ ନେଇଥିବା ଅଷ୍ଟ୍ରେଲୀୟ ବୋଲର ତାଲିକାରେ ଶେନ ୱର୍ଣ୍ଣ (୭୦୮)ଙ୍କ ପଛକୁ ଏବେ ଲିଅନ ରହିଛନ୍ତି। ସେହିଭଳି ବ୍ରେଟ୍ ଲି (୩୧୦ ୱିକେଟ)ଙ୍କୁ ପଛରେ ପକାଇ କମିନ୍ସ (୩୧୨) ତାଲିକାର ୭ମ ସ୍ଥାନକୁ ଉଠିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS